R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୭୨
ତିଥି: ଦଶମୀ
୨୮ ମାର୍ଚ୍ଚ ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 172
28 March 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

**ପଶ୍ଚିମ ଏସିଆ ଯୁଦ୍ଧ ସଙ୍କଟ**

## ମିଳିମିଶି ପରିସ୍ଥିତିର ମୁକାବିଲା ଲାଗି ପ୍ରସ୍ତୁତ ରୁହ

ନୂଆଦିଲ୍ଲୀ, ୨୭ ।୩ : ପଶ୍ଚିମ ଏସିଆରେ ସୃଷ୍ଟି ଯୁଦ୍ଧ ପରିସ୍ଥିତି ଯୋଗୁ ଭାରତ ଉପରେ ପଡୁଥିବା ଏହାର ପ୍ରଭାବର ମୁକାବିଲା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଭର୍ଚୁଆଲ ବୈଠକରେ ଆଲୋଚନା କରିଛନ୍ତି। ତେବେ ନିର୍ବାଚନ ହେବାକୁ ଥିବା ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଏଥିରୁ ବାଦ୍ ଦିଆଯାଇଛି । ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀମାନଙ୍କ ସହ ବର୍ତ୍ତମାନ ସୃଷ୍ଟି ହୋଇଥିବା ସଙ୍କଟ ପରିସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଛି। ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ସମେତ ୨୦ ରାଜ୍ୟର ମୁଖ୍ୟମନ୍ତ୍ରୀ ଏଥିରେ ସାମିଲ ହୋଇଥିଲେ। ବୈଠକରେ ପ୍ରଧାନମନ୍ତ୍ରୀ ଅର୍ଥନୀତିକୁ ବଜାୟ ରଖିବା ସହ ବାଣିଜ୍ୟିକ ସ୍ଥାୟିତ୍ୱ, ଶକ୍ତି ସୁରକ୍ଷା ଓ ନାଗରିକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହାଛଡା ଯୋଗାଣ ଶୃଙ୍ଖଳାକୁ ଗୁରୁତ୍ୱ ଦେବାସହ ଯେଉଁମାନେ ବେଆଇନ୍ ମହଜୁଦ କରୁଛନ୍ତି ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ କହିଛନ୍ତି। ରାଜ୍ୟ ଓ ଜିଲ୍ଲା ସ୍ତରରେ ପ୍ରଶାସନ ଏ ନେଇ ତତ୍ପର ହେବାକୁ ପରାମର୍ଶ ଦେବାସହ ବିଶେଷକରି ସାରର ସଙ୍କଟ ଓ ଏହାର ବିତରଣକୁ ତଦାରଖ (୯ ପୃଷ୍ଠାରେ)



- ୨୦ ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବୈଠକ
- ତୈଳ, ସାର ଯେଭଳି ସଙ୍କଟ ନ ହେବ ଦୃଷ୍ଟି ଦିଅ
- କୋଭିଡ-୧୯ ମହାମାରୀ ଭଳି ଏକାଠି ମୁକାବିଲା କର
- ଟିମ୍ ଇଣ୍ଡିଆ ଆଭିମୁଖ୍ୟ ନେଇ କାର୍ଯ୍ୟ କର
- ବେଆଇନ୍ ମହଜୁଦ୍‌କାରୀଙ୍କୁ ଜଗ
- ଆର୍ଥିକ, ବାଣିଜ୍ୟିକ ସ୍ଥିତି ବଜାୟ ରଖ

## ଶନିବାରଠୁ ଆଇପିଏଲ୍ @ ୧୯

ନୂଆଦିଲ୍ଲୀ,୨୭।୩(ଏଜେନ୍ସି): ଆଉ କିଛି ଘଣ୍ଟାର ଅପେକ୍ଷା ପରେ ଆଇପିଏଲ-୧୯ ତମ ସଂସ୍କରଣ ବିଗୁଲ ବାଜିବ। ଉଦ୍‌ଘଟନୀ ମ୍ୟାଚରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନରାଇଜର୍ସ ବେଙ୍ଗାଲୁରୁ ମୁହାଁମୁହିଁ ହେବେ। ଏହି ମ୍ୟାଚ ବେଙ୍ଗାଲୁରୁର ଏମଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ। ଭାରତୀୟ ସମୟ ୭.୪୫ ମିନିଟରେ ଆରମ୍ଭ ହେବ ମ୍ୟାଚ।

ଏଥର ୧୦ଟି ଦଳ ମଧ୍ୟରେ ୭୪ଟି ମ୍ୟାଚ ଖେଳାଯିବ। ଭାରତର ୧୩ଟି ଭେନ୍ୟୁରେ ମାର୍ଚ୍ଚ ୨୮ରୁ ମେ ୩୧ ତାରିଖ ପର୍ଯ୍ୟନ୍ତ ଆଇପିଏଲ ହଟ୍ଟଚମଟ ଜାରି ରହିବ। ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଆଇପିଏଲ ସାରା ବିଶ୍ୱରେ ଛାଇ ଯିବ। ଗତ ୧୮ତମ ସଂସ୍କରଣ ବିଜେତା ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନରାଇଜର୍ସ ହାଇଦ୍ରାବାଦ ଉଦଘାଟନୀ ମ୍ୟାଚରେ ମୁହାଁମୁହିଁ ହୋଇ ଆଇପିଏଲ ଅଭିଯାନ ଆରମ୍ଭ କରିବେ। ତେବେ ଚଳିତ ଆଇପିଏଲ ଶେଷ ହେବା ପରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମାଲିକାନା ବଦଳିଯିବ। ଏହା ପୂର୍ବରୁ ଦଳ ଆଇପିଏଲରେ ପୂର୍ବ ସଫଳତା ଦୋହରାଇବାକୁ ଲକ୍ଷ୍ୟ ରଖିଛି। ଏଥର ବିସିସିଆଇ ପକ୍ଷରୁ କେବଳ ଲିଗ୍ ପର୍ଯ୍ୟାୟର ସୂଚୀ ଘୋଷଣା ହୋଇଛି। ଖୁବ୍ ଶୀଘ୍ର ପ୍ଲେ ଅଫ୍ସ ତଥା ଫାଇନାଲ ମ୍ୟାଚ ସୂଚୀ ପ୍ରକାଶ କରାଯିବ।

ଆଇପିଏଲର ପ୍ରସାରଣ ଅଧିକାର ଷ୍ଟାର ନେଟୱାର୍କ ହାସଲ କରିଥିବାରୁ ଡିଜିଟାଲ ପ୍ଲାଟଫର୍ମ ହଟଷ୍ଟାରରେ ଦର୍ଶକ ସଂଖ୍ୟା ରେକର୍ଡ ସୃଷ୍ଟି କରିବ ବୋଲି ଆଶା କରାଯାଇଛି। ଏକାଧିକ ଆଶା ଆଶଙ୍କା ତଥା ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଘନଘଟା ଭିତରେ ଆଇପିଏଲକୁ ସୂଚାରୁରୂପେ ଶେଷ କରିବା ପାଇଁ ବିସିସିଆଇ ଅଣ୍ଟା ଭିଡିଛି।

## ପେଟ୍ରୋଲ, ଡିଜେଲ ଉପରୁ ଉତ୍ପାଦ ଶୁଳ୍କ ହ୍ରାସ

### ପେଟ୍ରୋଲରୁ ୧୦ ଟଙ୍କା, ଡିଜେଲରେ ଶୂନ

ନୂଆଦିଲ୍ଲୀ, ୨୭ ।୩ : ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଥିବାବେଳେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଲାଗୁ ହୋଇଥିବା ଅତିରିକ୍ତ ଉତ୍ପାଦ ଶୁଳ୍କକୁ ହ୍ରାସ କରିଛନ୍ତି। ଯୁଦ୍ଧ ଯୋଗୁ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଉଥିବାରୁ ତୈଳ କମ୍ପାନୀଗୁଡ଼ିକୁ ଉତ୍ପାଦ ଶୁଳ୍କ ହାର ହ୍ରାସ କରି ବଡ ଆଶ୍ୱସ୍ତି ଦେଇଛନ୍ତି। ପେଟ୍ରୋଲ ଉପରୁ ୧୦ ଟଙ୍କା ଶୁଳ୍କ ହ୍ରାସ କରାଯାଇଥିବାବେଳେ ଡିଜେଲ ଉପରେ ଉତ୍ପାଦ ଶୁଳ୍କକୁ ଶୂନ କରାଯାଇଛି।

ବିଶ୍ୱରେ ତୈଳ ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି। ବ୍ୟାରେଲ୍ ପିଛା ଅଶୋଧିତ ତୈଳ ମୂଲ୍ୟ ୧୦୦ ଡଲାର ଅତିକ୍ରମ କରିସାରିଛି। ଭାରତର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏହି ଶୁଳ୍କ ହ୍ରାସ ନିଷ୍ପତ୍ତି ପରେ ପେଟ୍ରୋଲ ପାଇଁ ଏବେ ମାତ୍ର ୩ ଟଙ୍କା ସ୍ୱତନ୍ତ୍ର ଉତ୍ପାଦ ଶୁଳ୍କ ଦେବାକୁ ପଡ଼ିବ। ଭାରତୀୟମାନେ ଏବେ ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଆଗକୁ ୪ ରାଜ୍ୟର ବିଧାନସଭା ନିର୍ବାଚନ ଥିବାରୁ ଭୋଟରମାନେ ଅଧିକ ତୈଳ ମୂଲ୍ୟ ବୃଦ୍ଧି ହେଲେ ସମ୍ବେଦନଶୀଳ ହୋଇପାରନ୍ତି ବୋଲି ଆଶଙ୍କା କରି ଏଭଳି ପଦକ୍ଷେପ ନିଆଯାଇଥିବା ଆଲୋଚନା କରାଯାଉଛି। ୧୫ ଦିନ ମଧ୍ୟରେ ଭାରତର ତୈଳ କମ୍ପାନୀମାନେ ୭୦ ବିଲିୟନ୍ କ୍ଷତି ସହିଛନ୍ତି। ଏହାସହ ଉତ୍ପାଦ ଶୁଳ୍କ ଯୋଗୁ ସେମାନଙ୍କୁ ଅଧିକ କ୍ଷତି ହୋଇଥିଲା। ଏହି ହ୍ରାସ ପରେ ତାଙ୍କର କ୍ଷତିର ବୋଝ କମିବ ବୋଲି କୁହାଯାଉଛି। ତେବେ ଉତ୍ପାଦ ଶୁଳ୍କ ହ୍ରାସ ସତ୍ତ୍ୱେ ବି ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଅପରିବର୍ତ୍ତିତ ରହିଛି। ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ହୋଇଥିଲେ ବି ଭାରତରେ ଏହାର ପ୍ରଭାବ ପଡ଼ିନାହିଁ। ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ପାଇନାହିଁ। ଉତ୍ପାଦ ଶୁଳ୍କ ସହ ପ୍ରମୁଖ ପେଟ୍ରୋଲିୟମ୍ ଦ୍ରବ୍ୟ ଉପରେ ଲାଗୁ ହୋଇଥିବା ରପ୍ତାନୀ ଶୁଳ୍କକୁ ମଧ୍ୟ ସଂଶୋଧନ କରାଯାଇଛି। ଡିଜେଲ ରପ୍ତାନୀ ଟିକସ ଲିଟର ପିଛା ୨୧.୫ ଟଙ୍କା ବୃଦ୍ଧି କରାଯାଇଥିବାବେଳେ ଏଟିଏଫ୍ର ରପ୍ତାନୀ ଟିକସ ବାବଦରେ ଏଣିକି ଲିଟର ପିଛା ୨୯.୫ ଟଙ୍କା ଆଦାୟ ହେବ। ପେଟ୍ରୋଲରେ ରପ୍ତାନୀ ଟିକସ ପୂର୍ବଭଳି ଶୂନ ରହିଛି।

## ୨୮ ଦିନରେ ଇସ୍ରାଏଲ-ଇରାନ ଯୁଦ୍ଧ

ନୂଆଦିଲ୍ଲୀ, ୨୭ ।୩ : ଆମେରିକା-ଇସ୍ରାଏଲ ସହ ଇରାନର ଯୁଦ୍ଧ ୨୮ ଦିନରେ ପହଞ୍ଚିଲାଣି। ତେବେ ଆମେରିକା ପକ୍ଷରୁ ଆଉ ୧୦ ଦିନ ଯୁଦ୍ଧ ବିରତି ଘୋଷଣା କରାଯାଇଛି। ୧୦ ଦିନ ପର୍ଯ୍ୟନ୍ତ ଇରାନର କୌଣସି ଶକ୍ତି ଭିତ୍ତିଭୂମି ଉପରେ ଆମେରିକା ଆକ୍ରମଣ କରିବ ନାହିଁ ବୋଲି ଘୋଷଣା କରିଛି। ପୂର୍ବରୁ ୫ ଦିନର ଯୁଦ୍ଧ ବିରତି ଆମେରିକା ଘୋଷଣା କରିଥିଲା। ଆଉ ୧୦ ଦିନ ଘୋଷଣା ହେବାପରେ ଏହା ଏପ୍ରିଲ ୬କୁ ବୃଦ୍ଧି ପାଇଛି। ତେବେ ଇରାନର ଅଧିକାରୀମାନେ ଆମେରିକାର ଏହି ପ୍ରସ୍ତାବକୁ ଏକପାଖିଆ ନୁହେଁ ବୋଲି ମତ ଦେଇଛନ୍ତି।

ତେବେ ଯୁଦ୍ଧ ବନ୍ଦ ପାଇଁ ମଧ୍ୟସ୍ଥତା କରୁଥିବା ପାକିସ୍ତାନ ପକ୍ଷରୁ କୁହାଯାଇଛି ଯେ ୱାସିଂଟନ୍ ଓ ତେହେରାନ୍ ମଧ୍ୟରେ ବାର୍ତ୍ତା ବିନିମୟ କରାଯାଇଛି। ତୁର୍କୀ ଓ ଇଜିପ୍ଟ ମଧ୍ୟ ଏହି ମଧ୍ୟସ୍ଥତା ପ୍ରଚେଷ୍ଟାକୁ ସମର୍ଥନ କରୁଛନ୍ତି। ଯୁଦ୍ଧ ଶେଷ ପାଇଁ ସମସ୍ତେ ଆଗ୍ରହୀ ଥିବାବେଳେ ଏହି କୂଟନୈତିକ ପ୍ରଚେଷ୍ଟା ଆରମ୍ଭ କରାଯାଇଛି। ଅପରପକ୍ଷରେ ଇରାନ ତା'ର ଆକ୍ରମଣ ଇସ୍ରାଏଲ ଉପରେ ଜାରି ରଖିଛି। ଇସ୍ରାଏଲ ସମେତ କୁଏତ୍, ୟୁଏଇ, ସାଉଦିଆରବ, ଜୋର୍ଡାନରେ ଇରାନ ପକ୍ଷରୁ ଡ୍ରୋନ୍ ଓ ମିଶାଇଲ ମାଡ କରାଯାଇଛି। ଟ୍ରମ୍ପ ଯୁଦ୍ଧ ବିରତି ଘୋଷଣା କରିବା ସହ ଆଲୋଚନା ସକରାତ୍ମକ ହେଉଛି ଓ ବୁଝାମଣା ଚାଲିଛି ବୋଲି ମତ ରଖିଛନ୍ତି। ଇରାନର ୫ ଦଫା ପ୍ରସ୍ତାବକୁ ଗ୍ରହଣ କରାଯାଇପାରୁନାହିଁ। ଇରାନ ହରମୁଜ୍ ପ୍ରଣାଳୀକୁ ଖୋଲିବା ପାଇଁ ରାଜି ହେଉନାହିଁ। ତେହେରାନ୍ ପକ୍ଷରୁ କୁହାଯାଇଛି ଯେ ଇରାନ ଏବେ ଯୁଦ୍ଧ ଉପରେ ଫୋକସ (୯ ପୃଷ୍ଠାରେ)



- ଆଉ ୧୦ ଦିନ ଆମେରିକାର ଯୁଦ୍ଧ ବିରତି
- ଇରାନର ଶକ୍ତି କ୍ଷେତ୍ରରେ କରିବନି ଆକ୍ରମଣ
- ଆମେରିକା ନିଷ୍ପତ୍ତିକୁ ଏକତରଫା କହିଲା ଇରାନ

## ୧୩ ଗୁଣ ବଢ଼ିଛି ଓଡ଼ିଶାକୁ ରେଳବାଇ ବ୍ୟୟବରାଦ: ରେଳମନ୍ତ୍ରୀ

ନୂଆଦିଲ୍ଲୀ, ୨୭।୩ : ବିଗତ କିଛି ବର୍ଷ ମଧ୍ୟରେ ରେଳ ବଜେଟରେ ଓଡ଼ିଶାକୁ ଦିଆଯାଇଥିବା ବ୍ୟୟବରାଦ ଉଲ୍ଲେଖନୀୟଭାବେ ବୃଦ୍ଧି ପାଇଛି। ୨୦୦୯ରୁ ୨୦୧୪ ମଧ୍ୟରେ ଏହା ବାର୍ଷିକ ହାରାହାରି ୮୩୮ କୋଟି ଟଙ୍କା ଥିବାବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ପ୍ରାୟ ୧୩ ଗୁଣ ବୃଦ୍ଧି ପାଇ ୧୦,୫୯୯ କୋଟି ଟଙ୍କାରେ ପହଞ୍ଚିଛି । ରାଜ୍ୟସଭାରେ ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ କେତେକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି ।

ଯାତ୍ରୀଭଡ଼ା ଓ ମାଲଭଡ଼ା ବାବଦରେ ରେଳବାଇ ଓଡ଼ିଶାରୁ ପାଉଥିବା ରାଜସ୍ୱ ସଂପର୍କିତ ଏକ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ପୂର୍ବତଟ ରେଳବାଇ, ଦକ୍ଷିଣ-ପୂର୍ବ ରେଳବାଇ ଓ ଦକ୍ଷିଣ-ପୂର୍ବ କେନ୍ଦ୍ରୀୟ ରେଳବାଇ ଜୋନ ଅଧିନରେ ଆସୁଛି । ୨୦୨୪-୨୫ ଆର୍ଥିକ ବର୍ଷରେ ପୂର୍ବତଟ ରେଳବାଇର ରାଜସ୍ୱ ୨୩୭୯୬ କୋଟି ଟଙ୍କା ଥିବାବେଳେ ମୋଟ ଖର୍ଚ୍ଚ ୨୬,୨୫୪ କୋଟି ଟଙ୍କା ଥିଲା । ୨୦୦୯ରୁ ୨୦୧୪ ମଧ୍ୟରେ ଓଡ଼ିଶାରେ ହାରାହାରି ବାର୍ଷିକ ୫୪ କିଲୋମିଟର ହିସାବରେ ମୋଟ ୨୬୭ କିଲୋମିଟର ନୂଆ ରେଳଟ୍ରାକ୍ ବିଛାଯାଇଥିବାବେଳେ ୨୦୧୪-୨୫ ମଧ୍ୟରେ ହାରାହାରି ବାର୍ଷିକ ୧୯୫ କିଲୋମିଟର ସହ ମୋଟ ୨୧୫୦ କିଲୋମିଟର ରେଳଟ୍ରାକ୍ ବିଛାଯାଇଛି ।

୧ ଏପ୍ରିଲ୍, ୨୦୨୫ ସୁଦ୍ଧା, ମୋଟ ୪୦୧୦ କିଲୋମିଟର ଲମ୍ବ ଏବଂ ୬୭,୪୯୬ କୋଟି (୯ ପୃଷ୍ଠାରେ)

**ଭଦ୍ରକର ଐତିହାସିକ ଶ୍ରୀରାମ ନବମୀ ମହୋତ୍ସବ**

## ୧୦୦ରୁ ଊର୍ଦ୍ଧ୍ୱ ପ୍ରଜ୍ଞାପନ ମେଢ଼

ଭଦ୍ରକ,୨୭।୩(ସବ୍ୟୁ): ଓଡ଼ିଶା ପ୍ରସିଦ୍ଧ ଭଦ୍ରକର ଐତିହାସିକ ଗଣ ମହୋତ୍ସବ ଶ୍ରୀରାମ ନବମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଅପରାହ୍ନରୁ ବିଶାଳ ସଂକୀର୍ତ୍ତନ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଭଦ୍ରକ ନେହେରୁ ଷ୍ଟାଡିୟମ୍‌ରୁ ଶୋଭାଯାତ୍ରାରେ ବାହାରିଥିବା ବେଳେ ଭଦ୍ରକ ପୌରାଞ୍ଚଳର ବିଭିନ୍ନ ସାହିବସ୍ତୀ ସମେତ ଜିଲାର ବିଭିନ୍ନ ବ୍ଲକରୁ୧୦୦ରୁ ଊର୍ଦ୍ଧ୍ୱ ସୁସଜ୍ଜିତ ପ୍ରଜ୍ଞାପନ ମେଢ଼ ସାମିଲ ହୋଇଥିଲା । ସଂକୀର୍ତ୍ତନ ଦଳ, ଆଦିବାସୀ ନୃତ୍ୟ, ବିଭିନ୍ନ ପାରମ୍ପରିକ ନୃତ୍ୟ, ବାଦ୍ୟ, ଡିଜେ, କୀର୍ତ୍ତନ ମଣ୍ଡଳୀ, ସିଂହବାଜା, ଘଣ୍ଟବାଜା, ଘୋଡ଼ାନାଚ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ତ୍ରା ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିବା ବେଳେ ସହର ପରିକ୍ରମା ପରେ ଗାନ୍ଧୀପଡ଼ିଆରେ ଉଦ୍‌ଯାପିତ ହୋଇଥିଲା । ଏଥିସହ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଗାନ୍ଧୀପଡ଼ିଆରେ (୯ ପୃଷ୍ଠାରେ)



## ଦିନରେ ତାତି, ରାତିରେ ବର୍ଷା

### ୨ ଯାଏଁ କାଳବୈଶାଖୀ ବର୍ଷା

ଭୁବନେଶ୍ୱର, ୨୭ ।୩ (ସବ୍ୟୁ): ଦିନରେ ତାତି, ରାତିରେ ବର୍ଷା । ଦିନର ସର୍ବୋଚ୍ଚ ତାପମାତ୍ରା ଦୁଇ ଦିନରେ ୪୦ ଡିଗ୍ରି ଛୁଇଁପାରେ । ରାଜ୍ୟରେ ବର୍ତ୍ତମାନ ଦିନର ତାପମାତ୍ରା ୩୮ ଡିଗ୍ରୀ ଉପରେ ରହିଛି । ଝାରସୁଗୁଡ଼ା, ଟିଟିଲାଗଡ଼, ସମ୍ବଲପୁର, ସୁନ୍ଦରଗଡ଼ରେ ୪୦ଡିଗ୍ରି ଛୁଇଁପାରେ ତାପମାତ୍ରା । ଏହା ସହ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ୭ ଦିନ ବଜ୍ରପାତ ସହ କୁଆପଥର ବର୍ଷା ସମ୍ଭାବନା ବି ରହିଛି ।

ପାଣିପାଗ ବିଭାଗର କହିବାନୁସାରେ, ଆସନ୍ତା ୨ତାରିଖ ଯାଏଁ ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହୋଇପାରେ ।

ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର, ବାଲେଶ୍ୱରରେ ଝଡ଼ବର୍ଷା ସମ୍ଭାବନା ରହିଛି । ଏହାସହ ୫୦ରୁ ୬୦ କିମି ବେଗରେ ବହିପାରେ ପବନ । ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ୭ ଦିନ ବଜ୍ରପାତ ସହ କୁଆପଥର ବର୍ଷା ସମ୍ଭାବନା ରହିଛି । ଓଡିଶା ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି ।

ସେହିପରି କୋରାପୁଟ, ରାୟଗଡା, ନବରଙ୍ଗପୁର,କଳାହାଣ୍ଡି, କନ୍ଧମାଳ, ଗଂଜାମ, ଗଜପତି, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ ଯାଜପୁର, (୯ ପୃଷ୍ଠାରେ)

**ଶ୍ରୀନଗର-ଲେହ ରାଜପଥରେ ବଡଧରଣର ଅଘଟଣ**

## ତୁଷାରପାତରେ ୭ ମୃତ, ୫ ଆହତ

ନୂଆଦିଲ୍ଲୀ, ୨୭ ।୩ : ଶ୍ରୀନଗର-ଲେହ ଜାତୀୟ ରାଜପଥରେ ବରଫପାତ ଯୋଗୁ ପ୍ରାୟ ୭ ଜଣଙ୍କର ମୃତ୍ୟୁ ହୋଇଥିବା ସହ ୫ ଜଣ ଆହତ ହୋଇଛନ୍ତି। ୧୨ରୁ ଅଧିକ କାର ଏହି ବରଫପାତ ଯୋଗୁ ଅଟକ ରହିବା ସହ କ୍ଷୟକ୍ଷତିର ସମ୍ମୁଖୀ ହୋଇଛନ୍ତି। ସରକାରୀ ଭାବେ ଜଣାପଡ଼ିଛି ଯେ ୦. ଏବଂ ମିନ୍‌ମାର୍ଗ ରାସ୍ତାରେ ଏଭଳି ଘଟଣା ଘଟିଛି।

ଘଟଣା ସମ୍ପର୍କରେ ପ୍ରତିକ୍ରିୟା ରଖି ଲଦାଖର ଏଲ୍‌ଜି ଭିକେ ସାକ୍‌ସେନା କହିଛନ୍ତି ଯେ ସେ ନିଜେ ସ୍ଥିତିର ଅନୁଧ୍ୟାନ କରୁଛନ୍ତି। ଡିସି ଏବଂ ଏସ୍‌ଏସ୍‌ପି କାର୍ଗିଲଙ୍କୁ ତୁରନ୍ତ ଘଟଣାସ୍ଥଳକୁ ଯିବାକୁ କୁହାଯାଇଛି। ଉଦ୍ଧାର ଓ ରିଲିଫ କାର୍ଯ୍ୟ ସେଠାରେ ତୁରନ୍ତ ଆରମ୍ଭ କରାଯାଇଛି। ସମସ୍ତ ସରକାରୀ ସଂସ୍ଥା ଯଥା ବିପର୍ଯ୍ୟୟ ପ୍ରଶମନ ବାହିନୀ ଓ ବିଆରଓଙ୍କୁ ସେଠାରେ ମୁତୟନ କରାଯାଇଛି। ଘଟଣାକୁ ସେ ନିଜେ ଅନୁଧ୍ୟାନ କରୁଛନ୍ତି। ଯୋଜିଲାପାସ୍ ନିକଟରେ ଏହି ଦୁଃଖଦ ଘଟଣା ଘଟିଛି।



## ରାଜ୍ୟପାଳଙ୍କୁ ଭେଟିଲେ ସେନା ମୁଖ୍ୟ

ଭୁବନେଶ୍ୱର, ୨୭ ।୩ (ସବ୍ୟୁ) : ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆଜି ଲୋକଭବନରେ ରାଜ୍ରପାଳ ହରିବାବୁ କମ୍ଭମ୍‌ପାଟିଙ୍କୁ ସାକ୍ଷାତ କରିଛନ୍ତି। ହରିବାବୁ କମ୍ଭମପାଟି ତାଙ୍କୁ ଅପରେସନ୍ ସିନ୍ଦୂରରେ ଭାରତୀୟ ସେନାର ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସେନା ମୁଖ୍ୟ ଶ୍ରୀ ଦ୍ୱିବେଦୀ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି।

ଭୁବନେଶ୍ୱରକୁ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଆସିଥିଲେ। କଡା ସୁରକ୍ଷା ବଳୟରେ ୧୨୦ ବାଟାଲିୟନ୍ ଯାଇଛନ୍ତି। ଶନିବାର ପୁରୀ ଓ ଗୋପାଳପୁରରେ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ପୁରୀ ଯାଇ ମହାପ୍ରଭୁ ଜଗନ୍ନାଥଙ୍କର ଦର୍ଶନ କରିବେ। ସ୍ୱତନ୍ତ୍ର ବିମାନ ଯୋଗେ ଗୋପାଳପୁର ଯିବେ। ଆର୍ମି ଏୟାର ଡିଫେନ୍ସ କଲେଜ ଯାଇ ସେଠାରେ ସେନା ତାଲିମ ବ୍ୟବସ୍ଥାର ସମୀକ୍ଷା କରିବେ। ସେନା ଅଧିକାରୀ ଓ ପୂର୍ବତନ ସୈନିକଙ୍କ ସହ ଆଲୋଚନା କରିବେ। ଆସନ୍ତା ୨୯ରେ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି।



ଗ୍ରୀଷ୍ମ ଋତୁରେ ଏୟାର କଣ୍ଡିସନର ବା ଏସିର ବ୍ୟବହାର ବଢିଥାଏ । ତେବେ ଏସି ବ୍ୟବହାରରେ ବିଜୁଳି ବିଲ ଅଧିକ ଆସିଥାଏ, ଯାହାକୁ ନେଇ ଅନେକଙ୍କ ମନରେ ଏସି ଲଗାଇବାକୁ ଡର ଥାଏ । କିନ୍ତୁ କିଛି ଏଭଳି ଦିଗ ରହିଛି ଯାହାପ୍ରତି ଧ୍ୟାନଦେଲେ ଏସି ବ୍ୟବହାର କଲେ ମଧ୍ୟ ବିଜୁଳି ବିଲ କମ ଆସିବ ।



# ସ୍ମାର୍ଟ ବ୍ୟବହାର

ତାପମାତ୍ରା ସଠିକ୍ ରଖନ୍ତୁ : ଏସିକୁ ସବୁବେଳେ ୨୪ ଡିଗ୍ରୀ ସେଲସିଅସରୁ ୨୬ଡିଗ୍ରୀ ସେଲସିଅସ ମଧ୍ୟରେ ଚଲାନ୍ତୁ । ଏହାଦ୍ୱାରା ବିଜୁଳି ସଞ୍ଚୟ ହୋଇଥାଏ ।

ଏସି ସହ ପଙ୍ଖା ଚଲାନ୍ତୁ: ଏସି ଚଲାଇବା ସମୟରେ ପଙ୍ଖା ଚଲାଇଲେ ଥଣ୍ଡା ପବନ ସମଗ୍ର କୋଠରିରେ ଶୀଘ୍ର ଖେଳିଯାଏ, ଫଳରେ ଏସିକୁ କମ୍ ସମୟ ପାଇଁ କମ୍ପ୍ରେସର ଚଲାଇବାକୁ ପଡ଼େ ।

କୋଠରିକୁ ସିଲ୍ ରଖନ୍ତୁ: ଏସି ଚଲାଇବା ସମୟରେ କବାଟ ଓ ଝରକା ଭଲଭାବେ ବନ୍ଦ ରଖନ୍ତୁ । କୌଣସି ସ୍ଥାନରେ ଫାଙ୍କ ଥିଲେ ତାକୁ ସିଲ୍ କରନ୍ତୁ, ଯେପରି ବାହାରର ଗରମ ପବନ ଭିତରକୁ ଆସିବ ନାହିଁ ।

ନିୟମିତ ସଫା ଓ ସର୍ଭିସିଂ: ମାସକୁ ଅନ୍ତତଃ ଥରେ ଏସିର ଫିଲ୍ଟର ସଫା କରନ୍ତୁ । ଏହା ସହିତ ବର୍ଷକୁ ଅତିକମରେ ଦୁଇଥର (ଗ୍ରୀଷ୍ମ ଆରମ୍ଭ ଏବଂ ଶେଷରେ) ଏସିର ସର୍ଭିସିଂ କରାଇବା ଜରୁରୀ ।

ଟାଇମର୍ ଏବଂ ସ୍ଲିପ୍ ମୋଡ୍: ରାତିରେ ଶୋଇବା ସମୟରେ ସ୍ଲିପ୍ ମୋଡ୍ କିମ୍ବା ଟାଇମର୍ ବ୍ୟବହାର କରନ୍ତୁ, ଯାହାଦ୍ୱାରା ଏସି ଅନାବଶ୍ୟକ ଭାବେ ଚାଲିବ ନାହିଁ ।

ସଠିକ୍ କ୍ଷମତାର ଏସି ଚୟନ : କୋଠରିର ଆକାର ଅନୁଯାୟୀ ସଠିକ୍ ଟନ୍ ବିଶିଷ୍ଟ ଏସି ଲଗାନ୍ତୁ । ଏହା ସହିତ ୫-ଷ୍ଟାର୍ ରେଟିଂ ବା ଇନଭର୍ଟର ଏସି ବ୍ୟବହାର କଲେ ବିଜୁଳି ଖର୍ଚ୍ଚ କମ୍ ହୁଏ ।

ଆଉଟ୍-ଡୋର୍ ୟୁନିଟ୍‌ର ଯତ୍ନ: ଏସିର ବାହାର ୟୁନିଟ୍ କୁ ସିଧାସଳଖ ଖରା ପଡୁଥିବା ସ୍ଥାନରୁ ଦୂରେଇ ରଖନ୍ତୁ କିମ୍ବା ସେଠାରେ ଛାଇର ବ୍ୟବସ୍ଥା କରନ୍ତୁ ।

## ସୋସିଆଲ କୋଟ୍ସ



ମୁଁ ସବୁବେଳେ ସାଦାସିଧା ରହିବାକୁ ପସନ୍ଦ କରିଥାଏ । ଯେତେବେଳେ ବି ଯାହା ପିନ୍ଧେ ନିଜକୁ ଯେପରି ଆରାମ ଲାଗିବ ତାହାକୁ ଦୃଷ୍ଟିରେ ରଖି ପିନ୍ଧିଥାଏ ।

**ବିଜୟ ସେଥୁପତି, ଅଭିନେତା**



ବାପାଙ୍କ ମୃତ୍ୟୁ ପରେ ଖୁବ ଅଧିକ ଆର୍ଥିକ ସମସ୍ୟା ଦେଖିବାକୁ ମିଳିଥିଲା । ତେଣୁ ଛୋଟଛୋଟ କାମ କରିବା ଆରମ୍ଭ କରିଥିଲି । କେତେବେଳେ ଛୋଟ ପିଲାଙ୍କୁ ଟ୍ୟୁସନ କରିଛି ତ କେତେବେଳେ ଆଉ କେଉଁ କାମ କରି ପୋଟ ପୋଷିଛି ।

**ବିରେନ୍ଦ୍ର ସକ୍ସେନା, ଅଭିନେତା**



ସୈଫ ଅନେକ ଦୁଷ୍ଟାମୀ କରିଛନ୍ତି । ସେୟୁନିଭର୍ସିଟି ଯିବାକୁ ଯମାରୁ ପସନ୍ଦ କରୁନଥିଲେ । ଗୋଟେ ଥର ସେୟୁନିଭର୍ସିଟି ଯିବା ବଦଳରେ ଜଣଙ୍କ ସହିତ ଡେଟ୍‌ରେ ପଳାଇଥିଲେ ।

**ଶର୍ମିଳା ଟାଗୋର, ଅଭିନେତ୍ରୀ**

## ମହାକାଶରେ ପାଣି

ମହାକାଶରେ ପାଣିର ବିଶାଳ ଭଣ୍ଡାରର ସୂଚନା ମିଳିଛି । ତଥ୍ୟ ଅନୁସାରେ ପୃଥିବୀର ସମସ୍ତ ସମୁଦ୍ରଠାରୁ ୧୪୦ ଲକ୍ଷ କୋଟି ଗୁଣ ଅଧିକ ଜଳ ଥିବା ବାଦଲ ଆବିଷ୍କାର କରାଯାଇଛି । ବୈଜ୍ଞାନିକମାନେ ମହାକାଶରେ ଜଳୀୟ ବାଷ୍ପରେ ପରିପୂର୍ଣ୍ଣ ଏକ ବିଶାଳ ବାଦଲ ଆବିଷ୍କାର କରିଛନ୍ତି, ଯେଉଁଥିରେ ପୃଥିବୀର ସମସ୍ତ ମହାସାଗରର ମୋଟ ଜଳରାଶି ତୁଳନାରେ ପ୍ରାୟ ୧୪୦ ଲକ୍ଷ କୋଟି ଗୁଣ ଅଧିକ ପାଣି ରହିଛି । ପୃଥିବୀଠାରୁ ପ୍ରାୟ ୧୨ ଅରବ ଆଲୋକବର୍ଷ ଦୂରରେ ଅବସ୍ଥିତ ଏହି ବାଦଲ ଏକ ବିଶାଳକାୟ ବ୍ଲାକ୍ ହୋଲ୍ ନିକଟରେ ମିଳିଛି । ଏହା ସୂର୍ଯ୍ୟଙ୍କ ତୁଳନାରେ ୨୦ ଅରବ ଗୁଣ ଅଧିକ ଭାରୀହୋଇଥିବା ଜଣା ପଡିଛି । ପ୍ରାୟ ୪୦ କୋଟି ବର୍ଷ ପୂର୍ବେ ସୃଷ୍ଟି ହୋଇଥିବା ଏହି ବାଦଲରେ ପାଣି ତରଳ ଅବସ୍ଥା ପରିବର୍ତ୍ତେ ବାଷ୍ପ ଆକାରରେ ରହିଛି । ଏହି ଆବିଷ୍କାରରୁ ପ୍ରମାଣିତ ହେଉଛି ଯେ ପାଣି କେବଳ ପୃଥିବୀରେ ସୀମିତ ନୁହେଁ, ବରଂ ସମଗ୍ର ବ୍ରହ୍ମାଣ୍ଡରେ ରହିଛି । ତେବେ ଏଠାରେ ବର୍ତ୍ତମାନ କେବଳ ପାଣିର ଉପସ୍ଥିତିର ସୂଚନା ମିଳିଛି । ଏଠାରେ ଜୀବନର ସମ୍ଭାବନା ବିଷୟରେ କୌଣସି ସ୍ପଷ୍ଟ ସୂଚନା ବର୍ତ୍ତମାନ ପର୍ଯ୍ୟନ୍ତ ମିଳିନାହିଁ ।







# ବାଳକଙ୍କ ବିମାନ ଉଡ଼ା

ମାତ୍ର ୧୧ ବର୍ଷ ବୟସରେ ବିମାନ ଉଡ଼ାଇ ସୋସିଆଲ ମିଡିଆରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ରୁଷି ଶର୍ମା ନାମକ ଜଣେ ବାଳକ । ୭ ବର୍ଷ ବୟସରୁ ଫ୍ଲାଇଂ ଶିଖୁଥିବା ରୁଷି ୪ ବର୍ଷର କଠିନ ଟ୍ରେନିଂ ପରେ ନିକଟରେ କାଲିଫର୍ଣ୍ଣିଆର ଅକ୍ସନାର୍ଡ ଏୟାରପୋର୍ଟରେ ନିଜ ଟ୍ରେନରଙ୍କ ସହାୟତାରେ ସଫଳତାର ସହ 'ଟଚ୍-ଏଣ୍ଡ-ଗୋ ଲ୍ୟାଣ୍ଡିଂ' କରିଛନ୍ତି । ଯେଉଁଥିରେ ସେ ବିମାନକୁ ରନୱେରେ ଓହ୍ଲାଇବା ପରେ ବିନା ଅଟକି ପୁଣିଥରେ ଆକାଶକୁ ଉଡ଼ାଇ ନେଇଥିଲେ । ଭାଇରାଲ ଭିଡିଓରେ ରୁଷି ଅତ୍ୟନ୍ତ ଶାନ୍ତ ମନରେ ଏବଂ ସଠିକ୍ ନିୟନ୍ତ୍ରଣ ସହ ବିମାନକୁ ସ୍ମୁଦ୍ ଲ୍ୟାଣ୍ଡିଂ କରାଉଥିବା ଦେଖିବାକୁ ମିଳିଛି । ଆମେରିକୀୟ ନିୟମ ଅନୁସାରେ ପାଇଲଟ ଲାଇସେନ୍ସ ପାଇଁ ସର୍ବନିମ୍ନ ବୟସ ୧୮ ବର୍ଷ ହେବା ଆବଶ୍ୟକ ହୋଇଥିଲେ ହେଁ, ପିଲାମାନେ ଜଣେ ଅଭିଜ୍ଞ ଇନଷ୍ଟ୍ରକ୍ଟରଙ୍କ ତତ୍ତ୍ୱାବଧାନରେ ବିମାନ ଚାଳନା ପ୍ରଶିକ୍ଷଣ ନେଇପାରିବେ । ରୁଷିଙ୍କର ଏଭଳି ସଫଳତାକୁ ସମସ୍ତେ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି, ଏଥିସହିତ ସେ ବର୍ତ୍ତମାନ ଅନେକ ପିଲାଙ୍କର ପ୍ରେରଣା ପାଲଟିଛନ୍ତି ।



## ହାଃ ହାଃ

ଶିକ୍ଷକ: ପପୁ, କହିଲୁ ଦେଖି 'ଆମେରିକା' କିଏ ଆବିଷ୍କାର କରିଥିଲେ?

ପପୁ: କଲମ୍ବସ ।

ଶିକ୍ଷକ: ବହୁତ ଭଲ । ଏବେ ଚଗଲା କହିଲୁ, କଲମ୍ବସ କ'ଣ ଆବିଷ୍କାର କରିଥିଲେ?

ଚଗଲା: ସାର୍, ସିଏ ତ ଆମେରିକା ଯାଇଥିଲେ, ନିଶ୍ଚୟ 'ଜିଓ ସିମ୍' ଆଣିବାକୁ ଯାଇଥିବେ !

## ଇତିହାସ

୧୭୯୫- ପୋଲାଣ୍ଡର ବିଭାଜନ ହେଲା ।

୧୯୪୧- ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଇଂରେଜଙ୍କ ନଜରବନ୍ଦୀରୁ ବାହାରି ବର୍ଲିନ୍‌ରେ ପହଞ୍ଚିଲେ ।

୧୯୫୯- ଚୀନ୍ ତିବ୍ବତ ସରକାରଙ୍କୁ ଭାଙ୍ଗି ପାଞ୍ଚେନ୍ ଲାମାଙ୍କୁ ପଦାସୀନ କଲା ।

୧୯୬୩- ରୁଷ ଓ ଆମେରିକା ମଧ୍ୟରେ ଶୀତଳ ଯୁଦ୍ଧ ହେଲା ।

୧୯୭୨- ତତ୍କାଳୀନ ସୋଭିଏତ ସଂଘ ପରମାଣୁ ପରୀକ୍ଷଣ କଲା ।

୧୯୭୭- ମୋରାରଜୀ ଦେଶାଇ ଭାରତରେ ସରକାର ଗଢ଼ିଲେ ।

୨୦୧୫- ସାଇନା ନେହୱାଲ ବିଶ୍ୱର ଶ୍ରେଷ୍ଠ ମହିଳା ବ୍ୟାଡ଼ମିଣ୍ଟନ ଖେଳାଳି ହେବାର ଗୌରବ ଅର୍ଜନ କଲେ ।

# ପୁଣି ଡରାଇବେ ଅଜୟ



ବଲିଉଡର ସୁପରଷ୍ଟାର ଅଜୟ ଦେବଗନ ପୁଣିଥରେ ହରର୍ ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶକଙ୍କୁ ଡରାଇବାକୁ ପ୍ରସ୍ତୁତ ହେଉଛନ୍ତି । ଏହି ନୂତନ ପ୍ରୋଜେକ୍ଟ ପାଇଁ ସେ 'ସର୍ଦ୍ଦାରଜୀ' ଭଳି ପଞ୍ଜାବୀ ବ୍ଲକବଷ୍ଟର ଫିଲ୍ମର ନିର୍ଦ୍ଦେଶକ ରୋହିତ ଜୁଗରାଜଙ୍କ ସହ ହାତ ମିଳାଇଛନ୍ତି । କୁମାର ମଙ୍ଗତଙ୍କ ପ୍ରଯୋଜନାରେ ନିର୍ମିତ ହେବାକୁ ଥିବା ଏହି ଅନଟାଇଟେଲ୍ଡ ଚଳଚ୍ଚିତ୍ରଟି ଏକ ବୃହତ ସିନେମାଟିକ ସ୍କେଲ୍‌ରେ ପ୍ରସ୍ତୁତ କରାଯାଉଛି । ଯେଉଁଥିରେ ପାରମ୍ପରିକ ପ୍ରକ୍ରିୟା ଅପେକ୍ଷା ପରିବେଶ ଭିତ୍ତିକ କାହାଣୀ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି` ଏହା ଏକ ଭିନ୍ନ ସ୍ୱାଦର ଚଳଚ୍ଚିତ୍ର ହେବ ବୋଲି ସମସ୍ତେ ଆଶା ରଖିଛନ୍ତି । ଲଣ୍ଡନର ବିଭିନ୍ନ ସ୍ଥାନରେ ଏହାର ସୁଟିଂ ହେବାକୁ ଥିବା ବେଳେ ବର୍ତ୍ତମାନ ଏହାର ପ୍ରି-ପ୍ରଡକ୍ସନ କାର୍ଯ୍ୟ ଜୋରସୋରରେ ଚାଲିଛି । ୨୦୦୩ ମସିହାରେ ଆସିଥିବା ସୁପରହିଟ୍ ଫିଲ୍ମ 'ଭୂତ' ପରେ ଅଜୟ ପ୍ରାୟ ଦୁଇ ଦଶନ୍ଧି ପରେ ପୁଣି ଏହି ଧାରାର କାହାଣୀକୁ ଫେରୁଥିବାରୁ ଦର୍ଶକ ବେଶ୍ ଉତ୍ସାହିତ ଅଛନ୍ତି । ଆସନ୍ତା ଜୁଲାଇ ମାସରୁ ଏହି ଫିଲ୍ମର ସୁଟିଂ କାର୍ଯ୍ୟ ଆରମ୍ଭ ହେବାର ଯୋଜନା ରହିଥିବା ବେଳେ ଅନ୍ୟପଟେ ଅଜୟ ବର୍ତ୍ତମାନ ଅକ୍ଷୟ କୁମାରଙ୍କ ସହ ରୋହିତ ଶେଟ୍ଟୀଙ୍କ 'ଗୋଲମାଲ ୫'ର ସୁଟିଂରେ ବ୍ୟସ୍ତ ଅଛନ୍ତି । ଗୋଲମାଲ ୨୦୨୭ରେ ପ୍ରେକ୍ଷାଳୟକୁ ଆସିବାକୁ ନିର୍ଦ୍ଧାରିତ ହୋଇଛି ।



# ମାଂସ ପାଇଁ ଥାନାରେ

ସୋସିଆଲ ମିଡିଆରେ ଏଭଳି ଅନେକ ଘଟଣା ଦେଖିବାକୁ ମିଳିଥାଏ, ଯାହା ସମସ୍ତଙ୍କୁ ଖୁବ ଆଶ୍ଚର୍ଯ୍ୟ କରିଥାଏ । ସେହିଭଳି ଏକ ଘଟଣା ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଆନ୍ଧ୍ରପ୍ରଦେଶରେ ଜଣେ ବ୍ୟକ୍ତି ମଟନ୍ ନସିଝିବା କାରଣରୁ ରନ୍ଧା ହୋଇଥିବା ମାଂସ ଧରି ସିଧା ପୋଲିସ୍ ଷ୍ଟେସନରେ ପହଞ୍ଚିଛନ୍ତି । ସମ୍ପୃକ୍ତ ବ୍ୟକ୍ତି ଜଣକ ବଜାରର ଏକ ଦୋକାନରୁ ମଟନ୍ କିଣିଥିଲେ, କିନ୍ତୁ ପ୍ରାୟ ୨୦ ଥର ଚେଷ୍ଟା କରିବା ପରେ ମଧ୍ୟ ମାଂସଟି ପଥର ଭଳି ଶକ୍ତ ରହିଥିଲା ଏବଂ ଆଦୌ ସିଝିନଥିଲା । ଏଥିରେ ଅତିଷ୍ଠ ହୋଇ ସେ ନ୍ୟାୟ ପାଇଁ ପୋଲିସର ଦ୍ୱାରସ୍ଥ ହୋଇଥିଲେ । ପୋଲିସ୍ ତୁରନ୍ତ ସମ୍ପୃକ୍ତ ମାଂସ ବିକ୍ରେତାଙ୍କୁ ଥାନାକୁ ଡକାଇ ଉଭୟଙ୍କ ମଧ୍ୟରେ ଆପୋଷ ସମାଧାନ କରାଇଥିଲେ । ଦୋକାନୀ ଜଣକ ସ୍ୱୀକାର କରିଥିଲେ ଯେ ବୋଧହୁଏ ଛେଳିଟି ବୁଢ଼ା ହୋଇଥିବାରୁ ମାଂସ ସିଝୁନଥିଲା । ଏହାପରେ ସେ ଗ୍ରାହକଙ୍କୁ ନୂଆ ତଥା ତାଜା ମଟନ୍ ଦେବାକୁ ରାଜି ହେବା ପରେ ଏହି ବିଚିତ୍ର ବିବାଦର ଅନ୍ତ ଘଟିଥିଲା ।



**ମେଷ:** ନୂତନ ଆୟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶୁଭ ସମାଚାର, ମାନସିକ ଅବସାଦ, ଦେବକାର୍ଯ୍ୟରେ ଆଗ୍ରହ, ସନ୍ତାନ ସମସ୍ୟା, ଶରୀର ସୁସ୍ଥ,ବିଶିଷ୍ଟ କାର୍ଯ୍ୟରେ ଲାଭ, ଦାମ୍ପତ୍ୟ ସୁଖ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ବୃଷ:** ବ୍ୟୟବୃଦ୍ଧି, ଲୋକସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ,ବନ୍ଧୁଲାଭ, ଶରୀର ସୁସ୍ଥ, ବହୁ କାର୍ଯ୍ୟରେ ଅସନ୍ତୁଷ୍ଟ, ସନ୍ତାନ ସମସ୍ୟା, ପାରିବାରି ଖୁସି, ସମ୍ପତ୍ତିଲାଭ, ବ୍ୟକ୍ତି ସହାୟତା, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ସମ୍ମାନଲାଭ, ତୀର୍ଥାଟନ, ଲୋକସମ୍ପର୍କ ବୃଦ୍ଧି, ଦ୍ରବ୍ୟଲାଭ, ପାରିବାରିକ ଖୁସି, ଶୁଭଖବର, ବନ୍ଧୁଲାଭ, ସ୍ୱାଦିଷ୍ଟ ଭୋଜନ, କର୍ମକ୍ଷେତ୍ରେ ସମ୍ମାନିତ, ଉଚ୍ଚବ୍ୟକ୍ତିଙ୍କ ସହାୟତା, ମାନସିକ ଶାନ୍ତି, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୨, ଆରାଧନା-ଶ୍ରୀଗଣେଶ ।

**କର୍କଟ:** କର୍ମେ ଖୁସି, ମାନସିକ ଶାନ୍ତି, ଅର୍ଥ ସମସ୍ୟା, ପାରିବାରିକ ସହଯୋଗ, ନୂତନ କର୍ମାରମ୍ଭ, ସମ୍ପତ୍ତିବିବାଦ, ବ୍ୟବସାୟିକ ଖୁସି, ପରିଭ୍ରମଣ ସୁଖ, ବନ୍ଧୁଦର୍ଶନ, ଶରୀର ସୁସ୍ଥ, ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା- ମା' ଭଗବତୀ ।

**ସିଂହ:** ଶରୀର ସୁସ୍ଥ, ମାନସିକ ଶାନ୍ତି, ସନ୍ତାନଖୁସି, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଲାଭ,ଅର୍ଥପ୍ରାପ୍ତି, ସୁମିଷ୍ଟ ଭୋଜନ, ଦ୍ରବ୍ୟଲାଭ, ସମ୍ପତ୍ତିଲାଭ, ହଠାତ୍ ଦୂରଯାତ୍ରା, ପୂର୍ବା ଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା- ଲକ୍ଷ୍ମୀନାରାୟଣ ।

**କନ୍ୟା:** ଅର୍ଥଲାଭ, ବନ୍ଧୁଗୃହେ ଯାତ୍ରା, ବିବାଦ ସମାଧାନ, ଉଚ୍ଚବ୍ୟକ୍ତିଙ୍କ ସହାୟତା, ସନ୍ତାନ ସମସ୍ୟା, ନୂତନ କାର୍ଯ୍ୟ ଆରମ୍ଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶତ୍ରୁ ପରାଜିତ, ପରିବହନ କ୍ଷେତ୍ରେ ସମସ୍ୟା, ଆୟ ଭଲ, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶୀ, ସଂଖ୍ୟା-୬, ଆରାଧନା- ମା' କୋଟିଳାଇ ।

**ତୁଳା:** ଆର୍ଥିକ ସୁଖ, ଶୁଭଖବର, ପାରିବାରିକ ଖୁସି, ସନ୍ତାନ ସମସ୍ୟା, ଉଚ୍ଚଆଶାରେ ଲାଭ, ମାନସିକ ଅବସାଦ, ସ୍ୱାସ୍ଥ୍ୟସମସ୍ୟା, ବ୍ୟବସାୟିକ ଖୁସି, ବ୍ୟକ୍ତି ସହାୟତା ଦୂରଯାତ୍ରା, ପିତାମାତାଙ୍କ ଚିନ୍ତା, ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ ।

**ବିଛା:** ଦ୍ରବ୍ୟଲାଭ, ଆତ୍ମସନ୍ତୋଷ, ଶତ୍ରୁ ସମସ୍ୟା, ଗାଡ଼ିଚାଳନାରେ ସତର୍କ, ସ୍ୱାସ୍ଥ୍ୟ ସମସ୍ୟା, ମାନସିକ ଅବସାଦ, ଈଶ୍ୱର ବିଶ୍ୱାସ, ଦାମ୍ପତ୍ୟ ସୁଖ, ଅର୍ଥପ୍ରାପ୍ତି, ସମ୍ପତ୍ତିକନ୍ଦଳ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ ।

**ଧନୁ:** ପିଲାଙ୍କ କଷ୍ଟ, ଗୃହେ ଉତ୍ସବ, ଅର୍ଥ ସମସ୍ୟା, ଜମିଗଣ୍ଡଗୋଳ, ଦୂରଯାତ୍ରା, ବ୍ୟବସାୟରେ କଷ୍ଟ, ଲୋକସମ୍ପର୍କ ହାନି, ଶରୀର ସୁସ୍ଥ, ମାନସିକ ଅବସାଦ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ପ୍ରତିକାର- ପିତାମାତାଙ୍କ ସେବା ।

**ମକର:** କଳହଯୋଗ, ପାରିବାରିକ ବିବାଦ ବ୍ୟବସାୟରେ ଲାଭ କମ୍, ଶୁଭକାର୍ଯ୍ୟରେ ଧନଖର୍ଚ୍ଚ, ଦ୍ରବ୍ୟନଷ୍ଟ, ବ୍ୟକ୍ତି ସହାୟତା, ବିଦେଶ ଭ୍ରମଣ, ଶଣୀର ସୁସ୍ଥ, କଚେରୀ ମାମଲା, ଆୟ କମ୍, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣୀ, ସଂଖ୍ୟା-୫, ଆରାଧନା- ଗ୍ରାମଦେବତୀ ।

**କୁମ୍ଭ:** କର୍ମେ ଖୁସି, ମାନସିକ ଅବସାଦ, ଦୂରଯାତ୍ରା, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ସାହାଯ୍ୟ, ଶରୀର ଅସୁସ୍ଥ, ଅର୍ଥ ସମସ୍ୟା, ସନ୍ତାନ ସମସ୍ୟା, ବିଦ୍ୟାରେ ସଫଳତା, ନୂତନ କାର୍ଯ୍ୟ ଆରମ୍ଭ, ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୬, ଆରାଧନା- ଗାଈଙ୍କୁ ଖାଇବାକୁ ଦିଅନ୍ତୁ ।

**ମୀନ:** ଅଯଥା କଷ୍ଟ, ନୂତନ ଆଶା ପୂର୍ଣ୍ଣ, ସମ୍ପତ୍ତି ଲାଭ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଶରୀର ସୁସ୍ଥ, ବ୍ୟବସାୟ ଆରମ୍ଭ, ପରିବହନ କ୍ଷେତ୍ରେ ସମସ୍ୟା, ଅର୍ଥ ସମସ୍ୟା, ଶତ୍ରୁ ସମସ୍ୟା, ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ମା' ଦକ୍ଷିଣକାଳୀ ।

**ଚୈତ୍ର ଶୁକ୍ଳପକ୍ଷ, ଦଶମୀ**
**୨୮.୩.୨୦୨୬ ଶନିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ସୂଚନାର ସମୟୋଚିତ, ସ୍ୱଚ୍ଛ ଏବଂ ସୁଲଭ ପ୍ରସାରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ : ପିଆଇବି ଏଡିଜି

କୋରାପୁଟ, (ସବ୍ୟୁ): ଚାରିଦିନିଆ କୋରାପୁଟ ଗସ୍ତ ଅବସରରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଓ କେନ୍ଦ୍ରୀୟସଞ୍ଚାରବ୍ୟୁରୋ (ସିବିସି) ର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ''ଯୋଗାଯୋଗର ସମାଜଶାସ୍ତ୍ର'' ଶୀର୍ଷକ ଆଲୋଚନାଚକ୍ରକୁ ସେ ସମ୍ବୋଧିତକରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀ ମିଶ୍ର କହିଥିଲେ, ଡିଜିଟାଲ ଯୁଗରେ ନୀତି ପ୍ରଣୟନ ଏବଂ ଜନସଚେତନତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ସୂଚନାର ସମୟୋଚିତ, ସ୍ୱଚ୍ଛ ଏବଂ



ସୁଲଭ ପ୍ରସାରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ସମାବେଶୀଜାତୀୟ ବିକାଶରେ ଯୋଗଦାନ ଦେବା ପାଇଁ ସରକାରୀ ଯୋଜନା ଏବଂ କଲ୍ୟାଣକାରୀ ପଦକ୍ଷେପଗୁଡ଼ିକ ତୃଣମୂଳ ସ୍ତରରେ ପହଞ୍ଚାଇବାଲାଗି ପ୍ରଭାବଶାଳୀ ଯୋଗାଯୋଗ ଉପକରଣ ଉପଯୋଗକରିବାଉପରେଗୁରୁତ୍ୱ ଦେଇଥିଲେ। ସେ ନାଗରିକ ଅଂଶଗ୍ରହଣ ବୃଦ୍ଧି କରିବା ଏବଂ ଶାସନ ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ସୁଦୃଢ଼ କରିବା ପାଇଁ ଡିଜିଟାଲ୍ ମିଡିଆ ପ୍ଲାଟଫର୍ମ ତଥା ସମ୍ପ୍ରଦାୟ-ଆଧାରିତ ଯୋଗାଯୋଗ ପଦ୍ଧତିର ବ୍ୟବହାର ସମେତ ଅଭିନବ ପ୍ରସାର ରଣନୀତିର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତିନରସିଂହ ଚରଣ ପଣ୍ଡା, ସମାଜବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର କପିଳା ଖେମୁଣ୍ଡା, ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗର ମୁଖ୍ୟ ଡକ୍ଟର ନିଖିଳ ଗୌଡ଼ା ଏବଂ ସହାୟକପ୍ରଫେସର ଡକ୍ଟର ସୌରଭ ଗୁପ୍ତାଙ୍କ ସମେତ ଅଧ୍ୟାପକ, ଗଣମାଧ୍ୟମ ପେଷାଦାର ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀ ପଣ୍ଡା କହିଥିଲେ, ସାମ୍ବାଦିକତା ଏବଂ ଗଣ ଯୋଗାଯୋଗ ପଢୁଥିବା ଛାତ୍ରଛାତ୍ରୀ ସେମାନଙ୍କ ବୃତ୍ତିରେ ନୈତିକତାରସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ଉଚିତ। ତଥ୍ୟ-ଭିତ୍ତିକ ରିପୋର୍ଟିଂକୁ ପ୍ରୋତ୍ସାହନ ଏବଂ ଭୁଲ ସୂଚନାକୁ ପ୍ରତିହତ କରି ସକାରାତ୍ମକ ପରିବର୍ତ୍ତନର ବାହକଭାବରେ କାର୍ଯ୍ୟ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ଏହି ଆଲୋଚନାଚକ୍ରରେ ଅଧ୍ୟାପକ, ଗଣମାଧ୍ୟମ ପେସାଦାରଓ ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ ଏବଂ ବିଭିନ୍ନ ଯୋଗାଯୋଗ ଅଭ୍ୟାସ, ସରକାରୀ ପ୍ରଚାରରେ ରହିଥିବାସମସ୍ୟା ଏବଂ ବିକାଶର କାହାଣୀରେ ଗଣମାଧ୍ୟମର ଭୂମିକା ଉପରେ ଆଲୋଚନା କରିଥିଲେ।

### ପବିତ୍ର ରାମ ନବମୀ ତିଥିରେ ମହାପ୍ରଭୁ ଘୋଷଯାତ୍ରା ପାଇଁ

# କଟକରେ ରଥକାଠ ଚିରଟ ପ୍ରକ୍ରିୟା ଆରମ୍ଭ

ପୁରୀ, (ସବ୍ୟୁ): ପବିତ୍ର ରାମ ନବମୀ ତିଥି । ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀ ରାମଙ୍କ ଜନ୍ମ ତିଥି। ରାମ ନବମୀ ତିଥି ଅନୁସାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଚଳିତ ବର୍ଷ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଆରମ୍ଭ ହୋଇଛି ରଥକାଠ ଚିରଟ ପ୍ରକ୍ରିୟା। ଏହି ଅବସରରେ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ରଥକାଠ ଚିରଟ ଅନୁକୂଳ କରାଯାଇଛି । କଟକ ଖପୁରିଆ ସ୍ଥିତ ସରକାରୀ କରତ କଳରେ ସର୍ବ ପ୍ରଥମେ ରଥକାଠ ଅନୁକୂଳ କରାଯାଇଛି । ଏଥିପାଇଁ ସେଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ କରତ କଳରେ ପହଞ୍ଚିବା ପରେ ସ୍ୱତନ୍ତ୍ର ପୂଜାପାଠ ପରେ ରଥକାଠ ଅନୁକୂଳ କରାଯାଇଥିଲା । ମହାପ୍ରଭୁ ମନ୍ଦିରର ସେବାୟତମାନେ କାଠକୁ ପୂଜାର୍ଚ୍ଚନା କରିବା ପରେ ରଥ କାଠ ଚିରା କାର୍ଯ୍ୟ ଆରମ୍ଭ ହୋଇଥିଲା ।



ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ଆଜ୍ଞାମାଳ ଆସିବା ପରେ କଟକ ଖପୁରିଆ ସ୍ଥିତ କରତ କଳରେ କାଠ ଚିରଟ ପକ୍ରିୟା ଆରମ୍ଭ ହୋଇଛି । ଘଣ୍ଟଘଣ୍ଟା, ଶଙ୍ଖ, ହୁଳହୁଳି ଧ୍ୱନୀରେ ଏକ ଆଧାତ୍ମିକ ପରିବେଶ ମଧ୍ୟରେ ରଥକାଠ ଚିରଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା ।

### ଜାଗୁଳେଇଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଉଦଯାପିତ

# ମହିଷା ମର୍ଦ୍ଦିନୀ ବେଶରେ ଦର୍ଶନ ଦେଲେ ମା'

ଜଟଣୀ, (ସବ୍ୟୁ) : ପୌରାଞ୍ଚଳ ଅନ୍ତର୍ଗତ କୁଦିଆରି ଗ୍ରାମଦେବି ମା ଜାଗୁଳାଇଙ୍କ ଶକ୍ତିପୀଠରେ ଚାଲିଥିବା ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଶୁକ୍ରବାର ସଂଧ୍ୟାରେ ଉଦଯାପିତ ହୋଇଯାଇଛି । ବିଜୟାଦଶମୀରେ ସାଲା ମଣ୍ଡନ ସୂର୍ଯ୍ୟପୂଜା ଅଗ୍ନିସ୍ଥାପନା କାରାଯାଇ ସଂଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇଥିଲା କ୍ଷ ମା ମହିଷା ମର୍ଦ୍ଦିନୀ ବେଶରେ ଦର୍ଶନ ଦେଇଥିଲେ, ପରେ ସାମୁହିକ ପ୍ରସାଦସେବନ ମଧ୍ୟରାତି ପର୍ଯ୍ୟନ୍ତ ଚାଲିଥିଲା କ୍ଷ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ ପାଇଁ ଭିଡ଼ ଜମାଇଥିଲେ କ୍ଷ ଚିତ୍ରକର ବିଜୟ ପଣ୍ଡା ପ୍ରତ୍ୟେକ ସନ୍ଧ୍ୟାରେ ବେଶ କରୁଥିବା ବେଳେ ହରେକୃଷ୍ଣ ମଙ୍ଗରାଜ



ଓ ତାଙ୍କ ଧର୍ମପତ୍ନୀ ରାନୁବାଳା ମଙ୍ଗରାଜ କର୍ତ୍ତାକର୍ତ୍ତୀ ଭାବେ ଦାଇତ୍ୱ ତୁଲାଇଥିଲେ କ୍ଷ ମନ୍ଦିର ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା, ସମ୍ପାଦକ ଏଲ ଡି ମହାନ୍ତି, ସଭାପତି ରାଧାମୋହନ ପଟ୍ଟନାୟକ, ଅଶୋକ ଦାସ , ପବିତ୍ର ମୋହନ ରଣସିଂହ, ନିତ୍ୟସେବକ ଚଟୁ କର , ଗଣେଶ ସ୍ୱାଇଁ ,ପୂର୍ଣ୍ଣଚନ୍ଦ୍ର ସାହାଣୀ , ବିନୋଦ ଦାସ , ରାମଚନ୍ଦ୍ର ସାହୁ , ଜିତେନ୍ଦ୍ର ଜେନା,, ଶଶିକାନ୍ତ ମହାପାତ୍ର, ସୁନୀଲ ମହାନ୍ତି , ସତୀଶ ପରିଡା , ଚର୍ଚ୍ଚିଲ ଦାସ , ବିନୋଦ ଦାସ, ବିକାଶ ବେହେରା, ସୁରେଶ ଚନ୍ଦ୍ର ମିଶ୍ , ଦିପୁ ପାଲ , ବୁଢ଼ିଆ , ବିବେକ ଦଳେଇ, କୃତିବାସ ପୃଷ୍ଟି , ଜଗନ୍ନାଥ ବାରିକ ଓ ସମେତ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା ।

## ନୟାଗଡ଼ କଲେଜରେ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ

ନୟାଗଡ଼, (ସବ୍ୟୁ) : ସିଲାବସ ଶେଷ ନହୋଇ ପରୀକ୍ଷା ଘୋଷଣାକୁ ବିରୋଧ କରି ଆଜି ନୟାଗଡ଼ ସ୍ୱଓ୍ୱଂଶାସିତ ମହାବିଦ୍ୟାଳୟର ୩ ଛାତ୍ରଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇଥିଲେ । କଲେଜ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ବିରୋଧରେ ଶତାଧିକ ଛାତ୍ରଛାତ୍ରୀ ବିକ୍ଷୋଭ କରିବାରୁ କ୍ୟାମ୍ପସରେ ଉତ୍ତେଜନା ପ୍ରକାଶ ପାଇଥିଲା । ଛାତ୍ର ଛାତ୍ରୀ ମାନେ ରାଜରାସ୍ତାରେ ବସି ନୟାଗଡ଼ ଭଞ୍ଜନଗର ରାସ୍ତା କୁ ଅବରୋଧ କରିଥିଲେ । ପୋଲିସ ସେମାନଙ୍କୁ ବୁଝାସୁଝା କରି ରାସ୍ତା ଅବରୋଧ କୁ ହଟାଇଥିଲେ । କଲେଜ ପରିଚାଳନା କମିଟି ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ରୋଜିନା ଦାସ ତାଙ୍କ କାର୍ଯ୍ୟାଳୟରେ ଛାତ୍ର ଛାତ୍ରୀଙ୍କ ପ୍ରତିନିଧି ଏବଂ କଲେଜ ପ୍ରିନ୍ସିପାଲଙ୍କ ସହ ଆଲୋଚନା କରିଥିଲେ । ପରୀକ୍ଷା ନୋଟିସ୍‌କୁ ପ୍ରତ୍ୟାହାର କରିବା ପାଇଁ ପ୍ରିନ୍ସିପାଲ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଶ୍ରୀମତୀ ଦାସ । ଆସନ୍ତା ଏପ୍ରିଲ ଶେଷ ସୁଦ୍ଧା ସିଲାବସ ଶେଷ କରିବାକୁ ବିଭାଗୀୟ ମୁଖ୍ୟଙ୍କୁ ପରାମର୍ଶ ଦେବା ସହ ସମସ୍ତଙ୍କ ସହ ଆଲୋଚନା କରି ପରୀକ୍ଷା ତାରିଖ ଧାର୍ଯ୍ୟ କରିବାକୁ ପ୍ରିନ୍ସିପାଲଙ୍କୁ ପରାମର୍ଶ ଦେଇଥିଲେ ଅତିରିକ୍ତ ଜିଲ୍ଲାପାଳ ।

### ପେଟ୍ରୋଲ ଓ ଡିଜେଲ ଉପରେ କେନ୍ଦ୍ରୀୟ ଅବକାରୀ ଶୁଳ୍କ ହ୍ରାସ ନିଷ୍ପତି

# ମୋଦୀ ସରକାରଙ୍କ ନିଷ୍ପତି ସମୟୋଚିତ ଓ ସାହସିକ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ) : ପଶ୍ଚିମ ଏସିଆରେ ବଢୁଥିବା ଭୂ-ରାଜନୈତିକ ତିକ୍ତତା ଏବଂ ବିଶ୍ୱ ଉର୍ଜା ବଜାରରେ ଦେଖାଦେଇଥିବା ଅସ୍ଥିରତା ମଧ୍ୟରେ ଭାରତ ସରକାରଙ୍କ ଜନକଲ୍ୟାଣକାରୀ ପଦକ୍ଷେପକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଚ୍ଚ ପ୍ରଶଂସା କରିଛନ୍ତି । ପେଟ୍ରୋଲ ଓ ଡିଜେଲ ଉପରୁ କେନ୍ଦ୍ରୀୟ ଅବକାରୀ ଶୁଳ୍କ ହ୍ରାସ ଏବଂ ବାଣିଜ୍ୟିକ କ୍ଷେତ୍ର ପାଇଁ ଏଲପିଜି ଆବଣ୍ଟନ ବୃଦ୍ଧି ନିଷ୍ପତ୍ତିକୁ ସେ ଏକ "ସମୟୋଚିତ ଓ ସାହସିକ" ପଦକ୍ଷେପ ଭାବେ ଅଭିହିତ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ପେଟ୍ରୋଲ ଓ ଡିଜେଲ ଉପରେ କେନ୍ଦ୍ରୀୟ ଅବକାରୀ ଶୁଳ୍କ ଲିଟର ପିଛା ୧୦ ଟଙ୍କା ହ୍ରାସ କରିବା ଦ୍ୱାରା ଦେଶର ମଧ୍ୟବିତ୍ତ ପରିବାର, ସାଧାରଣ ଉପଭୋକ୍ତା ଏବଂ ବ୍ୟବସାୟୀମାନେ ବିଶେଷ ଭାବେ ଉପକୃତ ହେବେ। ଏହି ନିର୍ଣ୍ଣାୟକ ପଦକ୍ଷେପ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବାରେ ଏବଂ ଦେଶର ଆର୍ଥିକ ସ୍ଥିରତା ବଜାୟ ରଖିବାରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହେଉଥିବା ବେଳେ, ବାଣିଜ୍ୟିକ ଏଲପିଜି ଆବଣ୍ଟନକୁ ସଙ୍କଟ ପୂର୍ବ ସ୍ଥିତିର ୨୦ ପ୍ରତିଶତ



ଅତିରିକ୍ତ ସହ ୭୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବା ଏକ ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି । ଏହା ଦ୍ୱାରା ଇସ୍ପାତ, ବୟନ ଶିଳ୍ପ, କେମିକାଲ୍ସ ଏବଂ ଅଟୋମୋବାଇଲ୍ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକ ଅଧିକ କ୍ରିୟାଶୀଳ ହେବ । ଶ୍ରମ-ଭିତ୍ତିକ ଶିଳ୍ପଗୁଡ଼ିକୁ ସହାୟତା ମିଳିବା ସହ ଅର୍ଥନୈତିକ ଗତିଶୀଳତା ବଜାୟ ରହିବ । ମନ୍ତ୍ରୀ ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଛନ୍ତି ଯେ, ଡିଜେଲ ଏବଂ ବିମାନ ଇନ୍ଧନ ବା ଏଟିଏଫ ଉପରେ ରପ୍ତାନି ଶୁଳ୍କ ଧାର୍ଯ୍ୟ କରିବା ଦେଶର ଉର୍ଜା ସୁରକ୍ଷା ଏବଂ ଜାତୀୟ ସ୍ୱାର୍ଥକୁ ପ୍ରାଥମିକତା ଦେବାର ଏକ ସ୍ପଷ୍ଟ ପ୍ରମାଣ । ଯେଉଁ ସମୟରେ ବିଶ୍ୱର ଅନେକ ଦେଶ ଶକ୍ତି ସଙ୍କଟ ଓ ବର୍ଦ୍ଧିତ ମୂଲ୍ୟ ଯୋଗୁଁ ସଂଘର୍ଷ କରୁଛନ୍ତି, ଭାରତର ଏହି ସନ୍ତୁଳିତ ଆଭିମୁଖ୍ୟ ପ୍ରଧାନମନ୍ତ୍ରୀଙ୍କ ଦକ୍ଷ ନେତୃତ୍ୱକୁ ଦର୍ଶାଉଛି । ଉର୍ଜା କ୍ଷେତ୍ରରେ ଏହି ସଂସ୍କାରମୂଳକ ନିଷ୍ପତ୍ତି ପାଇଁ ସେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି । ମୋଦୀ ସରକାର ସଦାସର୍ବଦା ଦେଶର ଉର୍ଜା ସୁରକ୍ଷା ଏବଂ ଜନସାଧାରଣଙ୍କ ଜୀବନଧାରଣର ମାନକୁ ସହଜ କରିବା ପାଇଁ ବଦ୍ଧପରିକର ବୋଲି ଶ୍ରୀ ପ୍ରଧାନ ନିଜ ବାର୍ତ୍ତାରେ ପ୍ରକାଶ କରିଛନ୍ତି।

# ଷ୍ଟେଟ ବ୍ୟାଙ୍କ ଅଟଳ ଶାଖାର ନୂତନ ଗୃହପ୍ରବେଶ କାର୍ଯ୍ୟକ୍ରମ



ଭୁବନେଶ୍ୱର (ସବ୍ୟୁ): ଅଟଳାଗଡ ଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଅଟଳ ଶାଖାର ନୂତନ ଗୃହପ୍ରବେଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହା ପ୍ରବନ୍ଧକ ଏ ଡି ରତ୍ନା ତେଜା, ଉପ ମହାପ୍ରବନ୍ଧକ ପ୍ରଶାନ୍ତ କୁମାର ଓ ଆଞ୍ଚଳିକ ପରିଚାଳକ, ଭୁବନେଶ୍ୱର ନର୍ଥ, ଅନିଲ କୁମାର ମିଶ୍ର ଯୋଗ ଦେଇଥିଲେ । ଏହି ଶାଖାର ଗୃହ ସ୍ଥାନାନ୍ତରଣ ହେବାଦ୍ୱାରା ଅଟଳ, ଆଳରପୁର, ଅନ୍ଦିଲୋ ,ଜଗନ୍ନାଥ ପୁର, ଅନନ୍ତପୁର ଓ ଅନ୍ୟାନ୍ୟ ଗ୍ରାମବାସୀମାନେ ମାନେ ବ୍ୟାଙ୍କ ର ସେବା ଦ୍ୱାରା ଉପକୃତ ହେଇପାରିବେ। ଏଥରେ ଗୃହ ଋଣ ,ଗାଡ଼ି ଋଣ, ସ୍ୱର୍ଣ୍ଣ ଋଣ ,ପେନସନ ଋଣ ନୂଆ ଆକାଉଣ୍ଟ। (କରେଣ୍ଟ ଆଉ ସେଭିଂ) ଓପନିଂ ସହ ସମସ୍ତ ପ୍ରକାରର ଡିଜିଟାଲ ସୁବିଧା ଓ ଲକର ସେବା ଉପଲବ୍ଧ ହେବ ।

## ପୋଖରୀରେ ବୁଡି ଶିଶୁ ମୃତ

ବାଲୁଗାଁ ,(ସବ୍ୟୁ): ବାଲୁଗାଁ ଥାନା ଅନ୍ତର୍ଗତ ପାଇକ କୁଶଡିହ ଗ୍ରାମରେ ଶୁକ୍ରବାର ସକାଳେ ଜଣେ ଶିଶୁପୁତ୍ର ପୋଖରୀରେ ବୁଡି ମୃତ୍ୟୁ ଘଟିଛି ।କୁଶଡିହ ଗ୍ରାମର ରାଜୁ ସୁନ୍ଦରାୟଙ୍କ ପୁଅ ମହେଶ (୧୦) ସାଙ୍ଗ ସହ ମିଶି ଶୁକ୍ରବାର ସକାଳ ପ୍ରାୟ ୯ ଟାରେ ଗ୍ରାମ ପୋଖରୀ ନିକଟରେ ଖେଳୁଥିଲେ । ତେବେ କୌଣସି କାରଣ ବଶତଃ ଦୁହେଁ ହାତ ଧରା ଧରି ହୋଇ ପୋଖରୀ ମଧ୍ୟକୁ ଖସି ପଡିଥିଲେ । ଦୁହେଁ ବୁଡି ଯାଉଥିବା ବେଳେ ଉକ୍ତ ରାସ୍ତା ଦେଇ ଯାଉଥିବା ଜଣେ ବ୍ୟକ୍ତି ଦେଖି ପାରି ଉଦ୍ଧାର ପାଇଁ ପୋଖରୀକୁ ଡେଇଁ ପଡିଥିଲେ । ହେଲେ ଜଣକୁ ଉଦ୍ଧାର ପାଇଁ ସକ୍ଷମ ହୋଇଥିବା ବେଳେ ମହେଶ କୁ ଗଭୀର ଜଳରେ ପାଇ ନଥିଲେ । ପରେ ଗ୍ରାମବାସୀଙ୍କ ସହାୟତାରେ ମହେଶକୁ ଉଦ୍ଧାର କରାଯାଇ ବାଲୁଗାଁ ଡାକ୍ତରଖାନା ଅଣା ଯାଇଥିଲା । ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ । ବାଲୁଗାଁ ପୋଲିସ ଏ ନେଇ ୫/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।













ପବିତ୍ର ଶ୍ରୀରାମ ନବମୀ ଅବସରରେ ଭୁବନେଶ୍ୱର ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ

# ଶ୍ରୀରାମ ନବମୀ ପାଳିତ

ଖୋର୍ଦ୍ଧା, (ସବ୍ୟୁ): ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏସନ୍ ତରଫରୁ ଶ୍ରୀ ଚୈତନ୍ୟ ବିହାର ପରିସରରେ ଥିବା ଅଯୋଧ୍ୟା ବିହାରୀ ଶ୍ରୀ ରଘୁନାଥ ଙ୍କର ଶୁଭ ଆବିର୍ଭାବ ଶ୍ରୀ ରାମନବମୀ ପାଳିତ ହୋଇଯାଇଛି। ପ୍ରାତଃ ରୁ ମଙ୍ଗଳ ଆରତି ମଧ୍ୟାହ୍ନ ରେ ଆବିର୍ଭାବ ଅଭିଷେକ ଅନୁଷ୍ଠିତ ହୋଇଥିଲା। ଶ୍ରୀ ରାମ ଚରିତ ମାନସ ପାରାୟଣ ପରେ ଅବସର ପ୍ରାପ୍ତ ସଂସ୍କୃତି ତଥା ସୁଚନା ଓ ଲୋକସମ୍ପର୍କ ଅଧିକାରୀ ଦୁର୍ଗା ଚରଣ ନାୟକ, ପଣ୍ଡିତ ଗୋପବନ୍ଧୁ ପଣ୍ଡା, ଜନାକୀ ବଲ୍ଲଭ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମର୍ଯ୍ୟଦା ପୁରୁଷୋତମ ଶ୍ରୀରାମଙ୍କ ଗୁଣାବଳୀ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀବୋଧାୟନ ମହାରାଜ, ଅନନ୍ତ ହରି ମହାରାଜ, ବନମାଳି ଦାସ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମ କୁ ସଂଘ ସମ୍ପାଦକ ଜୟନାରାୟଣ ପଟ୍ଟନାୟକ ସଂଯୋଜନା କରିଥିଲେ।

## ରାମମୟ ସାରା ଜଗତ

# ଜୟ ଶ୍ରୀରାମ ନାରା ଗୁଞ୍ଜରିତ

ଭୁବନେଶ୍ୱର(ସବ୍ୟୁ): ଆଜି(ଶୁକ୍ରବାର) ରାମନବମୀ । ମର୍ଯ୍ୟାଦା ପୁରୁଷ ପ୍ରଭୁ ରାମଚନ୍ଦ୍ରଙ୍କ ଜନ୍ମଦିନ । ରାମମୟ ହୋଇଛି ସାରା ଜଗତ । ଚାରିଆଡେ ଜୟ ଶ୍ରୀରାମ ନାରା । ଭକ୍ତିମୟ ପରିବେଶରେ ଭାବବିହ୍ୱଳ ଭକ୍ତ । ରାମ ନବମୀକୁ ନେଇ ସାରା ଦେଶ ଉତ୍ସବମୁଖର ହୋଇଛି । ସଜେଇ ହୋଇଛି ସାରା ଅଯୋଧ୍ୟା । ରାମଲାଲାଙ୍କ ଦର୍ଶନ ପାଇଁ ଅଯୋଧ୍ୟାରେ ଲାଗିଛି ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ । ସେପଟେ ଭୁବନେଶ୍ୱରର ରାମ ମନ୍ଦିରରେ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି । ରାଜ୍ୟରେ ମଧ୍ୟ ଆଧ୍ୟାତ୍ମିକ ମାହୋଲ। ରାଜ୍ୟର କୋଣ ଅନୁକୋଣରେ ଥିବା ସମସ୍ତ ରାମ ମନ୍ଦିର ଭକ୍ତିମାହୋଲରେ ପ୍ରକମ୍ପିତ ହେଉଛି । ମନ୍ଦିରଗୁଡିକରେ ଭଜନ କୀର୍ତ୍ତନ ସହ ରାମଚରିତ ମାନସ ପାଠ କରାଯାଉଛ । ସେପଟେ ଶୁକ୍ରବାର ୫ ଘଣ୍ଟା ପାଇଁ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ । ଶ୍ରୀରାମ ନବମୀରେ ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମ ନୀତି ପାଇଁ ମଧ୍ୟାହ୍ନ ଧୂପ ଭୋଗ ଉଠିବା ପରେ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିବ ।

ରାଜ୍ୟରେ ସବୁଠି ଶୁଭୁଛି ରାମ ନାମ । ରାମ ଧ୍ୱନୀରେ ଉତ୍ସବ ମୁଖର ହୋଇ ଉଠିଛି ଫତେଗଡ଼ ଗିରଗୋବର୍ଦ୍ଧନ ପାହାଡ । ରାମନାମ ଧ୍ୱନିରେ ଗୁଞ୍ଜରିତ ହେଉଛି ଗଗନ ପବନ । ମର୍ଯ୍ୟାଦା ପୁରୁଷ ପ୍ରଭୁ ରାମଚନ୍ଦ୍ରଙ୍କୁ ଆଖି ପୂରେଇ ଦେଖିବା ପାଇଁ ଲାଗିଛି ହଜାର ହଜାର ଭକ୍ତଙ୍କ ଭିଡ । ଆଜି ଭୋରରୁ ଚଳଚଞ୍ଚଳ ନୟାଗଡ ଜିଲ୍ଲା ଫତେଗଡ ରାମ ମନ୍ଦିର । ସକାଳ ୫ ଟାରୁ ଦ୍ୱାରା ଫିଟା ନୀତି ହୋଇଥିଲା । ପ୍ରଭୁଙ୍କର ବିଭିନ୍ନ ବେଶ ସହ ଭକ୍ତଙ୍କ ଦର୍ଶନ ପାଇଁ ଆଜି ପହଡ଼ ପଡିବ ନାହିଁ । ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ଭକ୍ତଙ୍କ ପାଇଁ ମନ୍ଦିର ଖୋଲା ରହିବ ।

# ରାଜମହଲ ଛକରେ ଯୁବକଙ୍କ ଆତ୍ମାହୁତି ଉଦ୍ୟମ

ଭୁବନେଶ୍ୱର, (ସବ୍ୟୁ) : ପାରିବାରିକ ବିବାଦରୁ ଜଣେ ଯୁବକ ଶୁକ୍ରବାର ସନ୍ଧ୍ୟାରେ ରାଜମହଲ ଛକରେ ପେଟ୍ରୋଲ ଢାଳି ହୋଇ ଆତ୍ମାହୁତି ଉଦ୍ୟମ କରିବା ଘଟଣା ଚର୍ଚ୍ଚା ହେଉଛି । ପୋଲିସ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି । କେଦାରପଲ୍ଲୀର ସୁଶାନ୍ତ ନାୟକ । ପାରିବାରିକ ବିବାଦରୁ ସେ ରାଜମହଲ ଛକରେ ରାସ୍ତାକୁ ଆସି ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ଜଣେ ଯୁବକଙ୍କ ଦେହରେ ନିଆଁ ଲାଗିଯିବା ଦେଖି ସେଠାରେ କାର୍ଯ୍ୟରତ ପୋଲିସ ତାଙ୍କୁ ଉଦ୍ଧାର କରିବା ସହ ଥାନାକୁ ଖବର କରିଥିଲେ । ଥାନା ଗାଡିରେ ଗୁରୁତର ଆହତ ଯୁବକଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା । ହସ୍ପିଟାଲ ବର୍ଣ୍ଣ ଓ୍ୱାର୍ଡରେ ସେ ଚିକିତ୍ସିତ ହେଉଥିବା ବେଳେ ବାସ୍ତବରେ କ'ଣ ପାଇଁ ଦେହରେ ନିଆଁ ଲଗାଇଲେ ତାହା ସ୍ପଷ୍ଟ ହୋଇନାହିଁ । ଯଦି ପାରିବାରିକ ବିବାଦ ତାହା କ'ଣ ପାଇଁ ହୋଇଥିଲା ତାହା ଜଣାପଡିନାହିଁ । ପୋଲିସ କହିବାନୁଯାୟୀ ପରିବାର ଲୋକେ ପହଞ୍ଚିବା ପରେ ଆତ୍ମାହୁତି ଉଦ୍ୟମର କାରଣ ଜଣାପଡିବ । ଅନ୍ୟ ଜଣେ ପୋଲିସ ଅଫିସରଙ୍କ କହିବା କଥା ସୁଶାନ୍ତ ସୁସ୍ଥ ହେବା ପରେ ସେ ହିଁ କହିବ କ'ଣ ପାଇଁ ପେଟ୍ରୋଲ ଢାଳି ହୋଇ ଦେହରେ ନିଆଁ ଲଗାଇଲା ।

# 'ସମୟ' କର୍ମଚାରୀଙ୍କ ପତ୍ନୀ ବିୟୋଗ

ଭୁବନେଶ୍ୱର, (ସବ୍ୟୁ) : ଶୁକ୍ରବାର ପୂର୍ବାହ୍ନରେ 'ସମୟ'ର ବରିଷ୍ଠ କର୍ମଚାରୀ ନରେନ୍ଦ୍ର ବିଶ୍ୱାଳଙ୍କ ପତ୍ନୀ ନମିତା ବିଶ୍ୱାଳ (୪୫)ଙ୍କ ପରଲୋକ ହୋଇଯାଇଛି । ଗତ ୬ମାସ ହେବ ସେ ଅସୁସ୍ଥ ଥିଲେ । ଶୁକ୍ରବାର ପୂର୍ବାହ୍ନରେ ଦେହ ଭଲ ଲାଗୁନାହିଁ ବୋଲି ସ୍ୱାମୀ ନରେନ୍ଦ୍ରଙ୍କୁ କହିବା ସହ ହଠାତ୍ ପଡିଯାଇଥିଲେ । ଭୋଟପଡା ଗାଁରେ ଥିବା ତାଙ୍କ ବାସଭବନରେ ଏହି ଘଟଣା ଘଟିବା ପରେ ନମିତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା ତେବେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ନମିତାଙ୍କର ଗୋଟିଏ ପୁତ୍ର ସନ୍ତାନ ଅଛନ୍ତି । ଏହି ଖବର ପାଇବା ପରେ "ସମୟ"ର ନିର୍ଦ୍ଦେଶିକା ଅନୀତା



ମହାନ୍ତି ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେବା ସହ ସମବେଦନା ଜଣାଇଥିଲେ । "ସମୟ"ର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଶବଧାର ନିକଟରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । କ୍ୟାପିଟାଲ ହସ୍ପିଟାଲରୁ ନମିତାଙ୍କ ମରଶରୀର ଭୋଟପଡା ବାସଭବନକୁ ଅଣାଯିବା ପରେ ତାଙ୍କ ଶାଶୁଘର ଗାଁ ତିର୍ତ୍ତୋଲର ନୂଆପୋଖରୀ ଅଭିମୁଖେ ନିଆଯାଇଥିଲା । ନୂଆପୋଖରୀ ଶ୍ମଶାନରେ ନମିତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି । ତାଙ୍କର ଏକମାତ୍ର ପୁତ୍ର ନିଖିଲ ରଞ୍ଜନ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ ।

# ସଙ୍ଘ ନିର୍ମାଣ ଅନ୍ୟତ୍ର କରିବା ନିମନ୍ତେ ଦାବୀ, ଆକ୍ରମଣର ଶିକାର ହେଲେ ଅଭିଯୋଗକାରୀ

ଖୋର୍ଦ୍ଧା, (ସବ୍ୟୁ) : ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ପୁରୁସାହି ଗ୍ରାମ ର କପିଳେଶ୍ୱର ମୌଜା ରେ ଥିବା ଶନିମନ୍ଦିର ନିକଟରୁ ଆବର୍ଜନା ପାଣି ନିଷ୍କାସନ ନିମନ୍ତେ ପ୍ରସ୍ତାବିତ ସ୍ଥାନରେ ସଙ୍ଘ କରାନଯାଇ ଅନ୍ୟ ଏକ ସ୍ଥାନରେ କରିବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଅନୁରୋଧ କରିଥିଲେ। ସେହି ଘଟଣା କୁ ନେଇ ପୁରୁସାହି ଗ୍ରାମ ରେ ଏକ ଅଶାନ୍ତି ବାତାବରଣ ସୃଷ୍ଟି କରୁଥିବା ସେହି ଗ୍ରାମ ର ଜଣେ ସାମ୍ବାଦିକ ଯେ କି, ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ କୁ ନିଜ ପକେଟ ରେ ରଖିଛି ବୋଲି କହୁଥିବା ବ୍ୟକ୍ତି କିଛି ଲୋକଙ୍କୁ ପ୍ରବର୍ତ୍ତାଇ ଗତକାଲି ଜୋର ଜବରଦସ୍ତ ଭାବରେ ଏକ ଜେସିବି ସାହାଯ୍ୟରେ ଡ୍ରେନ ଖୋଲୁଥିବା ବେଳେ ସେହି ଗ୍ରାମର ଦିଲ୍ଲୀପ ବେହେରା ଏହାକୁ ବିରୋଧ କରିଥିଲେ। ଏ ନେଇ ପୁର୍ବରୁ ଦିଲ୍ଲିପ ଅଲିଆ ଆବର୍ଜନା ପାଣି ନିଷ୍କାସନ ନିମନ୍ତେ ତାଙ୍କ ବାରିପଟେ ଡ୍ରେନ ନ ଖୋଳିବା କୁ ଜିଲ୍ଲା ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିବା ପରେ ପ୍ରଶାସନ ର ନିର୍ଦ୍ଦେଶ କ୍ରମେ ଡ୍ରେନ ଖୋଳା କାର୍ଯ୍ୟ ବନ୍ଦ କରଯାଇଥିଲା। କିନ୍ତୁ ଜିଲ୍ଲା ପ୍ରଶାସନ ର ନିର୍ଦ୍ଦେଶ କୁ ନମାନି ସେହି ଆତ୍ମଘୋଷିତ ପ୍ରତିଷ୍ଠିତ ସାମ୍ବାଦିକ ଙ୍କ ପ୍ରରୋଚନା ରେ ସେହି ଗ୍ରାମ ର କିଛି ଲୋକ ଏକ ଜେସିବି ଦ୍ୱାରା ଡ୍ରେନ ଖୋଲୁଥିଲେ ଯାହାକୁ ଦିଲ୍ଲୀପ ବିରୋଧ କରିବା ପରେ ସେମାନେ ସମସ୍ତେ ଏକତ୍ରୀତ ହୋଇ ସଂଘବଦ୍ଧ ଭାବରେ ବିଭିନ୍ନ ମାରଣାସ୍ତ୍ର ଦ୍ୱାରା ଦିଲ୍ଲୀପ ଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ। ଏ ନେଇ ସମ୍ପୃକ୍ତ ବ୍ୟକ୍ତି ମାନଙ୍କ ବିରୁଦ୍ଧ ରେ ସେ ଆଦର୍ଶ ଥାନା ରେ ଲିଖିତ ଭାବରେ ଅଭିଯୋଗ କରିଛନ୍ତି, ଯାହା ପୁଲିସ ର ତଦନ୍ତ ପରିସରଭୁକ୍ତ ରହିଛି। ଉକ୍ତ ସାମ୍ବାଦିକ ନିକଟରେ ଖୋର୍ଦ୍ଧା ଉଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ଜଣେ ମହିଳା କର୍ମଚାରୀଙ୍କ ବିରୁଦ୍ଧରେ ସାମାଜିକ ଗଣ ମାଧ୍ୟମ ରେ ବିଭିନ୍ନ ପ୍ରକାର ର ଅଶାଳୀନ ମନ୍ତବ୍ୟ ଦେବା ପରେ ତାଙ୍କ ନାମରେ ସମ୍ପୃକ୍ତ ମହିଳା କର୍ମଚାରୀ ଏକ ଲିଖିତ ଅଭିଯୋଗ ଆଦର୍ଶ ଥାନା ରେ କରିବାରେ ପୁଲିସ ଏକ ମକଦ୍ଦମା ରୁଜୁ କରିଥିଲା।

## ଚଣ୍ଡିଖୋଲ ଆରଟିଓର ମିଳିତ ଗାଡିଯାଞ୍ଚ ୭ମ ଦିନରେ

# ୮୬ ଗାଡ଼ିରୁ ୪ ଲକ୍ଷ ୬୮ ହଜାର ୮୭୦ ଟଙ୍କା ଜୋରୀମାନା ଆଦାୟ

ଚଣ୍ଡିଖୋଲ,(ସବ୍ୟୁ) ରାଜ୍ୟରେ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ପରିବହନ ବିଭାଗ ପକ୍ଷରୁ ଗାଡିମଟର ଗୁଡିକର ସ୍ୱତନ୍ତ୍ର ମିଳିତ ଯାଞ୍ଚ କାର୍ଯ୍ୟକ୍ରମ ଯାରୀ ରହିଛି।। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଆରଟିଓ ପକ୍ଷରୁ ୭ମ ଦିନରେ ୨ଟି ଥାନା ଅଧିନରେ ମିଳିତ ଯାଞ୍ଚ କରାଯାଇ ୮୬ଟି ଅମାନିଆ ଓ ସଠିକ କାଗଜପତ୍ର ନଥିବା ୮୬ଟି ଗାଡିରୁ ୪ ଲକ୍ଷ ୬୮ ହଜାର ୮୭୦ ଟଙ୍କା ଯୋରୀମାନା ଆଦାୟ ଆଦାୟ କରାଯାଇଛି । ଚଣ୍ଡିଖୋଲ ଆରଟିଓ ଶିଶିରକୁମାର ସାହୁଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଦିନ ବଡଚଣା ଓ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ମିଳିତ ଗାଡିଯାଞ୍ଚ କରାଯାଇ ଏହି ଯୋରୀମାନା ଆଦାୟ କରାଯାଇଥିଲା । ତେବେ ଏହି ଗାଡିଯାଞ୍ଚ ପ୍ରକ୍ରିୟା ମଧ୍ୟରେ ଗତ ୬ ଦିନ ମଧ୍ୟରେ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଗାଡିଠାରୁ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଯୋରୀମାନା




ଆଦାୟ ପାଇଁ ଚାଲାଣ କଟାଯାଇଥିବା ଜଣାପଡିଛି! ଏହି ମିଳିବ ଗାଡିଯାଞ୍ଚ କାର୍ଯ୍ୟକ୍ରମରେ ଆରଟିଓ ଶ୍ରୀ ସାହୁଙ୍କ ସହିତ ଟିଆଇ ଯୁଗଳ କିଶୋର ତିରିଆ, କନିଷ୍ଠ ଏମଭିଆଇ ଅବିନାଶ ସ୍ୱାଇଁ ,ସ୍ୱାତୀ ସ୍ୱାଗତୀକାଙ୍କ ସହ ବଡଚଣା ଓ ବାଲିଚନ୍ଦ୍ରପୁର ଥାନା ପୋଲିସ ସହଯୋଗ କରିଥିଲେ! ଏହି ପର୍ଯ୍ୟାୟରେ ଶ୍ରୀରାମପୁର ଟୋଲପ୍ଲାଜାରେ ଏକ ଚକ୍ଷୁ ପରିକ୍ଷା ଶିବିର ଆୟୋଜିତ ହୋଇଥିଲା! ଏଥିରେ ବହୁ ଗାଡି ଚାଳକ ପହଞ୍ଚି ସେମାନଙ୍କ ଚକ୍ଷୁ ପରି ପରିକ୍ଷା କରାଇଥିଲେ ।

## ସର୍ବଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନସିପ୍‌ରେ

# ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ଅଥଲେଟଙ୍କ ୭ଟି ପଦକ ହାସଲ

ଭୁବନେଶ୍ୱର, (ସବ୍ୟୁ): ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ଜିମ୍ନାଷ୍ଟିକ୍ସ (ପୁରୁଷ ଓ ମହିଳା) ଚାମ୍ପିୟନସିପ୍୨୦୨୫-୨୬ରେ ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫରମାନ୍ସ ସେଣ୍ଟର (ଏଚପିସି) ଆଥଲେଟମାନେ ଚମତ୍କାର ପ୍ରଦର୍ଶନ କରି ୭ଟି ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଏଚ୍‌ପିସିରୁ ମୋଟ ୫ ଜଣ ଆଥଲେଟ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଏଚ୍‌ପିସିର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଡବ୍ଲୁଏଜି) ର ସହକାରୀ କୋଚ୍ ଅଙ୍କିତା ବୈଦ୍ୟ ଏବଂ ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଏମଏଜି)ର ବିଦେଶୀ ବିଶେଷଜ୍ଞ ସାଇମନ୍ ପିଟର ମୁର୍‌ଙ୍କ ତତ୍ତ୍ୱାବଧାନରେସିନିୟର ଡବ୍ଲୁଏଜିଆଥଲେଟ ଅଦିତା ମଣ୍ଡଳ ଓ ଜେଏମ୍ ରୀତିକା ଦାସ ଏବଂ




ସିନିୟର ଏମଏଜି କ୍ରୀଡ଼ାବିତ୍ ଅର୍ପଣ ଲସ୍କର ଓ ଆଜାଦ୍ ଲସ୍କର ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସେହିପରି ସିନିୟର ଏମଏଜି କ୍ରୀଡ଼ାବିତ୍ ଜଗଦୀଶ ବାରିକ୍ ଅମୃତସରର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଚାମ୍ପିୟନସିପ୍‌ରେ ଅଂଶଗ୍ରହଣ କରିଥିଲେ।

ସିନିୟର ପୁରୁଷ ବର୍ଗରେ ଆଜାଦ୍ ଲସ୍କର ଅତି ଚମତ୍କାର ପ୍ରଦର୍ଶନ କରି 'ଅଲ୍-ରାଉଣ୍ଡ' ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଆଜାଦ୍ ଏବଂ ଅର୍ପଣଙ୍କ ମିଳିତ ସହଯୋଗରେ ପଞ୍ଜାବ ବିଶ୍ୱବିଦ୍ୟାଳୟ 'ଟିମ୍ ଚାମ୍ପିୟନସିପ୍'ରେ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଛି। ଅନ୍ୟପଟେ ଜଗଦୀଶ ବାରିକ୍ ନିଜର ଚମତ୍କାର ପ୍ରଦର୍ଶନ ଜରିଆରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ଦଳକୁ 'ଟିମ୍ ଇଭେଣ୍ଟ'ରେ ରୌପ୍ୟ ପଦକ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ସିନିୟର ମହିଳା ବର୍ଗରେ ଅଦିତା ପ୍ରଭାବୀ ପ୍ରଦର୍ଶନ କରି 'ଅଲ୍-ରାଉଣ୍ଡ' ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଏବଂ 'ବିମ୍'ରେ କାଂସ୍ୟ ପଦକ ହାସଲ କରିଛନ୍ତି। ଅନ୍ୟପଟେ ରୀତିକା 'ବିମ୍' ଇଭେଣ୍ଟରେ ରୌପ୍ୟ ପଦକ ଜିତିବାରେ ସଫଳ ହୋଇଛନ୍ତି। ଉଭୟ ଅଦିତା ଏବଂ ରୀତିକାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଯୋଗୁଁ ପଞ୍ଜାବ ବିଶ୍ୱବିଦ୍ୟାଳୟ 'ଟିମ୍ ଚାମ୍ପିୟନସିପ୍'ରେ ସ୍ୱର୍ଣ୍ଣ ପଦକ ଜିତିବାର ସୌଭାଗ୍ୟ ଅର୍ଜନ କରିଛି। ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫରମାନ୍ସ ସେଣ୍ଟରର ଆଥଲେଟମାନଙ୍କର ଏହି ସଫଳତା, ନିଷ୍ଠା, କଠିନ ପରିଶ୍ରମ ଏବଂ ଜାତୀୟ ଜିମ୍ନାଷ୍ଟିକ୍ସ କ୍ଷେତ୍ରରେ ସେମାନଙ୍କର ବଢୁଥିବା ପ୍ରଭୁତ୍ୱକୁ ପ୍ରମାଣିତ କରୁଛି। ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ପ୍ରାୟ ୭୦୦ରୁ ଅଧିକ ପ୍ରତିଭାବାନ ଆଥଲେଟମାନେ ଏହି ସମ୍ମାନଜନକ ଚାମ୍ପିୟନସିପ୍‌ରେ ଅଂଶଗ୍ରହଣ କରିଥିଲେଯାହା, ଏଚ୍‌ପିସି କ୍ରୀଡ଼ାବିତ୍‌ମାନଙ୍କର ଏହି ସଫଳତାକୁ ଅଧିକ ଉଲ୍ଲେଖନୀୟ କରିଛି।

# ଆଶୀର୍ବାଦ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର ୨୯ରେ

କଟକ, (ସ୍ୱପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆଶୀର୍ବାଦ ଫାଉଣ୍ଡେସନ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆସନ୍ତା ରବିବାର ୨୯ ତାରିଖ ସକାଳ ୯ ଘଟିକା ସମୟରେ ସ୍ଥାନୀୟ ୫୩ନଂ ୱାର୍ଡ ଅନ୍ଦରପୁର ସାଇବୃନ୍ଦାବନ ଗାର୍ଡେନ ପରିସରରେ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟଅତିଥି ଭାବେ ମେୟର ସୁବାଷ ସିଂହ, ସମ୍ମାନିତ ଅତିଥି ଭାବେ ବିଧାୟକ ସୌଭିକ ବିଶ୍ୱାଳ, ଇଂ ସୋଫିଆ ଫିର୍ଦ୍ଦୋଷ, ଇଂ ପ୍ରକାଶ ଚନ୍ଦ୍ର ସେଠି, କଟକ ସଦର ବ୍ଲକ ଚେୟାରମ୍ୟାନ ଭାଗ୍ୟଲକ୍ଷ୍ମୀ ରାଉତ, କର୍ପୋରେଟର ସୌଭାଗିନୀ ଜେନା, ଅରବିନ୍ଦ ଜେନା, ସୁଭାଶିଷ ପଟ୍ଟନାୟକ, ଗୋପାଳ ବେହେରା, ସମାଜସେବୀ ଇଂ ନଗେନ କୁମାର ମହାନ୍ତି, ଡ଼ା. ଭବାନୀ ପ୍ରସାଦ ପଣ୍ଡା, ଅନ୍ଦରପୁର ସାହି ଅଧିକାରୀ ପ୍ରମୋଦ କୁମାର ଭୋଳଙ୍କ ସମେତ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ଇଂ ମହମ୍ମଦ ମୋକିମ ପ୍ରମୁଖଙ୍କ ସହିତ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷମାନେ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବେ ବୋଲି ଅନୁଷ୍ଠିତ ସାମ୍ବାଦିକ




ସମ୍ମିଳନୀରେ ଫାଉଣ୍ଡେସନର ପ୍ରତିଷ୍ଠାତା ଦେବଦତ୍ତ ଧଳ ସୂଚନା ଦେଇଛନ୍ତି । ଆମ୍ଭେ ପ୍ରଥମ ଥର ଏପରି ଏକ ମହତ କାର୍ଯ୍ୟକ୍ରମ ହାତକୁ ନେଇଛୁ । ଏଥିରେ ଶହେରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ ହେବା ପାଇଁ ଯୋଜନା ହୋଇଛି । ବହୁ ସଂଖ୍ୟାରେ ଯୁବବର୍ଗ ଏଥିରେ ସାମିଲ ହୋଇ ରକ୍ତଦାନ କରି ଜଣେଜଣେ ଜୀବନଦାତା ହୋବାକୁ ଫାଉଣ୍ଡେସନର ସଂଯୋଜକ ସାମ୍ବାଦିକ ସମୀର କର କହିଥିଲେ ।

ଏଠାରେ ସୂଚନାଯୋଗ୍ୟ ଫାଉଣ୍ଡେସନ ଆନୁକୂଲ୍ୟରେ ଅନେକ ସେବାମୂଳକ କାର୍ଯ୍ୟକ୍ରମ କରାଯାଉଛି । ପୁରୀ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ଖାଦ୍ୟ ବଣ୍ଟନ, ଅନାଥ ଆଶ୍ରମରେ ପିଲାମାନଙ୍କୁ ଖାଦ୍ୟ ଓ ପାଠ୍ୟ ଉପକରଣ ବଣ୍ଟନ, ଗୋସେବା, ବୋଲବମ କାଉଡିଆ ସେବା ଆଦି ଅନେକ ସେବା କାର୍ଯ୍ୟକ୍ରମ କରାଯାଉଛି । ଆଗକୁ ଆହୁରି ଅନେକ ଜନହିତକର କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଫାଉଣ୍ଡେସନର ଶୁଭେଚ୍ଛୁ ତଥା ବରିଷ୍ଠ ସଦସ୍ୟ ବୀରକିଶୋର ସାହୁ ପ୍ରକାଶ କରିଥିଲେ । ସାମ୍ବାଦିକ ସମ୍ମିଳନୀରେ ସଭାପତି ମାଗୁଣୀ ଚରଣ ଦାସ, ସମ୍ପାଦକ ବିଶ୍ୱରଂଜନ ସାହୁଙ୍କ ସମେତ ଫାଉଣ୍ଡେସନର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।

# ଖୋର୍ଦ୍ଧା ରେ ବିଶାଳ ବାଇକ୍ ଶୋଭାଯାତ୍ରା
# ଜୟ ଶ୍ରୀ ରାମ ନାମରେ କମ୍ପିଲା ସହର

ଖୋର୍ଦ୍ଧା, (ସବ୍ୟୁ): ଚୈତ୍ରମାସ ଶୁକ୍ଳ ନବମୀ । ମହାପ୍ରଭୁ ମର୍ଯ୍ୟଦା ପୁରୋଷୋତମ ଶ୍ରୀ ରାମଚନ୍ଦ୍ରଙ୍କ ଜନ୍ମ ଜୟନ୍ତୀ। ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମନରେ ଉତ୍ସାହ ଦେଖାଯାଇଥିବାବେଳେ ରାମ ପ୍ରେମରେ ଶ୍ରଦ୍ଧାଳୁମାନେ ବିଭିନ୍ନ ମନ୍ଦିରରେ ଭାବବିହ୍ୱଳ ହୋଇଥିବାବେଳେ ଆନନ୍ଦ ଉଲାସରେ ରାମନବମୀ ପାଳନ କରିଥିବା ଦେଖାଯାଇଛି । ଏହି ଅବସରରେ ପୂର୍ବାହ୍ନରେ ବଜରଙ୍ଗ ଦଳ ସଦସ୍ୟ ଓ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏକ ବିଶାଳ ଶୋଭଯାତ୍ରା କରାଯାଇଥିଲା। ଆଜି ଶ୍ରଦ୍ଧାଳୁମାନେ ଏକ ହୋଇ ସ୍ଥାନୀୟ ମୁକୁନ୍ଦପ୍ରସାଦ ମେଲଣ ପଡିଆରୁ ଶ୍ରୀରାମଙ୍କର ଫଟୋଚିତ୍ର ଏବଂ ଭଗୱା ରଙ୍ଗ ପତାକା ସହ ଏକ ସୁସଜ୍ଜିତ ରଥରେ ପ୍ରଭୁ ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ, ମାତା ସୀତା, ହନୁମାନଙ୍କୁ ଆସୀନ କରି ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାର ଆଗରେ ଖୋଲା ଜିପରେ ଶ୍ରୀରାମଙ୍କ ବିଶାଳକାୟ ଫଟୋଚିତ୍ର, ଭଗୱା ଧ୍ୱଜ ରହିଥିବା ବେଳେ ପଛରେ ଏକ କିମି ବ୍ୟାପି ରହିଥିଲା ବାଇକ ଶୋଭାଯାତ୍ରା। ସବୁ ବାଇକ୍ ରେ ଲାଗିଥିଲା ଶ୍ରୀରାମଙ୍କ ଭଗୱା ଧ୍ୱଜା। ହାତରେ ମୁଣ୍ଡରେ ରହିଥିଲା ଶ୍ରୀରାମଙ୍କ ଚିତ୍ର ସମ୍ବଳିତ ପଟି। ସବୁ ପତାକାରେ ରହିଛି ଶ୍ରୀରାମ ଓ ଶ୍ରୀହନୁମାନଙ୍କ ଫଟୋ ଚିତ୍ର। ସହରର ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଦହିପଣା ଓ ପାଣି ବଂଟନ କରାଯାଉଥିବାବେଳେ କେତେକ ସ୍ଥାନରେ ପ୍ରବଳ ଖରା ଯୋଗୁ ଲୋକଙ୍କ ଉପରେ ପାଣି ସ୍ୱେଚ୍ଛାସେବୀମାନେ ଛିଂଚୁଥିବା ଦେଖାଯାଇଥିଲା। ପରେ ଜାତୀୟ ରାଜପଥଦେଇ ଜରିପୁଟସ୍ଥିତ ସଙ୍କଟମୋଚନ ମହାବୀରଙ୍କ ପୀଠରେ ଶୋଭାଯାତ୍ରା ପହଁଚିଥିଲା। ଏହି ଶୋଭାଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥିବାବେଳେ ଜୟ ଶ୍ରୀରାମ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ଏତଦବ୍ୟତୀତ ହରିବୋଲ, ହୁଳୁହୁଳି ଶବ୍ଦରେ ଅଂଚଳଗୁଡିକ ପ୍ରକମ୍ପିତ ହୋଇଥିଲା।

# ସୋଆ ଆଇବିସିଏସ୍ ପକ୍ଷରୁ କନ୍‌ଭର୍ଜେନ୍ସ -୨୦୨୬ ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ (ଆଇବିସିଏସ୍) ପକ୍ଷରୁ ଗତ ମାର୍ଚ୍ଚ ୨୪ ଏବଂ ୨୫ ଦୁଇ ଦିନ ଧରି ବାର୍ଷିକ ଉତ୍ସବ 'କନ୍‌ଭର୍ଜେନ୍ସ -୨୦୨୬' ଆୟୋଜିତ ହୋଇଯାଇଥିବା ବେଳେ ଭୁବନେଶ୍ୱରର ୧୪ଟି ବିଭିନ୍ନ ବି-ସ୍କୁଲ ଏବଂ କଲେଜରୁ ପ୍ରାୟ ୧୨୫ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଯୋଗ ଦେଇଥିବା ଛାତ୍ରଛାତ୍ରୀମାନେ ସଂଗୀତ, ନୃତ୍ୟ, କୁଇଜ୍, ଅଭିନୟ ଭଳି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର – କର୍ପୋରେଟ ଆଫେୟାର୍ସ ଆଣ୍ଡ ଗଭର୍ଣ୍ଣମେଣ୍ଟ ରିଲେସନ୍ସ ସୁଧୀ ରଞ୍ଜନ ମିଶ୍ର ଯୋଗ ଦେଇଥିବା ବେଳେ ୯୩.୫ ରେଡ ଏଫ୍‌ଏମ୍ ରେଡିଓର ଆରଜେ ନୀଲ୍ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ଫ୍ୟାକଲ୍ଟି ମେମ୍ବର, ଗବେଷକ ଓ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ




ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସ କାନ୍ତ ମହାନ୍ତି, ଆସୋସିଏଟ୍ ଡିନ୍ ପ୍ରଫେସର ମନୋରଞ୍ଜନ ଦାସ ଏବଂ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ବକ୍ତବ୍ୟ ରଖିଥିଲେ। କନ୍‌ଭର୍ଜେନ୍ସ ୨୦୨୬ର ସଂଯୋଜକ ଭାବେ ଡକ୍ଟର ଆଶୀଷ ମହାନ୍ତି କାର୍ଯ୍ୟ କରିଥିବା ବେଳେ ଡକ୍ଟର ପାର୍ଥୋ ପ୍ରତୀମ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।

ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ଅଧ୍ୟକ୍ଷତା କରିଥିବା ବେଳେ ଜେପିଏଚ୍ ଏକ୍ସପୋର୍ଟ୍ସ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ, ଏକ୍ସପୋର୍ଟ ଡିଭିଜନ୍ ଜେ.ପି ସିଂ ଯୋଗ ଦେଇଥିଲେ। ସଂଯୋଜକ ଶୁଭ୍ରଜ୍ୟୋତି କର ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଲିଡେସନ ଆକ୍ଟ-୨୦୨୫କୁ ବିରୋଧ, ଅଷ୍ଟମ ବେତନ କମିଶନକୁ ସ୍ୱାଗତ



ବାରିପଦା, (ସବ୍ୟୁ) : ବାରିପଦା ପୌରପାଳିକା ଅବସରପ୍ରାପ୍ତ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ କମିଟି ବୈଠକ ଏହାର ସଭାନେତ୍ରୀ ତାରାମଣୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗତ ମାର୍ଚ୍ଚ, ୨୦୨୫ରେ ପାରିତ ହୋଇଥିବା ଭେଲିଡେସନ ଆକଫଂକୁ ବିରୋଧ କରାଯାଇଛି । ଏହାକୁ ପ୍ରତ୍ୟାହାର କରିନେବା ପାଇଁ ଦାବି ହୋଇଛି । ଏହି ନିୟମ ଅନୁଯାୟୀ ସରକାର ପେନସନ୍ ପ୍ରଦାନ ନୀତିରେ ପରିବର୍ତ୍ତନ କରି ଏହାକୁ କମାଇ କିମ୍ବା ସଙ୍କୁଚିତ କରି ପାରିବେ, ଯାହା ନ୍ୟାୟିକ ଅଭିଯୋଗର ଉର୍ଦ୍ଧରେ ରହିବ । ବୈଠକରେ ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନ ଗଠନକୁ ସ୍ୱାଗତ କରାଯାଇଛି । କମିଶନ ରାଜ୍ୟ ଅର୍ଥ ବିଭାଗ ଜରିଆରେ ଯେଉଁ ପରାମର୍ଶ ଓ ୧୮ ବିନ୍ଦୁ ବିଶିଷ୍ଟ ପ୍ରଶ୍ନମାଳା ପଠାଇଛନ୍ତି ସେ ସମ୍ବନ୍ଧରେ ପ୍ରସ୍ତାବ ଓ ଉତ୍ତର ପାରିତ କରି ପଠାଯାଇଛି । ପ୍ରକାଶ ଥାଉକି କମିଶନ ବିଭିନ୍ନ ସଂଗଠନ ଓ ସର୍ବସାଧାରଣ ଜନତାଙ୍କ ଠାରୁ ଏ ବିଷୟରେ ପ୍ରସ୍ତାବ ମାଗିଛନ୍ତି । ଏହି ବୈଠକରେ ସାଧାରଣ ସମ୍ପାଦକ ଉଜ୍ଜଳ କୁମାର ବେହେରା ବିବରଣୀ ପ୍ରଦାନ କରିଥିବାବେଳେ ପରାମର୍ଶଦାତା ନନ୍ଦ କୁମାର ମହାପାତ୍ର ଭେଲିଡେସନ ନିୟମ ସମ୍ବନ୍ଧରେ ବୁଝାଇଥିଲେ ଏବଂ କୋଷାଧକ୍ଷ ଅନୁପ କୁମାର ଗିରି ଓ ରାମଚନ୍ଦ୍ର ପଣ୍ଡା, ନୃସିଂହ ବାରିକ, ବିଜୟ କୁମାର ମହାପାତ୍ର, ଜଗନ୍ନାଥ ଆଚାର୍ଯ୍ୟ, ଅଭିମନ୍ୟୁ ବେହେରା, ବିଜୟ ମହାକୁଡ଼ ଓ ଦୁର୍ଗାଚରଣ ମୁଖୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଆଦାନୀ ଫାଉଣ୍ଡେସନର 'ଉଡାନ' କାର୍ଯ୍ୟକ୍ରମ

## ୬ ମାସରେ ସାମିଲ ହେଲେ ଗଞ୍ଜାମ ଜଲ୍ଲାର ୨୭୦୦ ଛାତ୍ରଛାତ୍ରୀ



ଛତ୍ରପୁର, (ସବ୍ୟୁ): ଶ୍ରେଣୀକକ୍ଷ ଶିକ୍ଷା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଗଞ୍ଜାମ ଜିଲ୍ଲାରେ ଅବସ୍ଥିତ ଗୋପାଳପୁର ବନ୍ଦରରେ ଆଦାନୀ ଫାଉଣ୍ଡେସନର ସ୍ୱତନ୍ତ୍ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ 'ଉଡାନ' ଗତ ନଭେମ୍ବର ୨୦୨୫ରେ ଶୁଭାରମ୍ଭ କରାଯାଇଥିଲା । ଆଦାନୀ ଗ୍ରୁପର ବୃହତ ବ୍ୟବସାୟ କ୍ଷେତ୍ରଗୁଡ଼ିକ ସହ ପ୍ରତ୍ୟକ୍ଷ ଭାବରେ ପରିଚିତ କରାଇବା ସହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବୃହତ ଚିନ୍ତାଧାରା ସୃଷ୍ଟି କରିବା ପାଇଁ 'ଉଡାନ' କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି । ଏଥି ସହ ଯୁବ ଶିକ୍ଷାର୍ଥୀମାନଙ୍କୁ ରାଷ୍ଟ୍ର ନିର୍ମାଣରେ ଏହି ଶିଳ୍ପ ଅନୁଷ୍ଠାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଅବଗତ କରାଇବା ସହ ଭବିଷ୍ୟତର ବୃତି ସମ୍ଭାବନାଗୁଡ଼ିକୁ ଅନ୍ୱେଷଣର ପ୍ରେରଣା ଯୋଗାଇବା ଏହାର ଅନ୍ୟ ପ୍ରମୁଖ ଲକ୍ଷ୍ୟ ରହିଛି । ଏହି କାର୍ଯ୍ୟକ୍ରମ ଅଧୀନରେ ଗଞ୍ଜାମ ଜିଲାର ବିଭିନ ସ୍କୁଲ କଲେଜର ପ୍ରାୟ ୨୭୦୦ରୁ ଉର୍ଦ୍ଧ୍ୱର୍ ଛାତ୍ରଛାତ୍ରୀ ପ୍ରତ୍ୟେକ୍ଷ ଭାବେ ଅଂଶଗ୍ରହଣ କରି ଗୋପାଳପୁର ବନ୍ଦର ପରିଦର୍ଶନ କରିଛନ୍ତି । ସେଥି ମଧ୍ୟରୁ ପ୍ରାୟ ୧୪୧୯ ଜଣ ଛାତ୍ର ଓ ୧୧୪୬ ଜଣ ଛାତ୍ରୀଙ୍କ ସହ ପ୍ରାୟ ୧୭୨ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ସାମିଲ ହୋଇଛନ୍ତି । ଏଥିରେ ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଆଇଟିଆଇ, ଡିପ୍ଲୋମା କଲେଜ ଏବଂ ଏନଜିଓ ଭଳି ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀ ଉପକୃତ ହୋଇପାରିଛନ୍ତି । ଏହି ପରିଦର୍ଶନ ସମୟରେ ବନ୍ଦର ଭିତ୍ତିଭୂମି, ବନ୍ଦରରେ ବ୍ୟବହୃତ ବିଭିନ୍ନ ଯନ୍ତ୍ରପାତିର ପରିଚାଳନା, କଳକାରଖାନାରେ ବ୍ୟବହୃତ ବିଭିନ୍ନ କଞ୍ଚାମାଲର ଆମଦାନୀ ଏବଂ ରପ୍ତାନି ପ୍ରଣାଳୀ, ଜାହାଜ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ, ସୁରକ୍ଷା ବ୍ୟବସ୍ଥା, ପରିବେଶ ପରିଚାଳନା ଏବଂ ସାମୁଦ୍ରିକ ବାଣିଜ୍ୟରେ ବ୍ୟବହୃତ ଆଧୁନିକ ପ୍ରଯୁକ୍ତିବିଦ୍ୟା ଭଳି ବହୁମୂଲ୍ୟ ତଥ୍ୟ ବନ୍ଦର ତରଫରୁ ବିଭିନ୍ନ ବିଭାଗର ଦକ୍ଷ ପଦାଧିକାରୀଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ସବିଶେଷ ବିବରଣୀ ପ୍ରଦାନ କରାଯାଉଛି । ଟାଙ୍ଗଣାପାଲି ନୀଳକଣ୍ଠେଶ୍ୱର ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ତାଙ୍କର ଅଭିଜ୍ଞତା ବାଣ୍ଟି କହିଛନ୍ତି ଯେ "ଉଡାନ ମାଧ୍ୟମରେ ଛାତ୍ରଛାତ୍ରୀମାନେ ବୃହତ ଶିଳ୍ପ ପରିଚାଳନାକୁ ନିକଟରୁ ଅନୁଭବ କରିବାର ସୁଯୋଗ ପାଇଛନ୍ତି । ଏହା ଛାତ୍ରଛାତ୍ରୀମାନଙ୍କୁ ଅନେକ ଉତ୍ସାହ ଦେବା ସହ ବନ୍ଦର ପରିଚାଳନା ଏବଂ ଆଧୁନିକ ଯନ୍ତ୍ରପାତିର ବ୍ୟବହାରିକ ସୂଚନା ପାଇବାର ସୁଯୋଗ ଲାଭ କରିଛନ୍ତି । ଯାହା ଭବିଷ୍ୟତରେ ବୈଷୟିକ ଶିକ୍ଷ୍ୟାରେ ନିୟୋଜିତ ହେବା ପାଇଁ ପିଲାମାନଙ୍କୁ ଅନେକ ସହାୟକ ହେବ ବୋଲି ମୁଁ ଆଶା କରୁଛି ।

ସେହିପରି, ପୋଡାପଦର ହାଇସ୍କୁଲର ସହକାରୀ ଶିକ୍ଷୟିତ୍ରୀ ସରିତା ଚୌଧୁରୀ କହିଛନ୍ତି ଯେ ଏହି ଶିଳ୍ପ ପରିଦର୍ଶନ ଭିତିକ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ବିଶେଷକରି ବନ୍ଦର କ୍ଷେତ୍ରରେ କ୍ୟାରିୟର ସୁଯୋଗ ଏବଂ ଏହାକୁ ହାସଲ କରିବା ପାଇଁ ଆବଶ୍ୟକୀୟ ବୈଷୟିକ ଶିକ୍ଷା ସମ୍ପର୍କରେ ଜାଣିବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି । 'ଉଡାନ' କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଉତ୍ସର୍ଗୀକୃତ ଅଧିକାରୀ ଏବଂ ପିଲାମାନଙ୍କ ଯାତାୟତର ସୁଗମ ବ୍ୟବସ୍ଥା କରାଯାଇଛି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବୃହତ ଚିନ୍ତାଧାରା ସୃଷ୍ଟି କରି ଭବିଷ୍ୟତରେ ଏହାକୁ ପୂର୍ଣ୍ଣ କରିବାର ଚିନ୍ତା ନେଇ ଏହି କାର୍ଯ୍ୟକ୍ରମ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଦେଶର ବିଭିନ୍ନ ରାଜ୍ୟରେ ଚାଲୁ ରହିଛି ।

## ଡ୍ରିମ୍ସରେ ରାମ ନବମୀ ଉତ୍ସବ



କଟକ, (ସ୍ୱପ୍ର): ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ସଂକଟମୋଚନ ହନୁମାନଙ୍କ ମନ୍ଦିରରେ ପବିତ୍ର ଶ୍ରୀରାମ ନବମୀସିବ ଯଥାବିଧି ପାଳିତ ହୋଇଥିଲା । ପ୍ରଭାତରୁ ହନୁମାନ ଚାଳିଶା ପାରାୟଣ, ସଂକୀର୍ତ୍ତନ, ହୋମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟପୁରୋଧା ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁ ଭୂଷଣ କର, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁଙ୍କ ସମେତ ଶିକ୍ଷାନୁଷ୍ଠାନର ବରିଷ୍ଠ ପଦାଧିକାରୀ, ଛାତ୍ରଛାତ୍ରୀ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ବିଶ୍ୱରେ ଯୁଦ୍ଧ ଘନଘଟା ଦୂରେଇ ଶାନ୍ତି ସ୍ଥାପନ ଓ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଏବଂ ପଦ୍ମିନୀ କେୟାର ହସ୍ପିଟାଲର ଉନ୍ନତି ବିଧାନ ନିମନ୍ତେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଓ ସଂକଟମୋଚନ ନିକଟରେ ପ୍ରାର୍ଥନା କରାଯାଇଥିଲା । ଶେଷରେ ସମସ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା ।

## ପ୍ରଥମ ପର୍ଯ୍ୟାୟ ଜନଗଣନା ତାଲିମ ଶିବିର ଉଦ୍‌ଯାପିତ

ଚିକିଟି, (ସବ୍ୟୁ) : ରାଜ୍ୟ ଜନଗଣନା କାର୍ଯ୍ୟକ୍ରମର ନିର୍ଦ୍ଦେଶକଙ୍କ ଆଦେଶ କ୍ରମେ ଚିକିଟି ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ତିନି ଦିନିଆ ଜାତୀୟ ଜନଗଣନା ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ସୋରେନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ଚିକିଟି ତହସିଲଦାର ବିଶ୍ୱରଂଜନ କଂହର ଯୋଗ ଦେଇଥିଲେ । ସମସ୍ତ ପରିଗଣନାକାରୀ ମାନଙ୍କୁ ସଠିକ ରୂପେ ଗଣନାକାର୍ଯ୍ୟ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ମହିମା ସୋରେନ ଓ ସୁନାଲ କୁମାର ନାୟକ ତାଲିମ ପ୍ରଦାନ କରିଥିଲେ । ଜନ ଗଣନା ଏପ୍ରିଲ ୧ ରୁ ୧୫ ଯାଏ ଆରମ୍ଭ ହେବାକୁ ଥିବା ଗ୍ରାମାଞ୍ଚଳ ଓ ସହରାଞ୍ଚ ଗୃହ ତାଲିକା ଏବଂ ଗୃହ ଗଣନା ନିମନ୍ତେ କାର୍ଯ୍ୟକ୍ରମ ରହିଛି ବୋଲି ପ୍ରଶିକ୍ଷଣ ଶିବିରରେ ଆଲୋଚନା ହୋଇଥିଲା ।

ଏହି ଗଣନା ନିମନ୍ତେ ୨୪ ଜଣ ପରିଗଣନାକାରୀ ଏବଂ ୪ ଜଣ ସୁପରଭାଇଜର ରହିଥିବା ସୂଚନା ମିଳିଛି । ସମସ୍ତ ଜନ ସାଧାରଣଙ୍କୁ ଏହି ଜାତୀୟ କାର୍ଯ୍ୟରେ ସହଯୋଗ କରିବା ନିମନ୍ତେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ସୋରେନ ଅନୁରୋଧ କରିଛନ୍ତି ।

## ବାରିପଦା କଳାକାର ପରିବାର ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ



ବାରିପଦା, (ସବ୍ୟୁ) : ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାରିପଦା କଳାକାର ପରିବାର ଆନୁକୂଲ୍ୟରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ପରିବାରର ସଭାପତି ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନାଟ୍ୟ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ନାଟକ ମଣିଷର ସାମାଜିକ ଚଳଣିକୁ ପ୍ରଭାବିତ କରିଥାଏ ବୋଲି ପ୍ରକାଶ କରିଥିଲେ।

ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ନାଟକ ସମାଜର ଦର୍ପଣ ଭାବେ କାର୍ଯ୍ୟ କରିଥାଏ ବୋଲି ନିଜର ମତପୋଷଣ କରିଥିଲେ। ମୁଖ୍ୟବକ୍ତା ପ୍ରାକ୍ତନ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର ନାଟକର ଇତିହାସ ଉପରେ ଆଲୋକପାତ କରିଥିଲେ। ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ସମ୍ପାଦକ ଅସିତ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଓଡିଶା ନାଟ୍ୟ ସଂଘର ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ଜ୍ଞାନରଞ୍ଜନ ପଣ୍ଡା ପ୍ରଖ୍ୟାତ ନାଟ୍ୟକାର ଉଇଲେମ ଡାଫୋଙ୍କ ବିଶ୍ୱ ନାଟ୍ୟ ଦିବସ ସନ୍ଦେଶ - ୨୦୨୬ ପାଠକରିଥିଲେ ଓ ଏହି ଅବସରରେ ରାଜ୍ୟସ୍ତରୀୟ "ରବୀନ୍ଦ୍ର ସମ୍ମାନ'ରେ ସମ୍ମାନିତ ହୋଇଥିବା ବିଶିଷ୍ଟ ଅଭିନେତା, ନାଟ୍ୟକାର, ମଞ୍ଚ ଓ ସିନେ ନିର୍ଦ୍ଦେଶକ ତଥା ବାରିପଦା କଳାକାର ପରିବାରର ଉପଦେଷ୍ଟା ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ପରିବାର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଉପସଭାପତି ଡଃ କୁମରମଣି ନାୟକ, ଉପଦେଷ୍ଟା ପଟ୍ଟନାୟକ, ବରିଷ୍ଠ ସଦସ୍ୟ ଆଶିଷ କୁମାର ବସା ପ୍ରମୁଖ ଆଜିର ଦିବସ ଉପରେ ଆଲୋକପାତ କରିବା ସହ ବାରିପଦାରେ ମଞ୍ଚ ନାଟକ ପ୍ରତି ଦର୍ଶକଙ୍କ ଆଗ୍ରହ ବଢ଼ିବାରେ ଲାଗିଛି ବୋଲି ପ୍ରକାଶ କରିଥିଲେ।

## ଚଳନ୍ତା ଟ୍ରେନରୁ ଡେଇଁ ଯୁବକ ଆହତ

ଛତ୍ରପୁର, (ସବ୍ୟୁ): ଚଳନ୍ତା ଟ୍ରେନରୁ ଡେଇଁ ଜଣେ ଯୁବକ ଆହାତ ହୋଇଛନ୍ତି । ଆହାତ ଜଣକ ହେଲେ କେନ୍ଦୁଝର ଗୁଣ୍ଡପୁର ଅଂଚଳର ବିକ୍ରମ ମୁଣ୍ଡା । ତାଙ୍କର ଗୋଡ଼ ଏବଂ ପିଠିରେ ଗଭୀର ଆଘାତ ଲାଗିଛି । ମିଳିଥିବା ସୂଚନା ମୁତାବକ ବିକ୍ରମ ବିଶାଖାପାଟଣାରେ ଲେବର ଭାବେ କାମ କରୁଥିଲେ । ତାଙ୍କୁ ଘରୁ କୌଣସି କାମ ନିମନ୍ତେ ଡାକରା ଆସିଥିଲା । ସେଥିପାଇଁ ସେ ବିଶାଖାପାଟଣାରୁ ଭୁବନେଶ୍ୱର ଅଭିମୁଖେ ଏକ ଟ୍ରେନରେ ଯାଉଥିଲେ । ହଠାତ ସେ ଛତ୍ରପୁର ନିକଟରେ ଟ୍ରେନରୁ ଡେଇଁ ପଡି ଯାଇଥିଲେ । ସ୍ଥାନୀୟ ବାସିନ୍ଦା ଏହାଦେଖି ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରିଥିଲେ । ସେଠାରେ ସେ ଚିକିତ୍ସା ହେଉଛନ୍ତି । ଏହାର ଖବର ପାଇ ଆରପିଏଫ ପୋଲିସ ଚିକିତ୍ସାଳୟରେ ପହଁଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

## ବାଇକ୍ ଦୁର୍ଘଟଣାରେ ୨ ଯୁବକ ଗୁରୁତର

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ସହର ବଡଶଙ୍ଖ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ଜଣ ଯୁବକ ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ଗୁରୁତର ଯୁବକ ଦ୍ୱୟ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ଲାଠିପଡ଼ା ଗ୍ରାମର ରବିନ୍ଦ୍ର ନାୟକ (୨୧) ଓ ବେଲଗୁଣ୍ଠା ଥାନା ଅନ୍ତର୍ଗତ ସୁରମଣି ଗ୍ରାମର ବାବୁ ନାୟକ (୩୦) । ଘଟଣାରୁ ପ୍ରକାଶ ଯେ, ଶୁକ୍ରବାର ସନ୍ଧ୍ୟାରେ ବାବୁ ବୁଗୁଡା ନିକଟସ୍ଥ ଷୋଳମାଇଲିକୁ ଯାଉଥିଲେ ଏବଂ ରବିନ୍ଦ୍ର କୌଣସି କାମରେ ବୁଗୁଡା ଆସୁଥିଲେ । ତେବେ ବୁଗୁଡା ବଡଶଙ୍ଖ ନିକଟରେ ଉଭୟଙ୍କ ବାଇକ୍ ଦୁଇଟି ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣାରେ ଉଭୟଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଥିଲା ଏବଂ ୧୦୮ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେ ଦୁହିଁଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା ।

## ବ୍ରହ୍ମପୁରରେ ଶ୍ରୀ ରାମ ନବମୀ ପାଳିତ



ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ଗୁଡସେଡ ରୋଡ ସ୍ଥିତ ହନୁମାନ ମନ୍ଦିର, ପୁରୁଣା ବ୍ରହ୍ମପୁର ସ୍ଥିତ ଶଗଡ଼ିଆ ମାର୍ଥା ସାହିର ରାମ ମନ୍ଦିର, କେନାଲ ସାହି ସ୍ଥିତ ହନୁମାନ ମନ୍ଦିର ଓ ମାର୍ଥାପେଟା ସାହି ସ୍ଥିତ ଚୌଡେଶ୍ୱରି କଲ୍ୟାଣ ମଣ୍ଡପ ସମେତ ବଡ ଖେମଣ୍ଡି ସାହି ସ୍ଥିତ ଶ୍ରୀ ରଘୁନାଥ ମନ୍ଦିର, ପାନବିକା ସାହି ସ୍ଥିତ ଶ୍ରୀ ରଘୁନାଥ ମନ୍ଦିର, ହନୁମାନ ବଜାର ସ୍ଥିତ ଶ୍ରୀ ରଘୁନାଥ ମନ୍ଦିର ଓ ରାମଲିଙ୍ଗେଶ୍ୱର ସଙ୍କଟ ମୋଚନ ହନୁମାନ ମନ୍ଦିରରେ ଆଜି ଭୋରରେ ମହାସ୍ନାନ, ଦ୍ୱାର ପୁଜା, ମଙ୍ଗଳ ଆଳତି, ବାଳ ଭୋଗ ନୈବେଦ୍ୟ ଅର୍ପଣ କରାଯାଇଥିଲା । ପରେ ଭକ୍ତ ମାନଙ୍କୁ ଦର୍ଶନ କରିଥିଲେ । ସମସ୍ତ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା । ମନ୍ଦିର ମାନଙ୍କରେ ହାଲୁଆ ଭୋଗ ବଣ୍ଟନ କରାଯାଉଥିବା ବେଳେ ପଣା ବଣ୍ଟନ କରାଯାଇଥିଲା । ଫୁଡ ମର୍ଚ୍ଚେଣ୍ଟ ଆସୋସିଏସନ ପକ୍ଷରୁ ଆୟୋଜିତ ଶ୍ରୀରାମ ନବମୀ ଉତ୍ସବ ଅବସରରେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର ଯୋଗ ଦେଇଥିବା ବେଳେ ମନ୍ଦିର ମାନଙ୍କରେ ପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ ।



# ସପ୍ତାହେ ହେଲା ରେଙ୍ଗାଳିକୁ ଆସୁନି ମୋ ବସ୍

ରେଙ୍ଗାଳି, (ସବ୍ୟୁ) : କଣିହାଁ ବ୍ଲକ ରେଙ୍ଗାଳି ପଞ୍ଚାୟତକୁ ସପ୍ତାହେ ହେଲାଣି ମୋ ବସ ସେବା ବନ୍ଦ ରହିଥିବାରୁ ଗ୍ରାମାଞ୍ଚଳର ଯାତ୍ରୀମାନେ ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି । ରେଙ୍ଗାଳି ପଞ୍ଚାୟତବାସୀଙ୍କ ଅଭିଯୋଗ ଅନୁଯାୟୀ ତାଳଚେର ଠାରୁ ରେଙ୍ଗାଳି ଦେଇ କୁଲୁମା ପଞ୍ଚାୟତର ଖଣ୍ଡୋ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ମୋ ବସ ସେବା ଜାରିରହିଥିଲା । ଗ୍ରାମାଞ୍ଚଳର ଯାତ୍ରୀମାନେ ସଜ୍ଜ ଭଡାରେ ଏହି ବସର ସେବା ପାଇପାରୁଥିଲେ । ବସଟି ରେଙ୍ଗାଳି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରାତିରେ ରହି ସକାଳୁ ଏଠାରୁ ଯିବା ଆସିବା କରୁଥିଲା । ସ୍ଥାନୀୟ ସରପଞ୍ଚ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଉଥିବା ଯୋଗୁଁ ବସ ଆଉ ଏଠାରେ ରହିବା ସୁବିଧା ପାଇପାରୁନାହି । ଫଳରେ ଏକ ସପ୍ତାହ ହେଲା ମୋ ବସ ୮ କିଲୋମିଟର ବଜ୍ରକୋଟ ଠାରେ ରାତ୍ରୀ ରହଣୀ କରି ସେଠାରୁ ତାଳଚେର ଯାଉଚି । ଫଳରେ ରେଙ୍ଗାଳି ଓ ଖଣ୍ଡର ସାଧାରଣ ଯାତ୍ରୀ ଘରୋଇ ବସରେ ଅଧିକା ଖର୍ଚ୍ଚାନ୍ତ ହୋଇ ଯିବାକୁ ବାଧ ହେଉଛନ୍ତି । ଜିଲ୍ଲାପାଳ ତୁରନ୍ତ ଘଟଣାରେ ହସ୍ତକ୍ଷେପ କରି ପୂର୍ବପରି ରେଙ୍ଗାଳି ପଞ୍ଚାୟତରେ ବସ ରହିବାର ବ୍ୟବସ୍ଥା କରିବାକୁ ପଞ୍ଚାୟତବସୀ ଦାବି କରିଛନ୍ତି ।

# ମେଡିକାଲ୍ କଲେଜ୍ ଫାଟକ ସମ୍ମୁଖରେ ଗଣଧାରଣା




ତାଳଚେର, (ସବ୍ୟୁ) : ତାଳଚେର ପବିତ୍ର ମୋହନ ମେଡିକାଲ୍ କଲେଜ୍ ଫାଟକ ସମ୍ମୁଖରେ ତାଳଚେର ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ତାଳଚେରବାସୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଶୀଘ୍ର ଯୋଗାଇ ଦେବା ନିମିତ ତାଳଚେର ଠାରେ ପାଠପଢ଼ା ସହିତ ରୋଗୀ ଦେଖା ଦାବୀ ନେଇ କ୍ରିୟାନୁଷ୍ଠାନ କମିଟିର ସଭାପତି ପଦ୍ମ ଚରଣ ସାମଲଙ୍କ ନେତୃତ୍ୱରେ ଏହି ଗଣଧାରଣାରେ ହରିହର ସାହୁ, ବିନୋଦ ଲାଲ୍, ଟଙ୍କଧର ରାଉତ, ବିଛନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ତା୩୧/୦୩/୨୦୨୬ ରିଖ ଦିନ ମା ହିଙ୍ଗୁଳାଙ୍କ ଯାତ୍ରାରେ ପ୍ରଚାର ପତ୍ର ବଂଟନ ପାଇଁ ନିଷ୍ପତି ନିଆଯାଇଛି। ଏହା ପରେ ପ୍ରତ୍ୟେକ ଗ୍ରାମକୁ ଯାଇ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇ ପରବର୍ତି କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସଭାପତି ଶ୍ରୀ ସାମଲ ପ୍ରକାଶ କରିଛନ୍ତି ।

## ବିଶ୍ୱ ନାଟ୍ୟ ଦିବସ ପାଳିତ

# ଶୋଭାଯାତ୍ରା ମାଧ୍ୟମରେ 'ଯୁଦ୍ଧ ନୁହେଁ ଶାନ୍ତି'ର ବାର୍ତ୍ତା ଦେଲେ କଳାକାର

ଢେଙ୍କାନାଳ ,(ସବ୍ୟୁ): ଢେଙ୍କାନାଳ ଜିଲ୍ଲାର ପରିଚିତ ନାଟ୍ୟାନୁଷ୍ଠାନ ଅଲ୍‌ଟରନେଟିଭ୍ ରିଦମ୍ ଥିଏଟର୍ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି । ବିଭିନ୍ନ ଅନୁଷ୍ଠାନର କଳାକାର ଏବଂ ଜନସାଧାରଣ ଏକ ପଦଯାତ୍ରାରେ ସାମିଲ ହୋଇ ଯୁଦ୍ଧ ନୁହେଁ, ବିଶ୍ୱ ଶାନ୍ତି ଚାହେଁର ବାର୍ତା ପ୍ରଦାନ କରିଛନ୍ତି ।

ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଜିଲ୍ଲା ଓ ରାଜ୍ୟ ପାଇଁ ବହୁବାର ସୁନାମ ଆଣିଥିବା ନାଟ୍ୟାନୁଷ୍ଠାନ ଅଲ୍‌ଟରନେଟିଭ୍ ରିଦମ୍ ଥିଏଟର୍ ପକ୍ଷରୁ ବିଶ୍ୱ ନାଟ୍ୟଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସହରସ୍ଥିତ ବାଜିଚୌକ ଠାରେ ଆର୍ଟର ଆହ୍ୱାନ କ୍ରମେ ବିଭିନ୍ନ ଅନୁଷ୍ଠାନର କଳାକାର, ଶିକ୍ଷାର୍ଥୀ, ସମାଜସେବୀ, ବୁଦ୍ଧିଯିବୀ ଓ ଜନସାଧାରଣ ଏକତ୍ରିତ ହୋଇଥିଲେ । ପ୍ରଥମେ ଅଲଟରନେଟିଭ ରିଦମ ଥିଏଟରର ଅଧକ୍ଷା ଡକଫର ପୁଷ୍ପଲତା ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାର ପ୍ରାରମ୍ଭରେ ଉପ-ସଭାପତି ମନୋହର ଶତପଥି ସ୍ୱାଗତ ଭାଷଣ ପ୍ରଦାନ ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଅତିଥି ଭାବରେ ବିଶିଷ୍ଟ ନାଟ୍ୟକାର ତଥା କଳାପରିଷଦ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଦିଲ୍ଲୀଶ୍ୱର ମହାରଣା , ସେଂଟ୍ ଜାଭିୟର ହାଇସ୍କୁଲ୍‌ର ଅଧକ୍ଷ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ଆଇନଜୀବି ଦିପ୍ତିଶ ପ୍ରସାଦ ପଟ୍ଟନାୟକ, ଶିଳ୍ପୀ ଅନୁଷ୍ଠାନର ମୁଖ୍ୟ ଶିଳ୍ପୀ



ପରେଶ ଚନ୍ଦ୍ର ପଟ୍ଟନାୟକ, ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ତଥା କବି ବାହାଦୁର ପାଟଶାହାଣି, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟତଥା ବିଶିଷ୍ଟ ସଂଗୀତଜ୍ଞ ଯାମିନୀ ରଞ୍ଜନ ଦାଶ, ସନ୍ଧ୍ୟାତାରା ସାହିତ୍ୟ ସଂସଦ ସମ୍ପାଦକ ବିଭୁତି ଭୂଷଣ ବେହେରା, ପ୍ରମୋଦ ପରିଡା, ପ୍ରମୋଦ ନାୟକ, ନୃତ୍ୟଗୁରୁ ସବିତା ଧୀର, ସାମ୍ବାଦିକ ଆଦିତ୍ୟ ପଣ୍ଡା ଏବଂ ସୁଶାନ୍ତ କୁମାର ପାଣି ପ୍ରମୂଖ ଯୋଗ ଦେଇ ନାଟକର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।

ଏହି ଅବସରରେ ଉପସ୍ଥିତ ଅତିଥିମାନେ ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଚଳିତ ବର୍ଷ ପାଇଁ ବିଶ୍ୱ ନାଟ୍ୟବାର୍ତା ପ୍ରଦାନ କରିଥିବା ଆମେରିକାର ବିଶିଷ୍ଟ ଅଭିନେତା ଓ୍ୱିଲେମ ଡାଫୋଙ୍କ ଦ୍ୱାରା ଲିଖିତ ବାର୍ତାକୁ ଡକଫର ପୁଷ୍ପଲତା ରଥ ପାଠ କରିଥିଲେ । ଏହା ପରେ ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣା ଓ ଶିକ୍ଷାବିତ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ ସବୁଜ ପତାକା ଦେଖାଇ ନାଟ୍ୟ ପଦଯାତ୍ରାର ଶୁଭାରମ୍ଭ କରିଥିଲେ ।

ଏହି ପଦଯାତ୍ରାରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତାଙ୍କ ସହିତ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ସେଂଟ୍ ଜାଭିୟର ହାଇସ୍କୁଲ୍, ଦିଲ୍ଲୀ ପବ୍ଲିକ୍ ସ୍କୁଲ୍, ମହର୍ଷି ଦୟାନନ୍ଦ ସର୍ଭିସ ମିଶନ, ଆଦୃତା ଶିଶୁଗୃହ ଓ ଅଲଟରନେଟିଭ ରିଦମ ଥିଏଟରର ଶିକ୍ଷାର୍ଥି ,କଳାକାର, ସମାଜସେବୀ, ବୁଦ୍ଧିଜୀବି ଓ ଜନସାଧାରଣ ସାମିଲ ହୋଇଥିଲେ । ପଦଯାତ୍ରାରେ ସାମିଲ କଳାକାର ମାନେ ବିଶେଷ ଭାବରେ ଧଳା ପାରା ପୋଷାକରେ ରହି ଯୁଦ୍ଧ ନୁହେଁ, ବିଶ୍ୱ ଶାନ୍ତି ଚାହେଁର ବାର୍ତା ଦେଇଥିବା ବେଳେ ପଥପ୍ରାନ୍ତରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସମସ୍ତଙ୍କ ହାତରେ ରହିଥିବା ପ୍ଲାକାର୍ଡ ନାଟକର କଥା, ବିଶ୍ୱ ଶାନ୍ତିର କଥା, ବ୍ୟକ୍ତିତ୍ୱ ବିକାଶ ଓ ସୁସ୍ଥ ସମାଜର କଥା ଆଦି ବଖାଣୁଥିଲା । ନାଟକ କେବଳ ମନୋରଂଜନ ପାଇଁ ନୁହେଁ ଅଧିକନ୍ତୁ ବ୍ୟକ୍ତିତ୍ୱ ବିକାଶ ପାଇଁ ଏକ ସଫଳ ଚିକିତ୍ସା ପଦ୍ଧତି ବୋଲି ବିଶିଷ୍ଟ ବ୍ୟକ୍ତି ବିଶେଷ ମାନେ ଏହି ଅବସରରେ ମତବ୍ୟକ୍ତ କରିଥିଲେ । ଏହି ପଦଯାତ୍ରା ସହର ପରିକ୍ରମା କରି ଶେଷରେ ମିନି ଷ୍ଟାଡିୟମ ନିକଟରେ ପହଂଚିଥିଲା । ସେଠାରେ ପଥପ୍ରାନ୍ତ ନାଟ୍ୟ ଆଲୋଚନା କରାଯିବା ସହିତ କାର୍ଯ୍ୟକ୍ରମ ସାଙ୍ଗ କରାଯାଇଥିଲା ।

ଶେଷରେ ଅନୁଷ୍ଠାନର ଅଧକ୍ଷା ଡଃ ପୁଷ୍ପଲତା ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଢେଙ୍କାନାଳ ଜିଲ୍ଲାର ସମସ୍ତ କାର୍ଯ୍ୟକ୍ରମକୁ ଜୟଚନ୍ଦ୍ର ମହାପାତ୍ର, ନିରଞ୍ଜନ ମହାନ୍ତି,କାମାକ୍ଷା ପ୍ରସାଦ ରଣା, କାର୍ତ୍ତିକ ମହାପାତ୍ର, ତୁଷାରବାଳା ମହାନ୍ତି, ଦେବଜାନୀ ଦାସ, ଶୁଭାସିନୀ ସେଠି, ସୁଶାନ୍ତ କର, ପ୍ରମୋଦ କୁମାର ଦାସ, ଆଶୁତୋଷ ପାଢ଼ୀ, ସତ୍ୟଜିତ ରାଉତ,ବିଶ୍ୱଜିତ ସାହୁ, ମାନସ କୁମାର ସାହୁ, ବିବେକାନନ୍ଦ ବେହେରା, ପରୁଷୋତ୍ତମ ବେହେରା, ସୁରଜ ବିଶ୍ୱାଳଙ୍କ ସମେତ ଅଲଟରନେଟିଭ୍ ରିଦମ୍ ଥିଏଟର୍ସର ସଦସ୍ୟ ଏବଂ କର୍ମକର୍ତାମାନେ ପରିଚାଳନା କରିଥିଲେ ।

## ଓବିସି ମଞ୍ଚର ଜନଜାଗରଣ ଯାତ୍ରା

କଣିହାଁ ,(ସବ୍ୟୁ): କଣିହାଁ ବ୍ଲକର ଜରଡା ଓ ବଡଗୁଣ୍ଡୁରି ପଞ୍ଚାୟତରେ ଓବିସି ମଞ୍ଚର ଜନଜାଗରଣ ଯାତ୍ରା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଓବିସି ମଞ୍ଚ କାର୍ଯ୍ୟକାରୀ ସଭାପତି ରଞ୍ଜିତାରାଣୀ ପ୍ରଧାନଙ୍କ ଆହ୍ୱାନକ୍ରମେ ଆୟୋଜିତ ଉକ୍ତ ଅଭିଯାନର ବୈଠକରେ ବଡଗୁଣ୍ଡୁରି ପଞ୍ଚାୟତର ପୂର୍ବତନ ସରପଞ୍ଚ ବିନୋଦ ସାହୁ, ଗ୍ରାମ ସଭାପତି ଶରତ ଚନ୍ଦ୍ର ସାହୁ, ମିଟୁ ସାହୁ ଓ ବରିଷ୍ଠ ଚାଷୀ, ନାଗରିକ ମାନେ ଯୋଗଦାନ କରିଥିଲେ ।

ସେମାନେ ଜାତିଗତ ଜନଗଣନା ବେଳେ ଏସସି, ଏସଟିଙ୍କ ପରେ ଓବିସି ନିମନ୍ତେ ସ୍ୱତନ୍ତ୍ର ଭାବେ କଲମ ରଖିବା,ୟୁଜିସିଲ ୨୦୨୬ଲାଗୁ କରିବା, ଶତକଡା ୫୦ଭାଗ ସିଲିଂ ହଟାଇବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପାଖରେ ଦାବୀ ରଖିଛନ୍ତି । ଏବେ କେନ୍ଦ୍ର ସରକାର ଜାତିଗତ ଜନଗଣନା କରିବାକୁ ଯାଉଥିବା ବେଳେ ଓବିସି କଲମ ନଥିବାରୁ ସେମାନେ ଘୋର ପ୍ରତିବାଦ କରିଥିଲେ । ଏଥି ପାଇଁ ଆଗକୁ ପ୍ରତି ଅଞ୍ଚଳରେ ଜନଜାଗରଣ ଅଭିଯାନ ଜାରୀ ରହିବ ବୋଲି ମତ ପ୍ରକାଶ ପାଇଥିଲା ।

# ମା' ହିଙ୍ଗୁଳାଙ୍କୁ ଦର୍ଶନ କଲେ କୋଲ ଇଣ୍ଡିଆ ଅଧକ୍ଷ



ତାଳଚେର,(ସବ୍ୟୁ) : କୋଲ ଇଣ୍ଡିଆ ଅଧକ୍ଷ ବି. ସାଇରାମ ଆଜି ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା ହିଙ୍ଗୁଳାଙ୍କ ଦର୍ଶନ କରିଛନ୍ତି। ତିନି ଦିନିଆ ଓଡ଼ିଶା ଗ୍ରସ୍ତରେ ଆସି ଅଧକ୍ଷ ଶ୍ରୀ ସାଇରାମ ଶିକ୍ଷା*ଳ ତାଳଚେରର ବିଭିନ୍ନ କୋଇଲା ଖଣି ପରିଦର୍ଶନ କରିଥିଲେ। ଏହି ଅବସରରେ ଆଜି ଅପରାହ୍ନରେ ଗୋପାଳପ୍ରସାଦସ୍ଥିତ ମା'ଙ୍କ ପୀଠ ପରିସରରେ ଥିବା ହିଙ୍ଗୁଳାଙ୍କ ଉଭାସ୍ଥଳୀକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଏହାପରେ ସେ ହିଙ୍ଗୁଳା ମନ୍ଦିର ମଧକୁ ଯାଇ ମା' ଅଗ୍ନିରୂପାଙ୍କ ଆରାଧନା କରିଥିଲେ। ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡ଼ର ପୂର୍ବତନ ସଦସ୍ୟ ରାଜେନ୍ଦ୍ର କୁମାର ସିଂହ, ମୂରଲୀଧର ସାହୁ, ଅରୁଣ ପ୍ରଧାନ, ସଞ୍ଜୟ ସାହୁ, ସନ୍ତୋଷ ପ୍ରଧାନ, ଗଗନ ବିହାରୀ ସାହୁ ପ୍ରମୁଖ ଅଧ୍ୟକ୍ଷ ଶ୍ରୀ ସାଇରାମଙ୍କୁ ସ୍ୱାଗତ ଜଣାଇବା ସହ ପୁଷ୍ପଗୁଚ୍ଛ, ଉତୋରୀୟ ଓ ମା ହିଙ୍ଗୁଳାଙ୍କ ପ୍ରତିମର୍ତି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏମ୍‌ସିଏଲ୍‌ର ଅଧକ୍ଷ ଉଦୟ ଅନନ୍ତ କାଓ୍ୱଲେ, ବୈଷୟିକ ନିର୍ଦ୍ଦେଶକ ସଞ୍ଜୟ କୁମାର ଝା, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ନିର୍ଦ୍ଦେଶକ ଅଜୟ କୁମାର ବେଉରା, ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ଏ.କେ.ଧଳ, ଭୂବନେଶ୍ୱରୀ କ୍ଷେତ୍ର ମହାପ୍ରବନ୍ଧକ ଅଜୟ କୁମାର ସିଂହ, ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ଏସ୍.ଭି.ଯୋଶୀ, କେନ୍ଦ୍ରୀୟ କର୍ମଶାଳାର ମହାପ୍ରବନ୍ଧକ ଆର.ଆର. ନାୟକ, ଭରତପୁର କ୍ଷେତ୍ର ମହାପ୍ରବନ୍ଧକ ଦିବ୍ୟଜୀବନ ସି, ତାଳଚେର କ୍ଷେତ୍ର ମହାପ୍ରବନ୍ଧକ କେ.ବି.ଚୌଧୁରୀ, ହିଙ୍ଗୁଳା କୋଇଲା ଖଣି ପ୍ରକଳ୍ପ ଅଧିକାରୀ ପଦ୍ମନାଭ ସ୍ୱାଇଁଙ୍କ ସମେତ ବିଭିନ୍ନ କୋଇଲା କ୍ଷେତ୍ରର ବହୁ ଉଚ୍ଚପଦସ୍ଥ ଅଧିକାରୀ, ବିଭିନ୍ନ ଶ୍ରମିକ ନେତା ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ସାଇରାମ ତାଳଚେରର ବିଭିନ୍ନ କୋଇଲା ଖଣି ପରିଦର୍ଶନ କରିବା ସହ କୋଇଲା ଉପାଦନ ଓ ପରିବହନ ସମ୍ବନ୍ଧରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

## ଅପ୍ରେଲ ପହିଲାରେ ୪୭ତମ ମାନବ ଧର୍ମ ସମ୍ମିଳନୀ

# ୪ ଜଣ ପାଇବେ 'ସେବକଶ୍ରୀ' ସମ୍ମାନ

ବାରିପଦା, (ସବ୍ୟୁ) : ସଦ୍‌ଭାବନା ସମିତି, ବାରିପଦା ପକ୍ଷରୁ ଆସନ୍ତା ଅପ୍ରେଲ ୧ତାରିଖ ବୁଧବାର ଅପରାହ୍ନ ୫ଘଟିକାରେ ଜିଲ୍ଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷରେ ୪୭ତମ ମାନବ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି । ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ବିଶିଷ୍ଟ ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ସାଂସଦ ବୀରଭଦ୍ର ସିଂ ଉପସ୍ଥିତ ରହିବାକୁ ସମ୍ମତି ଦେଇଛନ୍ତି । ସେହିପରି ମୁଖ୍ୟବକ୍ତା ଭାବେ ଆର୍ଯ୍ୟସମାଜର ଆଚାର୍ଯ୍ୟଦେବ ବିଜୟଜୀ ଯୋଗଦେବେ । ସଦ୍‌ଭାବନା ସମିତିର ପ୍ରତିଷ୍ଠାତା ଧର୍ମରନି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ସଂଯୋଜନାରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସମିତିର କାର୍ଯ୍ୟକାରୀ ସଭାପତି ନେତ୍ରାନନ୍ଦ ମଲ୍ଲିକ ପୌରହିତ୍ୟ କରିବେ । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲାର ଶ୍ରେଷ୍ଠ ପୁଲିସ୍ କନେଷ୍ଟବଳ ଭାବେ ପରମାନନ୍ଦ ମହାନ୍ତ, ଶ୍ରେଷ୍ଠ ଅଗ୍ନିକ ଭାବେ ପ୍ରଭାସ କୁମାର ଜେନା, ଶ୍ରେଷ୍ଠ ନର୍ସି ଅଫିସର ଭାବେ ପିଆରଏମ ମେଡିକାଲର ଦେବାଶିଷ ବେହେରା ଓ ପୌରପରିଷଦର ଶ୍ରେଷ୍ଠ ସଫେଇ କର୍ମଚାରୀ ଭାବେ ହରେନ୍ଦ୍ର ମୁଖିଙ୍କୁ ପରମ୍ପରା ଅନୁସାରେ ସେବକଶ୍ରୀ ଉପାଧି ପ୍ରଦାନ କରାଯିବ ।

ଏହା ସହ ଜିଲ୍ଲାର ବିଭିନ୍ନ ଆଧାତ୍ମିକ ସଂଗଠନ ଯଥା ବିବେକାନନ୍ଦ କେନ୍ଦ୍ର, ସତ୍ୟସାଇ ସେବା ସଙ୍ଗଠନ, ପ୍ରଜାପିତା ବ୍ରହ୍ମା କୁମାରୀ, ଅନୁକୁଳଚନ୍ଦ୍ର, ଗାୟତ୍ରୀ ପରିବାର, ଶିବାନନ୍ଦ, ଖାଲସା ପନ', ଇସ୍‌ଲାମ୍ ଶାଖା ଆଦିଙ୍କୁ ଅଭ୍ୟର୍ଥନା ଜଣାଯିବ । ସଦ୍‌ଭାବନା ସମିତିର ପରିବାର ସମସ୍ତ ଧର୍ମପ୍ରାଣ ନାଗରିକ, ସମାଜସେବୀ ଓ ଆଧାତ୍ମିକ ବ୍ୟକ୍ତିତ୍ୱଙ୍କୁ ଏହି ସମ୍ମିଳନୀରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ କରିଛି । ଏହି ଅନୁଷ୍ଠାନ ଜିଲ୍ଲାରେ ଧର୍ମୀୟ ସଦ୍‌ଭାବନା ଓ ସମ୍ପ୍ରତିର ବାତାବରଣ ସୃଷ୍ଟି କରିବାରେ ଦୀର୍ଘଦିନ ଧରି ପ୍ରୟାସ ଜାରିରଖିଛି ।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର

ଆଠମଲ୍ଲିକ ,(ସବ୍ୟୁ): ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ଗତ ସାତ ଦିନ ହେବ ଚାଲିଥିବା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ଡ଼ଃ ତ୍ରିଲୋଚନ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ସିଡିପିଓ ତରଙ୍ଗିଣୀ ମିର୍ଦ୍ଧା, ମୁଖ୍ୟବକ୍ତା ଭାବରେ ଆଠମଲ୍ଲିକ କେନ୍ଦ୍ରୀୟ ବିଦ୍ୟାଳୟଅଧକ୍ଷ ଦିପେଶ କୁମାର ବାରିକ,ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଥାନା ଅଧିକାରୀ ବିକାଶ କୁମାର ସାମଲ ଯୋଗଦେଇ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ନିଜକୁ ସଶକ୍ତ କରିଥାଏ ତେଣୁ ସମସ୍ତ ଛାତ୍ରୀ ଆତ୍ମ ପ୍ରଶିକ୍ଷଣ ନେବା ଜରୁରୀ ବୋଲି କହିଥିଲେ ।

# ଶ୍ରୀ ରଘୁନାଥ ମନ୍ଦିରରେ ଶିଖରୀ କଳସ ସ୍ଥାପନ

ଆଠମଲ୍ଲିକ (ନିପ୍ର ) ଆଠମଲ୍ଲିକ ସହର ସ୍ଥିତ ପୋଲିସ ବନ୍ଧ ନିକଟରେ ନବ ନିର୍ମିତ ଶ୍ରୀ ରଘୁନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବର ପଞ୍ଚମ ଦିବସରେ ସର୍ବ ଦେବଦେବୀ ପୂଜା ଶ୍ରୀରାମଙ୍କ ଷୋଡସ ଉପଚାରରେ ପୂଜା, ସର୍ବ ଦେବଦେବୀ ଯଜ୍ଞ, ଶିଖରୀ କଳସ ଓ ଧ୍ୱଜା ସ୍ଥାପନ କାର୍ଯ୍ୟକ୍ରମ ମହାଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଥିଲା । କର୍ତ୍ତା ଭାବରେ ସନ୍ତୋଷ କୁମାର ହୋତା, ନିହାର ହୋତା, ଚିରଞ୍ଜୀବ ମିଶ୍ର, ମନୀଷା ହୋତା, ସୁଶାନ୍ତ ହୋତା, କଲ୍ୟାଣୀ ହୋତା, ସାରଦା ପ୍ରସାଦ ସିଂ ସାମନ୍ତ, ସରିତା ସିଂ ସାମନ୍ତ ପ୍ରମୁଖ ଦାୟିତ୍ୱ ତୁଲାଇ ଥିଲେ । ପୂଜକ ଭାବରେ ମନୋଜ ଦାଶ, ପୁରଞ୍ଜନ ଚାନ୍ଦ, ସନୋଜ କୁମାର ଦାଶ, ମଧୁ ଷଡ଼ଙ୍ଗୀ ଓ ସୁପକାର ଭାବରେ ଆଶିଷ ହୋତା ଦାୟିତ୍ୱ ତୁଲାଇ ଥିଲେ ।

ଏ ସମସ୍ତ କାର୍ଯ୍ୟକ୍ରମରେ ଦୁଷ୍ମନ୍ତ ମହାପାତ୍ର, ଜ୍ଞାନ ରଞ୍ଜନ ପ୍ରଧାନ, ବିଜୟା ନନ୍ଦ ପ୍ରଧାନ, ସିଦ୍ଧାର୍ଥ କ୍ଷେତି, ଅବନୀ ପ୍ରଧାନ,ଗୋକୁଳା ପ୍ରଧାନ, ବିରଞ୍ଚି ଦେହୁରୀ, ରମେଶ ମହାଲିକ, ପୁଟୁ ଗାଇ ଗରିଆ, ସନ୍ତୋଷ ଭୋଇ, ରବି ନାରାୟଣ ଦାଶ, ରଞ୍ଜନ ମାହାର,ସଂକୀର୍ତନ ମେଣ୍ଡଳି, ଜ୍ଞାନ ରଞ୍ଜନ ପ୍ରସାଦ, ଙ୍କ ସମେତ ଅନେକ ଭକ୍ତ ସମସ୍ତ କାର୍ଯ୍ୟକ୍ରମ ରେ ପରିଚାଳନାରେ ସହଯୋଗ କରିଥିଲେ । ଦିନ ତମାମ ପ୍ରସାଦ ସେବନ ର ବ୍ୟବସ୍ଥା ହୋଇଥିଲା ।

## ଅମଲାପଡ଼ା ବାସନ୍ତୀ ଦୁର୍ଗାପୂଜା

# ରକ୍ତଦାନ, କୁମାରୀ ପୂଜନ ଓ ସାମୁହିକ ଦାଣ୍ଡିଆ



ଅନୁଗୋଳ,(ସବ୍ୟୁ) : ଅମଲାପଡ଼ା ବାସନ୍ତୀ ଦୁର୍ଗାପୂଜା ଅବସରରେ ଆଜି ମହାନବମୀ ରେ ସୂର୍ଯ୍ୟପୂଜା,କଳସ ପୂଜା,ଚଣ୍ଡୀ ହୋମ ଓ ନବ କୁମାରୀ ପୂଜା ଅନୁଷ୍ଠିତ ହୋଇଥିଲା ।୯ଜଣ କୁମାରୀ କନ୍ୟାଙ୍କୁ ଦେବୀ ଦୁର୍ଗାଙ୍କ ଅବତାର ରୂପେ ଚିତ୍ରଣ କରାଯାଇ ଏହି ପୂଜା କରାଯାଇଥାଏ । ଏଥିସହ ବାସନ୍ତୀ ପାଠାଗାର ପରିସରରେ ଅନୁଗୋଳ ପୂର୍ବତନ ସୈନିକ ସଂଘ ଓ ବାସନ୍ତୀ ଭଲିବଲ ଟ୍ରଷ୍ଟ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା ।

ଏହି ଶିବିରରୁ ମୋଟ ୫୪ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ।ସଂଘ ସଭାପତି ଅନିଲ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନ ରେ ଏବଂ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, ବରିଷ୍ଠ ସଦସ୍ୟ ପ୍ରଶାନ୍ତ ମିଶ୍ର, ଅଦି ମହାନ୍ତି,ପି କେ ସାହୁ,ବି କେ ସାହୁ ଆଦି ଙ୍କ ସହଯୋଗ ରେ ଏହି ରକ୍ତ ଦାନ ଶିବିର ଆୟୋଜିତ ହୋଇଥିଲା ।ପୂଜାକମିଟି ପକ୍ଷରୁ ସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ,ଉପ ସଭାପତି ଯତୀନ ସେଠୀ,ସମ୍ପାଦକ ଅନୂପ ମହାନ୍ତି,କୋଷାଧକ୍ଷ ରଶ୍ମିରଞ୍ଜନ ପ୍ରଧାନ, ତାପସ ରାୟ ଙ୍କ ସମେତ ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ପ୍ରଦୀପ ଦେବତା ଓ ଶଶାଙ୍କ ପ୍ରଧାନ, ଶୁଭେନ୍ଦୁ ପ୍ରଧାନ, ରିତେଷ ଦଳବେହେରା, ବାପି ଦାସ, ସୌମ୍ୟ ଦାସ, ଗୁଲୁ ମହାନ୍ତି, ଶିବରାଜ ପ୍ରଧାନ, ପ୍ରତାପ ମାଝୀ, ମନୁ ପ୍ରଧାନ, ବିଜୁ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ସନ୍ଧ୍ୟାରେଆକର୍ଷଣୀୟ ବେଶ ଭୂଷା ରେ ସ୍ଥାନୀୟ କଳାକାର ମାନେ ଦାଣ୍ଡିଆ ନୃତ୍ୟ ପରିବେଷଣ କରିଥିଲେ ।ଏହାକୁ ଦେଖିବା ପାଇଁ ପ୍ରବଳ ଜନ ଗହଳି ଦେଖିବାକୁ ମିଳିଥିଲା । ଆସନ୍ତାକାଲି ମହାଦଶମୀ ପୂଜା ପୂର୍ଣ୍ଣାହୁତି ସହ ପ୍ରସାଦ ସେବନ ରହିଛି । ରାତିରେ ମେଲୋଡି କାର୍ଯ୍ୟକ୍ରମ ରହିଛି ।

# ଦୁଇ ଦିନ ହେଲା ପାଓ୍ୱାର ଗ୍ରୀଡ ଫାଟକ ସମ୍ମୁଖରେ ଛଟେଇ କର୍ମଚାରୀଙ୍କ ଧାରଣା




ରେଙ୍ଗାଳି, (ସବ୍ୟୁ) : କଣିହାଁ ବ୍ଲକ ରେଙ୍ଗାଳି ସ୍ଥିତ ପାଓ୍ୱାରଗ୍ରୀ ଠାରେ ନିଯୁକ୍ତି ଦାବିରେ ପିଜିସିଆଇଏଲ ଛଟେଇ କର୍ମଚାରୀଙ୍କ ତରଫରୁ ଦୁଇ ଦିନ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦିଆ ଯାଇଛି । ୨୬ ତାରିଖ ସକାଳ ଠାରୁ ଏଆଇୟୁଟିୟୁସି ଓ ଏଆଇପିଏଫ ଶ୍ରମିକ ସଙ୍ଗଠନର ସଭାପତି ଜୟସେନ ମେହେର, ସାଧାରଣ ସଂପାଦକ ପ୍ରହ୍ଲାଦଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ପିଜିସିଆଇଏଲର ସମସ୍ତ ଠିକା ଶ୍ରମିକଙ୍କ ସହ ଅନ୍ୟ ଶ୍ରମିକମାନେ ରେଙ୍ଗାଳି ପାଓ୍ୱାର ଗ୍ରୀଡ଼ ଅଫିସ ସମ୍ମୁଖରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି ।

ସୂଚନାଯୋଗ୍ୟ ପୂର୍ବରୁ ଅନୁଗୋଳ ଜିଲା ପିଜିସିଆଇଏଲ ଓ୍ୱାର୍କର୍ସ ୟୁନିୟନ ପକ୍ଷରୁ ଛଟେଇ ଶ୍ରମିକଙ୍କୁ ପୁନଃ ନିଯୁକ୍ତି, ଇଲେକଟ୍ରିକାଲ ବିଭାଗରେ ମେଣ୍ଟେନାନ୍ସରେ କାମ କରୁଥିବା ଶ୍ରମିକ ମାନଙ୍କୁ ୨୬ ଦିନ କାମ ଦେବା,ତୁରନ୍ତ ଇଏସଆଇ କାର୍ଡ ସମସ୍ତ ଶ୍ରମିକଙ୍କୁ ପ୍ରଦାନ, ସମୟ ଠାରୁ ଅଧିକ କାମ ପାଇଁ ଅତିରିକ୍ତ ପାରିଶ୍ରମିକ, ପ୍ରତେକ ମାସର ଇପିଏଫ ଜମା କରିବା ଭଳି ବିଭିନ୍ନ ଦାବିକୁ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଥିଲା ।

ତୁରନ୍ତ ଏହି ଦାବିଗୁଡିକ ପୂରଣ ନହେଲେ ଖୁବ ଶୀଘ୍ର ସମସ୍ତ ପରିବାର ବର୍ଗଙ୍କ ସହ ପାଓ୍ୱାର ଗ୍ରୀଡ଼ ଫାଟକକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ରାଜରାସ୍ତାକୁ ବନ୍ଦ କରିବା ନେଇ ସୂଚନା ଦିଆଯାଇଥିଲା ଏ ନେଇ ପାଓ୍ୱାର ଗ୍ରୀଡ଼ ଡିଜିଏମ ତପନ କୁମାର କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ ସେ କୌଣସି ପ୍ରତିକ୍ରିୟା ଦେଇନଥିଲେ । ଦ୍ୱିତୀୟ ଦିନର ଆନ୍ଦୋଳନରେ ବିଦ୍ୟାଧର ସାମଲ, ବଂଶୀଧର ସାହୁ, କୈଳାସ ମାଝି, ଗୌତମ ସେଠୀ, ବିନୋଦ ନାଏକଙ୍କ ସହିତ ଓଏଚପିସି ଠିକା ଶ୍ରମିକ ସାମିଲ ହୋଇଛନ୍ତି ।

## ପାଲଲହଡା ମହୋତ୍ସବ ୨୦୨୬ ପାଇଁ ବାଜିଲା ବିଗୁଲ

# ସାତୋଟି ଶୈବ ପୀଠରୁ ଆସିଲା ମଶାଲ ଶୋଭାଯାତ୍ରା



ପାଲଲହଡା,(ସବ୍ୟୁ):ଆସନ୍ତା ୨୮ରୁ ୩୦ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପି ସ୍ଥାନୀୟ ଷ୍ଟାଡିଅମ ପରିସରରେ ଆରମ୍ଭ ହେବାକୁ ଯାଉଥିବା ପାଲଲହ ମହୋତ୍ସବ-୨୦୨୬ ପାଇଁ ଆଜି ୭ଟି ଶୈବ ପୀଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଛି ।

ଏହି ଯାତ୍ରା ୨୭.୦୩.୨୦୨୬ ସକାଳେ ୬ଟା ୩୦ ମିନିଟରେ ଆରମ୍ଭ ହୋଇଥିଲା । ଖୁଲୁଡ଼ିସ୍ଥିତ ଗିରିଶ୍ୱର ମହାଦେବ ମର୍ନ୍ଦି, ପବିତ୍ରପୁରର ଶିବ ମନ୍ଦିର୍ରି, ରୋହିଲା ଫଚାୟତର ମଗରମୁହାଣ ଶିବ ମନ୍ଦିର୍ରି, ରଜଡଙ୍ଗ ଶିବ ମନ୍ଦିର୍ରି,ଈଶ୍ୱରନଗର ଫଚାୟତ ଅନ୍ତର୍ଗତ ସମଳ ନାଗେଶ୍ୱର ମନ୍ଦିର,ସରଧାପୁରସ୍ଥିତ ମା କନକେଶ୍ୱରୀ ଶକ୍ତି ପୀଠ, ଏବଂ କଣିହାଁ ବ୍ଲକ ଅନ୍ତର୍ଗତ ଦେନାଳି ରାମେଶ୍ୱରମ ଶିବ ମନ୍ଦିରରେ ପୂଜାର୍ଚ୍ଚନା ହୋଇ ମଶାଲଗୁଡିକ ସଂକୀର୍ତନ କରାଯାଇ ଶୋଭାଯାତ୍ରାରେ ଆସିଥିଲା । ଏହି ମଶାଲ ଶୋଭାଯାତ୍ରାରେ ବ୍ୟାପକ ସଂଖ୍ୟକ ଜନସାଧାରଣ ଅଂଶଗ୍ରହଣ କରିଥିଲେ । ସମସ୍ତ ସାତୋଟି ଯାକ ମଶାଲ ପଲାଲହଡ଼ାର ଶ୍ରୀ ବଳଦେବଜୀଉ ମନ୍ଦିରରେ ଏକତ୍ରିତ ହୋଇଥିଲା ।ଏଗୁଡିକ ଆସନ୍ତାକାଲି ଅର୍ଥାତ ୨୮.୦୩.୨୦୨୬ ସକାଳେ ବିରାଟ ପଟୁଆରରେ ମହୋତ୍ସବ ସ୍ଥଳ ପାଲଲହଡା ଷ୍ଟାଡିଅମକୁ ନିଆଯାଇ ମହୋତ୍ସବର ଆନୁଷ୍ଠାନିକ ଉଦ୍ଘାଟନ କରାଯିବ । ଏହି ମଶାଲ ଶୋଭାଯାତ୍ରାରେ ପାଲଲହଡା ମହୋତ୍ସବ କମିଟିର ଅଧକ୍ଷ ତଥା ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତି, କମିଟିର ଆବାହକ ତଥା ସ୍ଥାନୀୟ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ ମିଶ୍ର, ତହସିଲଦାର ସୁଶ୍ରୀ ଆକାଂକ୍ଷା ମହାପାତ୍ର, ଡେପୁଟି କଲେକଟର୍ ସୁଶ୍ରୀ ବିଦ୍ୟୁସ୍ମିତା ସାହୁ, ସୁଶ୍ରୀ ସୌମ୍ୟଶ୍ରୀ ପରିଡା , ସହକାରୀ ଜିଲ୍ଲାପାଳ ମନୋରଞ୍ଜନ ଜେନା ଓ ଗିରିଶ ଚନ୍ଦ୍ର ସିଂହ, ସି.ଡି.ପି.ଓ. ବିଜୟଲକ୍ଷ୍ମୀ ମହାନ୍ତ, ସ୍ଥାନୀୟ ଫଚାୟତ ସମିତି ଅଧକ୍ଷା ରୀନାରାଣୀ ନାଏକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ ।

# ରାଷ୍ଟ୍ରପତିଙ୍କୁ ଭେଟି ଆଲୋଚନା କଲେ ସାଂସଦ ପ୍ରତାପ



ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ସୌଜନ୍ୟ ମୂଳକ ସାକ୍ଷାତ କରି ଓଡ଼ିଶାର ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି । ଓଡ଼ିଶାର ବରପୁତ୍ର ଉତ୍କଳ ଗୌରବ ସ୍ୱର୍ଗତ ମଧୁସୂଦନ ଦାସ ଏବଂ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଶା ପ୍ରଦେଶ ଗଠନ, ଓଡ଼ିଆ ଅସ୍ମିତାର ସୁରକ୍ଷା, ଓଡ଼ିଶାର କଳା, ସାହିତ୍ୟ, ଶିକ୍ଷା ଓ ସଂସ୍କୃତିର ସଂରକ୍ଷଣ, ସମ୍ବର୍ଦ୍ଧନ, ପ୍ରଚାର-ପ୍ରସାର, ସ୍ୱାଧୀନତା ଆନ୍ଦୋଳନ ଓ ଦୁର୍ଗତ ମାନବର ସେବା ଆଦି ବହୁବିଧ କ୍ଷେତ୍ରରେ ଅସାଧାରଣ ଯୋଗଦାନ କରିଥିବାରୁ, ଏହି ଦୁଇଜଣଙ୍କ ମଧ୍ୟରୁ କୌଣସି ଜଣଙ୍କୁ 'ଭାରତ ରତ୍ନ' ଉପାଧି ପ୍ରଦାନ ପାଇଁ ନିବେଦନ କରିଥିଲେ। ଏହି ବିଷୟରେ ବିଚାର କରିବାକୁ ରାଷ୍ଟ୍ରପତି ପ୍ରତିଶ୍ରୁତି ଦେଇଥିବା ସାଂସଦ ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

# ପୋଖରୀ ପୋତାକୁ କେନ୍ଦ୍ରକରି ଫୁଟିଲା ଗୁଳି

ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ଟାଉନ୍ ଥାନା ଅଧୀନ ମାନସିଂବଜାର ଅଞ୍ଚଳରେ ବୁଧବାର ବିଳମ୍ବିତ ରାତି ପ୍ରାୟ ୧୦ଟା ସମୟରେ ଏକ ଗୁଳିକାଣ୍ଡ ଘଟଣା ଘଟିଛି। ମଣ୍ଡଳ ବଗିଚା ପୋଖରୀ ନିକଟରେ ଗୋଟିଏ ପରିବାରକୁ ଲକ୍ଷ୍ୟ କରି ଗୁଳିଚାଳନା ସହିତ ଆକ୍ରମଣ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ସନ୍ଧ୍ୟାବେଳେ ବାଲେଶ୍ୱର ତହସିଲଦାର, ଅତିରିକ୍ତ ତହସିଲଦାର ଓ ଆରଆଇମାନେ ମଣ୍ଡଳ ବାଗିଚା ପୋଖରୀରେ ଅବୈଧ ମାଟି ପୂରଣ କାର୍ଯ୍ୟ ଅଟକାଇବା ପାଇଁ ଚଡ଼ାଉ କରିଥିଲେ। ଏହି ଅଭିଯାନରେ ଏକ ଜେସିବି ମେସିନ୍ ଜବତ କରାଯାଇଥିଲା । ଏହାପରେ ଜଣେ ବ୍ୟକ୍ତି ଏହି ଘଟଣାକୁ ନେଇ ରାଗିବା ସହ ଏକ ପରିବାରକୁ ଲକ୍ଷ୍ୟ କରି ୩ ରାଉଣ୍ଡ ଗୁଳି ଫୁଟାଇଥିଲେ। ସେହି ପରିବାର ତାଙ୍କ ବିରୋଧରେ ସୂଚନା ଦେଇଥିବେ ବୋଲି ସନ୍ଦେହ କରି, ତାଙ୍କ ଘର ସାମ୍ନାରେ ପହଞ୍ଚି ବନ୍ଧୁକ ଦେଖାଇ ଧମକ ଦେଇଥିଲେ । ସେହି ପରିବାର ଜଣେ ଆରଆଇଙ୍କ ସମ୍ପର୍କିତ ବୋଲି ଜାଣିବା ପରେ ଏସ୍ ଦାସ ଏଭଳି କାଣ୍ଡ କରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି । ଅଭିଯୋଗ ଅନୁଯାୟୀ ସମ୍ପୃକ୍ତ ବ୍ୟକ୍ତି ୩ଟି ଗୁଳି ଫୁଟାଇବା ସହିତ ପରିବାରର ସମସ୍ତଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ଏହି ଘଟଣା ସମ୍ପୂର୍ଣ୍ଣ ଭାବେ ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ଜଣାପଡ଼ିଛି । ତେବେ ଗୁଳି କାହାଠି ବାଜି ନଥିବାରୁ କେହି ଆହତ ହୋଇ ନାହାନ୍ତି। ଏ ବାବଦରେ ଟାଉନ୍ ଥାନା ପୁଲିସ ନିକଟରେ ଅଭିଯୋଗ ଦାଖଲ ହୋଇଥିବା ଜଣାପଡ଼ିଛି ।

# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ବାଲେଶ୍ୱର ସହର



ବାଲେଶ୍ୱର, (ସବ୍ୟୁ) : ପବିତ୍ର ରାମନବମୀ ଅବସରରେ ଗୁରୁବାର ଅଶୋକାଷ୍ଟମୀ ଦିନ ଶ୍ରୀରାମ ଚେତନା ଜାଗରଣ ସମିତି ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ବାଲେଶ୍ୱର ସହର ଉପକଣ୍ଠ ଅଞ୍ଚଳ ପରିକ୍ରମା କରିଥିଲା । ଏହି ଶୋଭାଯାତ୍ରା ସ୍ଥାନୀୟ ପରିମିଟ ପଡ଼ିଆରୁ ବାହାରି ସିନେମାଛକ, ଟାଉନହଲ, ମିର୍ଜାପୋଖରୀ, ମାଣିଖମ୍ବ, ବାରବାଟୀ, ଦମୋଦରପୁର, ବଡ଼ପୋଲ, ଗୋଳାପୋଖରୀ, ପରମିଟଘାଟ, ପୁରୁଣାବାଲେଶ୍ୱର, ଗବଗାଁ, ପାତ୍ରପଡ଼ା,ବଙ୍କାଖେଜୁର, ହେମକାପଦା, ମାନସିଂବଜାର, ଆଇଟିଆଇ ଛକ, ଷ୍ଟେସନଛକ, ଫକୀର ମୋହନ ଗୋଲେଇ, ସହଦେବଖୁଣ୍ଟା, ସୂରଜ ହୋଟେଲ, ଭାସ୍କରଗଞ୍ଜ, ମାଲଗୋଦାମ, ଆନନ୍ଦବଜାର, ଗଳାପୋଲ, ଦର୍ଜିପୋଖରୀ, ରାଣୀପାଟଣା, ଏଡ଼ିଏମ ଛକ, ପଦ୍ମୁଆଁପଦା, ଆଜିମାବାଦ ଓ କଲେଜଛକ ଦେଇ ପୁଣି ପରମିଟ ପଡ଼ିଆରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ରାଜ୍ୟ ଶାସକ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ପ୍ରମୁଖ ସାମିଲ ଥିଲେ । ଶୁକ୍ରବାର ଦିନ ସକାଳ ସମୟରେ ରାମନବମୀ ଅବସରରେ ସ୍ଥାନୀୟ ପରମିଟ ପଡ଼ିଆରେ ରାମ, ଲକ୍ଷ୍ମଣ, ସୀତା, ହନୁମାନ ପ୍ରମୁଖଙ୍କ ପୂଜାର୍ଚ୍ଚନା କରାଯିବା ସହ ସେଠାରେ ଶ୍ରଦ୍ଧାଳୁ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଅପରାହ୍ନ ସମୟରେ ହଜାର ହଜାର ଜନତା ରାମ, ଲକ୍ଷ୍ମଣ,ସୀତା, ହନୁମାନଙ୍କ ସମେତ ବିଭିନ୍ନ ଝାଙ୍କି ଧରି ବାଣ, ବାଜା, ରୋଷଣୀ ସହ ସହର ପରିକ୍ରମା କରିଥିଲେ । ରାମନବମୀ ଅବସରରେ ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ , ବିଜେଡ଼ିର ନାରୀନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ବିଜେଡ଼ିର ଟାଉନ ସଭାପତି ମନୋଜ ରାଉତଙ୍କ ସମେତ ବହୁ ବିଜେଡ଼ି ନେତୃମଣ୍ଡଳୀ ସହରର ଷ୍ଟେସନ ଛକରେ ଉପସ୍ଥିତ ରହି ଶୋଭାଯାତ୍ରାକାରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଶ୍ରଦ୍ଧାଳୁମାନଙ୍କ ନୃତ୍ୟ,ଗୀତ ଏବଂ ଜୟ ଶ୍ରୀରାମ ଧ୍ୱନୀରେ ବାଲେଶ୍ୱର ସହର ପ୍ରକମ୍ପିତ ହୋଇଥିଲା । ଏହି ସମ୍ବାଦ ଲେଖାଯିବା ପର୍ଯ୍ୟନ୍ତ ଶୋଭାଯାତ୍ରା ଚାଲୁ ରହିଛି । ଆଇନଶୃଙ୍ଖଳା ରକ୍ଷା ନିମନ୍ତେ ସହରର ବିଭିନ୍ନ ସ୍ଥାନରେ ସଶସ୍ତ୍ର ପୁଲିସକର୍ମଚାରୀମାନଙ୍କୁ ମୁତୟନ କରାଯିବା ସହ ପୁଲିସ ପେଟ୍ରୋଲିଂ ଗାଡି ବୁଲୁଥିବା ଦେଖିବାକୁ ମିଳିଥିଲା । ଶ୍ରଦ୍ଧାଳୁଭକ୍ତମାନଙ୍କ ନିମନ୍ତେ ସହରର ବିଭିନ୍ନସ୍ଥାନରେ ଦହିସର୍ବତ, ଫଳ,ପ୍ରସାଦ, ଦହିବରା, ଥଣ୍ଡା ପାନୀୟ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ବିତରଣ କରାଯାଉଥିଲା । ମୋଟାମୋଟିଭାବେ କହିବାକୁ ଗଲେ ବାଲେଶ୍ୱର ସହରରେ ଏକ ପ୍ରକାର ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା ।

## ଟାଇକୋଣ୍ଡୋ ପ୍ରତିଯୋଗିତାରେ ଶୁଭଙ୍କର ସମଜିତ୍ ଚକ୍ରଙ୍କୁ ରୌପ୍ୟ ପଦକ



କେନ୍ଦୁଝର ,(ଜିପ୍ର): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ନିର୍ବାଚନ ମଣ୍ଡଳୀ ତଥା ବ୍ଲକ ଗଡ ବାନ୍ଧ ଗୋଡା ଗ୍ରାମର ବରିଷ୍ଠ ଆଇନଜୀବି ତଥା ସରକାରୀ ଓକିଲ ବିଚିତ୍ର ଚକ୍ରଙ୍କ ପୁଅ ଶୁଭଙ୍କର ସମଜିତ ଚକ୍ରଙ୍କୁ ବିଶ୍ୱ ବିଦ୍ୟାଳୟ ସ୍ତରୀୟ ଟାଇକଣ୍ଡା ପ୍ରତିଯୋଗିତାରେ ର୍‌ାଭଦ୍ରକ ସ୍ୱୟଂ ଶାସିତ କଲେଜ ର ଅନ୍ତିମ ବର୍ଷ ଇଂରାଜୀ ସ୍ନାତକୋତ୍ତର ଛାତ୍ର।ସର୍ବ ଭାରତୀୟ ବିଶବିଦ୍ୟାଳୟ ସ୍ତରୀୟ ଟାଇକଣ୍ଡା ପ୍ରତିଯୋଗିତା ଓଡ଼ିଶା ର ବାଲେଶ୍ୱର ସ୍ଥିତ ଫକୀରମୋହନ ବିଶବିଦ୍ୟାଳୟ ପରିସରରେ ରେ ଉପସ୍ଥିତ ଅତିଥିମାନଙ୍କ ଗହଣରେ ରୌପ୍ୟ ପଦକ ହାସଲ କରିଛନ୍ତି।

# ୩୦ରୁ ମଡେଲ ଇଣ୍ଟିଗ୍ରେଟେଡ ମେଡିକାଲ କ୍ୟାମ୍ପ

କେନ୍ଦୁଝର(ସବ୍ୟୁ): ଭାରତୀୟ ସେନାର ବାଲେଶ୍ୱର ଷ୍ଟେସନ ମୁଖ୍ୟାଳୟ (ଚାନ୍ଦିପୁର-ଅନ-ସି) ପକ୍ଷରୁ ଆସନ୍ତା ମାର୍ଚ୍ଚ ୩୦ ଓ ୩୧ ତାରିଖରେ କେନ୍ଦୁଝର ମୁନିସିପାଲିଟି ଅଡିଟୋରିୟମ ଠାରେ ଏକ ବିଶାଳ 'ମଡେଲ ଇଣ୍ଟିଗ୍ରେଟେଡ ମେଡିକାଲ କ୍ୟାମ୍ପ' ଆୟୋଜନ କରାଯାଉଛି। ଓଡ଼ିଶା ଏବଂ ଛତିଶଗଡ ସବ-ଏରିଆର ତତ୍ତ୍ୱାବଧାନରେ, କେନ୍ଦୁଝର ଜିଲ୍ଲା ପ୍ରଶାସନ ଏବଂ କେନ୍ଦୁଝର ଜିଲ୍ଲା ଭୂତପୂର୍ବ ସୈନିକ ସଂଘ ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମୁଖ୍ୟ ଉଦ୍ଦେଶ୍ୟ ଓ ହିତାଧିକାରୀଏହି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ମାଧ୍ୟମରେ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ପ୍ରାୟ ୩୦୦୦ ରୁ ଅଧିକ ଭୂତପୂର୍ବ ସୈନିକ, ବୀର ନାରୀ, ବୀର ମାତା, ଅକ୍ଷମ ସୈନିକ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ସମସ୍ତ ସୁବିଧା ଗୋଟିଏ ସ୍ଥାନରେ ଯୋଗାଇ ଦିଆଯିବ । ବିଶେଷ କରି ଦୂରଦୂରାନ୍ତରେ ରହୁଥିବା ସେନା ପରିବାର ଯେଉଁମାନେ ଉପଯୁକ୍ତ ଚିକିତ୍ସା ଓ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି, ସେମାନଙ୍କ ନିକଟରେ ସେବା ପହଞ୍ଚାଇବା ଏହାର ମୂଳ ଲକ୍ଷ୍ୟ । ଏହି ଶିବିରରେ ବହୁବିଧ ସେବା ଉପଲବ୍ଧ ହେବ, ବିଶେଷଜ୍ଞଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା, ଚକ୍ଷୁ ଓ ଦନ୍ତ ଚିକିତ୍ସା। ବୌଦ୍ଧିକ ଅକ୍ଷମତା ପରୀକ୍ଷା ଏବଂ ତତ୍କାଳ 'ୟୁଡିଆଇ' ଡି କାର୍ଡ ପ୍ରଦାନ। ୭୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ 'ଆୟୁଷ୍ମାନ ବୟ ବନ୍ଦନା ଯୋଜନା' କାର୍ଡ ପ୍ରଦାନ । 'ସ୍ପର୍ଶ ' ମାଧ୍ୟମରେ ପେନସନ ସମ୍ବନ୍ଧୀୟ ଅଭିଯୋଗର ସମାଧାନ। ଇସିଏଚଏସ ପଞ୍ଜୀକରଣ, ସିଏସଡି ସୁବିଧା, ଆଇନଗତ ପରାମର୍ଶ ଏବଂ ନିଯୁକ୍ତି ସହାୟତା । ସାଧାରଣ ଜନତାଙ୍କ ପାଇଁ ସୁବିଧାସେନା ପକ୍ଷରୁ ସୂଚନା ଦିଆଯାଇଛି ଯେ, ଜିଲ୍ଲା ପ୍ରଶାସନର ସହଯୋଗରେ ସ୍ଥାନୀୟ ସାଧାରଣ ଜନତାଙ୍କୁ ମଧ୍ୟ କିଛି ସୀମିତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ, ଯାହା ଦ୍ୱାରା ସାମରିକ ଓ ବେସାମରିକ ସମ୍ପର୍କ ଅଧିକ ସୁଦୃଢ଼ ହେବ । ଏହି ଅବସରରେ ଛତିଶଗଡ ଓ ଓଡ଼ିଶା ସବ-ଏରିଆ କମାଣ୍ଡର ବ୍ରିଗେଡିୟର ଟି.ଏସ. ବାୱା କହିଛନ୍ତି ଯେ, କେନ୍ଦୁଝରରେ ଅନୁଷ୍ଠିତ ଏହି ସମନ୍ୱିତ ଚିକିତ୍ସା ଶିବିର କେବଳ ଏକ ସେବା ମୂଳକ କାର୍ଯ୍ୟ ନୁହେଁ, ବରଂ ଏହା ଏକ ପ୍ରତିଶ୍ରୁତି। ଆମର ଲକ୍ଷ୍ୟ ହେଉଛି, ଭୌଗୋଳିକ ଦୂରତା କିମ୍ବା ବ୍ୟବସ୍ଥାରେ ଥିବା ସମସ୍ୟା ଯୋଗୁଁ ଯେପରି କୌଣସି ପୂର୍ବତନ ସୈନିକ କିମ୍ବା ତାଙ୍କ ପରିବାର ସୁବିଧାରୁ ବଞ୍ଚିତ ନ ହୁଅନ୍ତି।ଏହି ଶିବିରରେ ସମସ୍ତ ପୂର୍ବତନ ସୈନିକ ଓ ସେମାନଙ୍କ ପରିବାରବର୍ଗ ଯୋଗ ଦେଇ ଏହାର ଲାଭ ଉଠାଇବାକୁ ଅନୁରୋଧ କରାଯାଇଛି।

## ଜୟଶ୍ରୀରାମ ଧ୍ୱନିରେ କମ୍ପିଲା ସିମୁଳିଆ, ଖଇରା, ସୁଣ୍ଡିରା ଅଞ୍ଚଳ

ଖଇରା,(ସବ୍ୟୁ): ପବିତ୍ର ରାମନବମୀ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରା ବ୍ଲକର ପୁରପଲ୍ଲୀରେ ଅନୁଷ୍ଠିତ ହୋଇ ଯାଇଛି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ବିଶ୍ୱହିନ୍ଦୁ ପରିଷଦ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ରାମରଥ କୋଠିଆକୋଇଲିରୁ ବାହାରି ନୟାଖଣ୍ଡି ସୁନ୍ଦରପୁର, ନୂଆଗାଁ, ତ୍ରିଶଳପୁର,ଗଡପୋଖରୀ ଦେଇ ସିମୁଳିଆସ୍ଥିତ ପଞ୍ଚବଟୀ ମନ୍ଦିରରେ ପହଞ୍ଚିଥିଲା । ରାସ୍ତାର ସଂଲଗ୍ନ ସମସ୍ତ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ଡା ବ୍ରଜସୁନ୍ଦର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଆଧ୍ୟାତ୍ମିକ ଆଲୋଚନାରେ ରାମଚନ୍ଦ୍ର ପଣ୍ଡା,କୃଷ୍ଣଚନ୍ଦ୍ର ପଣ୍ଡା,କୈଳାସ ଚନ୍ଦ୍ର ପୃଷ୍ଟି ତଥା ଆରଏସଏସ ଓ ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା। ଯୋଗଦେଇ ଯୁଗପୁରୁଷୋତ୍ତମଙ୍କ କଥା ବଖାଣିଥିଲେ । ବିଧାୟକ ପଦ୍ମଲୋଚନ ପଣ୍ଡା ଓ ଯୁବନେତା ନୀଳମାଧବ ପଣ୍ଡାଙ୍କ ନେତୃତ୍ୱରେ ଏକ ବାଇକ ରାଲି ତୁଡିଗଡିଆ ବଜାରରୁ ବାହାରୀ ଗଣ୍ଡିବେଡ,ତୁଡିଗଡିଆ ବଜାର ଦେଇ କୁପାରୀ ଅମ୍ବିକା ମନ୍ଦିର ନିକଟରେ ପହଞ୍ଚିଥିଲା । ସେହିଭଳି ବଜରଙ୍ଗ ଦଳ ପକ୍ଷରୁ ଖଇରା ହନୁମାନ ମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯିବା ପରେ ୨ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । ସୁଣ୍ଡିରାସ୍ଥିତ ହନୁମାନ ମନ୍ଦିର ପ୍ରତିଷ୍ଠାର ୧୮ତମ ବାର୍ଷିକୋତ୍ସବ ଉତ୍ସବରେ ନୁଆସାହି, ଅଣ୍ଡାଇଲୋ, ମହତୀପୁର, ପୁର୍ବପଡା,ସୁଣ୍ଡିରା,ମଇତାପୁର ଇତ୍ୟାଦି ଗ୍ରାମର ରାମଭକ୍ତ ମାନଙ୍କ ଦ୍ୱାରା କଳସ ଅଣାଯାଇଥିଲା । ନିରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାମନବମୀ ପାଳିତ ହୋଇଯାଇଥିବା ବେଳେ ଶଙ୍କର୍ଷଣରାୟ,ଶିଶିର କୁମାର ନାୟକ,ପର୍ଶୁରାମ ବେହେରା,ରତ୍ନାକର ବେହେରା,ତପନ କୁମାର ବେହେରା,ଜେ୍ୟାତିରଞ୍ଜନ ବେହେରା ଓ ମନୋରଞ୍ଜନ ଚଣ୍ଡ ପ୍ରମୁଖ ସହଯୋଗ କରିଥିଲେ । ସଂଧ୍ୟାରେ ସସ୍ମିତା ରାଉତଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା ।

## ଦୁର୍ଘଟଣାରେ ଡ୍ରାଇଭର ଗୁରୁତର

ବାଲେଶ୍ୱର, (ସବ୍ୟୁ) : ଜାତୀୟ ରାଜପଥର ମାର୍କୋଣା ଗଳାପୋଲ ନିକଟରେ ଟ୍ରେଲରକୁ ଧକ୍କା ଦେଇଛି କଲିକତା ଯାଉଥିବା ଟ୍ରକ୍। ଦୁର୍ଘଟଣାରେ ଟ୍ରକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ସୂଚନାଯୋଗ୍ୟ ଉକ୍ତ ଗଳାପୋଲ ନିକଟସ୍ଥ ହମ୍ପସ୍ ନିକଟରେ ବାରମ୍ବାର ଦୁର୍ଘଟଣା ହେଉଛି । ଏହି ଗଳାପୋଲଟି ସଂକୀର୍ଣ୍ଣ ହୋଇଥିବାରୁ ଯାତାୟାତରେ ସମସ୍ୟା ହେଉଛି। ଏଠାରେ ନୂତନ ପୋଲ ନିର୍ମାଣ ହେବ ହେବ କହି ୬ ମାସ ହେଲା ନିର୍ମାଣ କରାଯାଉନି ଫଳରେ ଦୁର୍ଘଟଣା ବଢୁଛି। ୧୫ ଦିନ ତଳେ ଏଠାରେ ହୋଇଥିବା ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିବା ପରେ ସେଠାରୁ ହମ୍ପସ୍ ଉଠାଇ ଦେବାକୁ ସିମୁଳିଆ ଥାନାଧିକାରୀ ଦେବରାଜ ଜେନା ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ନିର୍ଦ୍ଦେଶ ପାଳିତ ହେଉନି। ଯେଉଁଥି ପାଇଁ ପୁଣିଥରେ ଘଟିଛି ଦୁର୍ଘଟଣା। ହମ୍ପସ୍ ଦେଖି ଟ୍ରେଲରଟି ବ୍ରେକ୍ ମାରି ଦେବାରୁ ପଛରୁ ଆସିଥିବା ଟ୍ରକ୍‌ଟି ଧକ୍କା ଦେଇଥିଲା । ଟ୍ରକ୍‌ର ସାମ୍ନାଭାଗ ଚୂରମାର ହୋଇ ଯାଇଥିବା ବେଳେ ଡ୍ରାଇଭର ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ମାର୍କୋଣା ଓ ପରେ ପରେ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସିମୁଳିଆ ପୁଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଥାନାକୁ ଆଣି ତଦନ୍ତ ଜାରି ରଖିଛି।

## ଅଟୋ ଓଲଟି ଜଣେ ମୃତ

ସିମୁଳିଆ,(ସବ୍ୟୁ): ବାଲେଶ୍ୱର ଜିଲା ସିମୁଳିଆ ଥାନା ବାଲିଖଣ୍ଡ-ରାଣିତାଳ ରାସ୍ତାର ଗୌରଗଡି ନିକଟରେ ଅଟୋ(ଓଡି ୨୨ଇ ୪୦୭୬) ଓଲଟି ପଡ଼ିବାରୁ ଘଟଣାସ୍ଥଳରେ ରତ୍ନମଣୀ ପୃଷ୍ଟି(୪୫) ନାମକ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ କାଞ୍ଚପଡା ପଞ୍ଚାୟତ ଅଧୀନ ଜଗନ୍ନାଥପୁର ଗ୍ରାମର ମଧୁସୂଦନଙ୍କ ସ୍ତ୍ରୀ ବେଲି କୁହାଯାଇଛି । ରତ୍ନମଣୀ ନିଜର ଚିକିତ୍ସା ନିମନ୍ତେ ଭଦ୍ରକ ମେଡିକାଲ ଯାଉଥିବା ବେଳେ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡ଼ିଥିଲା । ଏହି ଅଟୋରେ ଥିବା ଅନ୍ୟ ୩ ଜଣ ମହିଳା ମଧ୍ୟ ଆହତ ହୋଇଛନ୍ତି ।

## ସହାୟିକାଙ୍କ ଯୋଗୁଁ ଅଘଟଣରୁ ବର୍ତ୍ତିଲେ ଅଙ୍ଗନବାଡ଼ି ଶିଶୁ

ବାଲେଶ୍ୱର,(ସବ୍ୟୁ): ବସ୍ତା ବ୍ଲକ୍ ଅଧୀନ ନଟାକଟା ପଞ୍ଚାୟତ ଅନ୍ତର୍ଗତ ନରଣପୁର ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରରେ ରୋଷେଇ କରିବା ସମୟରେ ଗ୍ୟାସ ଟାଙ୍କିରେ ହଠାତ୍ ନିଆଁ ଲାଗିଯାଇଥିଲା । ତେବେ ସହାୟିକାଙ୍କ ସାହସ ତଥା ଉପସ୍ଥିତ ବୁଦ୍ଧି ପାଇଁ ବଡ଼ ଅଘଟଣାରୁ ଛାତ୍ରଛାତ୍ରୀମାନେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁସାରେ ଉକ୍ତ ଅଙ୍ଗନବାଡ଼ିର କର୍ମୀ ଉତ୍ତରା ଦାସ ବିଭାଗୀୟ ବୈଠକ ପାଇଁ ବସ୍ତା ଯାଇଥିବା ବେଳେ ସହାୟିକା ମାଳତୀ ମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ଦାୟିତ୍ୱରେ ଥିଲେ। ଶ୍ରୀମତୀ ମନ୍ତ୍ରୀ ପିଲାଙ୍କ ପାଇଁ ରୋଷେଇ କରିବା ଲାଗି ଗ୍ୟାସ୍ ଟାଙ୍କି ଚାଲୁ କରି ଚୁଲାରେ ଅଗ୍ନି ସଂଯୋଗ କରିବା ମାତ୍ରକେ ଟାଙ୍କିରେ ଥିବା ରେଗୁଲେଟର ମୁହଁରୁ ହୁତ୍ ହୁତ୍ ହୋଇ ନିଆଁ ଜଳିବାକୁ ଆରମ୍ଭ କରିଥିଲା। ତେବେ ସହାୟିକା ଜଣକ ଉପସ୍ଥିତ ବୁଦ୍ଧି ଖଟାଇ ନିଆଁକୁ ଆୟତ୍ତ କରି ନେଇଥିଲେ। ଏହାପରେ ଘଟଣା ସମ୍ପର୍କରେ ବିଭାଗୀୟ ଅଧିକାରୀ ଓ ସମ୍ପୃକ୍ତ ଗ୍ୟାସ୍ ଏଜେନ୍ସିକୁ ଖବର ଦେଇଥିଲେ। ସନ୍ଧ୍ୟାରେ ଗ୍ୟାସ ଏଜେନ୍ସି କର୍ମଚାରୀମାନେ ଆସି ନିଆଁ ଲାଗିବାର କାରଣ ଖୋଜିବା ସହ ଗ୍ୟାସ ଟାଙ୍କିଟିର ଯାଞ୍ଚ କରିଥିଲେ। ସୁପରଭାଇଜର୍ ସ୍ନେହଲତା ଦାସ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଶ୍ରୀମତୀ ମନ୍ତ୍ରୀଙ୍କ ଉପସ୍ଥିତ ବୁଦ୍ଧି ପାଇଁ ବଡ଼ ଅଘଟଣ ଟଳିଗଲା ବୋଲି ଆଲୋଚନା ହେଉଛି।

## ଚେନ୍ ଲୁଟେରାଙ୍କ ଉତ୍ପାତ ବୃଦ୍ଧି ଗୋଟିଏ ଦିନରେ ୩ ଛିନତାଇ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ସହରରେ ଚେନ୍ ଲୁଟେରାଙ୍କ ଆତଙ୍କ ଦେଖାଦେଇଥିବାବେଳେ ଗୋଟିଏ ଦିନ ମଧ୍ୟରେ ତିନୋଟି ଭିନ୍ନ ଘଟଣାରେ ମହିଳାଙ୍କ ଠାରୁ ସୁନାର ଚେନ୍ ଛିନତାଇ ହୋଇଥିବା ଅଭିଯୋଗ ହୋଇଛି। ଏହି ସମସ୍ତ ୩ଟି ଯାକ ଘଟଣା ସହରର ବିଭିନ୍ନ ଅଞ୍ଚଳରେ ଘଟିଥିବାରୁ ଲୋକମାନଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି ହୋଇଛି। ପ୍ରଥମ ୨ଟି ଘଟଣା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ଘଟିଛି। ଗଣେଶ୍ୱରପୁରରେ ଅଞ୍ଜଳି ପାହାଡ଼ି (୫୦) ସକାଳ ୮ଟାରୁ ସାଢେ ୮ଟା ମଧ୍ୟରେ ସତସଙ୍ଗରୁ ଘରକୁ ଫେରୁଥିବା ସମୟରେ ଦୁଇଜଣ ଦୁର୍ବୃତ୍ତ ବାଇକରେ ଆସି ତାଙ୍କ ଚେନ୍ ଛିଣ୍ଡାଇ ନେଇ ଫେରାର ହୋଇଥିଲେ। ଠିକ୍ ତାର ଏକ ଘଣ୍ଟା ପରେ ଦିନ ସାଢ଼େ ୯ଟା ସମୟରେ ସେହି ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ଲକ୍ଷ୍ମୀନଗର-ଆଳୁପୁରରେ ଦିଲୀପ କୁମାର ପଣ୍ଡାଙ୍କ ସ୍ତ୍ରୀ ଇନ୍ଦୁମତୀ ସେନାପତି ଘର ନିକଟରେ କ୍ଷୀର କିଣି ଫେରୁଥିବା ବେଳେ ଛିନତାଇର ଶିକାର ହୋଇଥିଲେ। ଦୁଇଜଣ ଯୁବକ ବାଇକ୍‌ରେ ଆସି ତାଙ୍କ ବେକରୁ ଲକେଟ୍ ସହିତ ସୁନାର ଚେନ୍ ଛିଣ୍ଡାଇ ନେଇ ପଳାଇ ଯାଇଥିଲେ।ତୃତୀୟ ଘଟଣା ସହଦେବଖୁଣ୍ଟା ଥାନା ଅଞ୍ଚଳରେ ଘଟିଥିଲା। ନୂଆବଜାର ବୟାଙ୍କ କଲୋନିର ସରତରାଣୀ ପାଣିଗ୍ରାହୀ (୬୪) ବ୍ୟାଙ୍କ କାମରେ ଦର୍ଜିପୋଖରୀ ଛକକୁ ଯାଇଥିଲେ। ଦିନ ୧୦ଟା ୧୫ ସମୟରେ ଦୁଇଜଣ ଅଜଣା ଯୁବକ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନା ଚେନ୍ ଛିଣ୍ଡାଇ ପଳାଇ ଯାଇଥିଲେ । ଏଥିରେ ଗୋଟିଏ ଗ୍ୟାଙ୍ଗ୍ ଜଡ଼ିତ ଥିବା ସନ୍ଦେହ କରାଯାଉଛି। ସମସ୍ତ ଘଟଣାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ପୁଲିସ ବିଭିନ୍ନ ସ୍ଥାନରେ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇ ତଦନ୍ତ ଜାରି ରଖିଛି।

## ଧାନ ଉଷା ଚୁଲିରେ ପଡ଼ି ଶିଶୁ ଗୁରୁତର

ବାଲେଶ୍ୱର,(ସବ୍ୟୁ): ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଅଧୀନ ବରଡ଼ିହା ପଞ୍ଚାୟତର ରଙ୍ଗାମାଟିଆ ଗ୍ରାମର ରବୀନ୍ଦ୍ର ସିଂଙ୍କ ପୁଅ ଶୁଭଙ୍କର (୮)ଜଳୁଥିବା ଚୁଲିରେ ପଡ଼ି ଗୁରୁତର ଆହତ ହୋଇଛି । ଶୁକ୍ରବାର ସକାଳ ୯ଟା ସମୟ ରେ ରବୀନ୍ଦ୍ରଙ୍କ ପତ୍ନୀ ପଞ୍ଚମୀ ଚୁଲିରେ ଧାନ ସିଝାଇଥିଲେ। ଧାନସିଝା ସରିବା ପରେ ନିଆଁ ଥିବା ଚୁଲିଟି ଖାଲି ପଡିଥିଲା। ଏହି ସମୟରେ ଘରେ ଖେଳୁଥିବା ଶୁଭଙ୍କର ଅସାବଧାନତା ବଶତଃ ଚୁଲିରେ ପଡ଼ିଯାଇଥିଲା। ପରିବାର ଲୋକେ ପିଲାଟିକୁ ଉଦ୍ଧାର କରି ପ୍ରଥମେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ପୁଣି ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

## ଶ୍ରୀରାମ ସେନାର ବିଶାଳ ଶୋଭାଯାତ୍ରା

ସୋର,(ସବ୍ୟୁ): ପବିତ୍ର ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେଶୁକ୍ରବାର ପୂର୍ବାହ୍ନ ୧୧ ଘଟିକା ସମୟରେ ସୋର ଷ୍ଟକ୍ଟର ପଡ଼ିଆଠାରୁ ଶ୍ରୀରାମ ଲାଲଙ୍କ ୧୮ଟି ସୁସଜ୍ଜିତ ମେଢ଼ ସହିତ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ହାଇସ୍କୁଲଛକ, ବାମ୍ପିଛକ, କସିପୋଲ, ଛତ୍ରପୁର ଛକ, ଅଡ଼ଙ୍ଗ ବଜାର, ଅନନ୍ତପୁର ଛକ ଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଏହି ୧୦ଘଣ୍ଟିଆ ଶୋଭାଯାତ୍ରାରେ ୧୦ ହଜାରରୁ ଅଧିକ ପୁରୁଷ ମହିଳା ଶ୍ରଦ୍ଧାଳୁ ଯୋଗଦେଇ ଗୀତ, ବାଦ୍ୟ ନୃତ୍ୟର ତାଳେତାଳେ ଶ୍ରୀରାମଙ୍କ ଗାଥା ଗାନ କରିବାର ଅପୂର୍ବ ଦୃଶ୍ୟ ପ୍ରଦର୍ଶନ କରିଥିଲେ। ଏହି ସମୟରେ ରଙ୍ଗ ଅଭିରରେ ଗୈରିକମୟ ହୋଇଯାଇଥିଲା ସମଗ୍ର ସହର। ଏହି କାର୍ଯ୍ୟକ୍ରମରେ ସୋର ବିଧାୟକ ମାଧବ ଧଡ଼ା, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ବିଧାୟକ ପର୍ଶୁରାମ ଧଡ଼ା, ଜିଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଯୋଗଦେଇଥିଲେ। ଏହି କାର୍ଯ୍ୟକମକୁ ଶ୍ରୀରାମ ସେନାର ସଭାପତି ପ୍ରହଲ୍ଲାଦ ସାହୁ , ସମ୍ପାଦକ ମନିଷ ଗୁପ୍ତା, ମନୋରଂଜନ ଧଡ଼ା, ବିଷ୍ଣୁ ଚରଣ ପଣ୍ଡା, କାହ୍ନୁ ଚରଣ ବେହେରା, ସୁଶୀଲ ଝୁନଝୁନୱାଲା, ଅଭିଷେକ ଗୁପ୍ତା,ସଂଗ୍ରାମ କେଶରୀ ମହାନ୍ତି, ଆଲୋକ ମହାନ୍ତି, ଗୁଗୁ ଦାସ, ଅଭିଷେକ ଅଗ୍ରୱାଲ, ନରେଶ ସି, ଦୀନବନ୍ଧୁ ଦାସ, କାହ୍ନୁ କର, ଲକ୍ଷ୍ମୀଧର ମହାକୁଡ଼, ଦିଗନ୍ତ ସାହୁ, ଆତ୍ମପ୍ରକାଶ ମସ୍କରା, ରମାକାନ୍ତ ପଣ୍ଡା, ମୃତ୍ୟୁଞ୍ଜୟ ମହାପାତ୍ର ଓ ସୁଶାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଅଧିକ ଭଡା ଆଦାୟ ପ୍ରତିବାଦ : ୩୧ରେ ବସ୍‌ରୋକ

ତିହିଡି,(ସବ୍ୟୁ): :ଭଦ୍ରକ-ଚାନ୍ଦବାଲି ରାସ୍ତାରେ ଚଳପ୍ରଚଳ କରୁଥିବା ଘରୋଇ ବସ୍ ଗୁଡିକ ଯାତ୍ରୀମାନଙ୍କ ଠାରୁ ଅଧିକ ଭଡା ଆଦାୟ କରୁଥିବା ନେଇ ବିଭିନ୍ନ ସମୟରେ ପ୍ରତିବାଦ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଶେଷରେ ଆସନ୍ତା ୩୧ ତାରିଖ ଦିନ ତିହିଡିରେ ବସ୍‌ରୋକ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏ ସଂପର୍କରେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି । ତିହିଡି ଜନସାଧାରଣ ଅଧିକାର ମଞ୍ଚ ପକ୍ଷରୁ ଏହି ଡାକରା ଦିଆଯାଇଥିବା ବେଳେ ଏଥିରେ ସମସ୍ତେ ସହଯୋଗ କରିବାକୁ ନିବେଦନ କରାଯାଇଛି । ଅଧିକ ବସଭଡା ଆଦାୟ ନେଇ ଗତ ୦୧-୦୭-୨୫ରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ସେ ଏହାର ତଦାରଖ ପାଇଁ ଆଞ୍ଚଳିକ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଏଥିରେ କୌଣସି ସୁଫଳ ନ ମିଳିବାରୁ ଗତ ୨୪-୧୧-୨୫ରେ ବସ୍ ବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଥିଲା । ମାତ୍ର ତିହିଡି ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ହସ୍ତକ୍ଷେପ ଯୋଗୁଁ ବସ୍ ମାଲିକ ଓ ତିହିଡିର ଜନସାଧାରଣଙ୍କ ମଧ୍ୟରେ ହୋଇଥିବା ଆଲୋଚନା ପରବର୍ତ୍ତୀ ସମୟରେ କାର୍ଯ୍ୟକାରୀ କରା ନଯିବାରୁ ଆସନ୍ତା ୩୧ରେ ବସରୋକ ନିଷ୍ପତ୍ତି ନିଆଯାଇଛି । ବସର ପ୍ରକାରଭେଦ ଅନୁଯାୟୀ ସରକାରୀ ଧାର୍ଯ୍ୟ ମୁତାବକ ରେଟ ଚାର୍ଟ ଲଗାଯିବା, ବସ କର୍ମଚାରୀମାନେ ଯାତ୍ରୀଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା, ମନଇଚ୍ଛା ଭଡା ଆଦାୟ ବନ୍ଦ କରିବା, ପ୍ରତ୍ୟେକ ଯାତ୍ରୀଙ୍କ ଗାଡି ନମ୍ବର ପକାଇ ଟିକେଟ ପ୍ରଦାନ କରିବା, ପରିମିଟ ନଥିବା ବସଗୁଡିକୁ ଚଳପ୍ରଚଳ କରିବାକୁ ଦିଆନଯିବା, ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ନିୟମିତ ଭାବେ ଗାଡି ଯାଞ୍ଚ କରାଯିବା ଆଦି ଦାବିରେ ଏହି ବସରୋକ କରାଯିବ ବୋଲି ସୂଚନା ଦିଆଯାଇଛି।

# ମହିଳା ଚାଲାଣ ପ୍ରତିରୋଧ ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା

ବାଲେଶ୍ୱର,(ସବ୍ୟୁ) :ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ରାଜ୍ୟ ମହିଳା ଆୟୋଗ ମିଳିତ ଆନୁକୂଲ୍ୟରେ ମହିଳା ଚାଲାଣ ପ୍ରତିରୋଧ ସମ୍ପର୍କିତ ଜିଲ୍ଲା ସ୍ତରୀୟ ଏକ ଦିବସୀୟ କର୍ମଶାଳା ଗାନ୍ଧୀ ସ୍ମୃତି ଭବନ ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳା ଓଡ଼ିଶା ରାଜ୍ୟ ମହିଳା ଆୟୋଗ, ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ସମ୍ପାଦନ ହୋଇଥିଲା । ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗ ଦେଇଥିଲେ । ତାଙ୍କ ସହିତ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଡ. ମଧୁସ୍ମିତା ସାମନ୍ତରାୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନିରଞ୍ଜନ ବେହେରା (ରିସର୍ଭ ପରସନ), ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଜେଯାସ୍ନା ମହାନ୍ତି, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧିକାରୀ, ପୋଲିସ ଉପ ଅଧୀକ୍ଷକ(ମାନବ ଚାଲାଣ ବିରୋଧୀ ୟୁନିଟ୍), ବ୍ଲକ୍ ଅଧ୍ୟକ୍ଷ/ ଅଧ୍ୟକ୍ଷା ଏବଂ ପରିଷଦ ସଦସ୍ୟ/ ସଦସ୍ୟାଙ୍କ ସମେତ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ହୋଇ ମହିଳା ଚାଲାଣ ଶବ୍ଦଟି ଆମ ସମାଜର ମୂଲ୍ୟବୋଧ ଓ ମାନବିକତାକୁ କ୍ଷୁର୍ଣ୍ଣ କରିଥାଏ। ଏହା ବିଶେଷକରି ଗ୍ରାମାଞ୍ଚଳରେ ବସବାସ କରୁଥିବା ଆର୍ଥିକ ଦୁର୍ବଳ ଏବଂ ଦରିଦ୍ର ଶ୍ରେଣୀ, ଅଶିକ୍ଷିତ ଓ ବେକାରୀ ମହିଳାମାନେ ଏହାର ଅଧିକ ଶିକାର ହୋଇଥାନ୍ତି। ଏହାକୁ ରୋକିବା ପାଇଁ ସରକାର ଆଇନ ଦ୍ୱାରା ବ୍ୟାପକ ବ୍ୟବସ୍ଥା କରିଛନ୍ତି, ମାତ୍ର ଏହା ଖାଲି ଆଇନ୍ ବ୍ୟବସ୍ଥା ଉପରେ ନିର୍ଭର କଲେ ହେବ ନାହିଁ ବରଂ ମହିଳା ମାନଙ୍କର ସୁରକ୍ଷା ଓ ସମ୍ମାନକୁ ସୁନିଶ୍ଚିତ କରାଇବାକୁ ହେଲେ, ଆମେ ସମସ୍ତେ ମିଶି ସଚେତନ ହେବା ସଂଗେ ସଂଗେ ପ୍ରଶାସନିକ ସେବା ମାଧ୍ୟମରେ ତୃଣମୂଳ ସ୍ତରରେ ସମସ୍ତଙ୍କୁ ସଚେତନ କରାଇବା ଆବଶ୍ୟକ, ତେବେ ନିଶ୍ଚିତ ଭାବେ ଏହି ଅପରାଧକୁ ରୋକାଯାଇପାରିବ ବୋଲି ଅତିଥିମାନେ ମନ୍ତବ୍ୟ ରଖିଥିଲେ। ଉକ୍ତ କର୍ମଶାଳାକୁ ବିଶେଷ ଉଦବୁଦ୍ଧ କରିବା ନିମନ୍ତେ ଜିଲ୍ଲାର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପର୍ଯ୍ୟବେକ୍ଷକ, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ, ସରପଞ୍ଚ, ୱାର୍ଡମେମ୍ବର,ସମିତି ସଭ୍ୟ/ସଭ୍ୟା, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, କିଶୋରୀ ବାଳିକା ଓ ଅନ୍ୟ ମହିଳାମାନଙ୍କ ସହିତ ଜିଲ୍ଲା ମହିଳା ସଶକ୍ତିକରଣ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ପ୍ରକଳ୍ପ ସଂଯୋଜକ (ମମତା) ବାମଦେବ ପାଣିଗ୍ରାହୀ ମଞ୍ଚ ସଂଚାଳନ କରିଥିଲେ। ସର୍ବଶେଷରେ ମହିଳା କମିଶନ ସଦସ୍ୟ ଅରବିନ୍ଦ ପଟ୍ଟନାୟକ ଉପସ୍ଥିତ ସମସ୍ତ ସମ୍ମାନିତ ବ୍ୟକ୍ତି ବିଶେଷ ଓ ଅଂଶଗ୍ରହଣକାରୀମାନଙ୍କୁ ଧନ୍ୟବାଦ ଜ୍ଞାପନ କରି କର୍ମଶାଳାକୁ ଉଦଯାପିତ କରିଥିଲେ।

# ରାମ ନବମୀରେ ବାଇକ୍ ଶୋଭାଯାତ୍ରା



ଠାକୁରମୁଣ୍ଡା,(ସବ୍ୟୁ) :ଠାକୁରମୁଣ୍ଡାରେ ରାମନବମୀ ମହାସମାରୋହରେ ପାଳିତ ହୋଇଯାଇଛି ।ବଜାରରେ ଥିବା ହନୁମାନ ମୂର୍ତ୍ତି ନିକଟରେ ପୂଜାର୍ଚ୍ଚନା ପରେ ଶହ ଶହ ରାମ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା ।ଅପରାହ୍ନରେ ବାଇକ ଶୋଭାଯାତ୍ରା ସହିତ ଡିଜେ ବଜାଇ ବଜାର ପରିକ୍ରମା କରାଯାଇଥିଲା। ରାମନବମୀ ଅବସରରେ ପୁରା ଠାକୁରମୁଣ୍ଡା ବଜାରକୁ ଗେରୁଆ ପତାକା ଏବଂ ହନୁମାନ ଝଣ୍ଡାରେ ପରପୂର୍ଣ୍ଣ କରାଯାଇଥିବା ଦେଖିବାକୁ ମିଳିଥିଲା। ସମ୍ପୂର୍ଣ୍ଣ ଶାନ୍ତି, ଶୃଙ୍ଖଳାରେ ଶେଷ ହୋଇଛି ରାମନବମୀ କାର୍ଯ୍ୟକ୍ରମ ।ଏହି କାର୍ଯ୍ୟକ୍ରମ ରେ କର୍ତ୍ତା ଭାବେ ଧରଣୀଧର ଦାଶ, ପୂଜକ ଚିନ୍ମୟୀ ମିଶ୍ର, ସହଯୋଗ ପ୍ରଦୀପ ପ୍ରଧାନ, ନନ୍ଦ ବାରିକ, ଅବିନାଶ ସାହୁ, ମନୋରଞ୍ଜନ ମହାନ୍ତ,ରତିକାନ୍ତ ବୈଦ୍ୟ,ଜଗା ମହାନ୍ତ, ଶିବ ମହାନ୍ତ, ସୁଭେନ୍ଦୁ ବାରିକ, କ୍ଷିତିଶ ରଞ୍ଜନ ଦାଶ, ବିକ୍ରମ ଦତ୍ତ, ସୁବ୍ରତ ନାୟକ, ସୁଜିତ ବାଗସିଂ, ଜନ୍ମେଜୟ ମହାନ୍ତ, ବାପୁନ ମହାନ୍ତ, ପ୍ରଫୁଲ୍ଲ ମହାନ୍ତ, ଉପେନ୍ଦ୍ର ମହାନ୍ତ,ଙ୍କ ସମେତ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ଯୋଗଦେଇ ଭକ୍ତ ମାନଙ୍କୁ ପ୍ରସାଦ ବଣ୍ଟନ କରିଥିଲେ।

# ନାଇସ ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ



ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅନ୍ତର୍ଗତ ନଡପୁର ଗ୍ରାମ ପଞ୍ଚାୟତ ଅଧିନସ୍ଥ ଖୁଣ୍ଟାରେ ନାଇସ ପବ୍ଲିକ ସ୍କୁଲରେ ବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଅଧ୍ୟକ୍ଷ ଡଃ ଅରୁଣ କୁମାର ସେନାପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ ନୃତ୍ୟ ପରିବେଷଣ କରାଯାଇ ଅତିଥିବୃନ୍ଦଙ୍କୁ ସ୍ୱାଗତ କରାଯାଇଥିଲା । ସନ୍ତୋଷ କୁମାର ଖଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପୁରୋଧା ନିତ୍ୟାନନ୍ଦ ସାହୁ ବିଦ୍ୟାଳୟର କାର୍ଯ୍ୟକଳାପ ବର୍ଣ୍ଣନା କରିଥିଲେ । ମୁଖ୍ୟ ଅତିଥି ଭାବରେ ଗରୁଡ଼ ବସା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ତୁଷାର କାନ୍ତ ମହାପାତ୍ର , ମୁଖ୍ୟ ବକ୍ତା ଭାବେ ରାଇକମା ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ , ସମ୍ମାନୀୟ ଅତିଥି ଭାବେ ବେତନଟୀ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷା ସଞ୍ଜୁକ୍ତା ଜୀ , ନଡପୁର ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ର, , ବିଷ୍ଣୁଚରଣ ସାହୁ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ , ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦଗୋସ୍ୱାମୀ , ଅବସର ପ୍ରାପ୍ତ ଅଧ୍ୟାପକ ସନ୍ତୋଷ କୁମାର ପାଣି, ବୈଶିଙ୍ଗା ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟ ଅଧ୍ୟାପକ ସୁବାସ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ଛାତ୍ର ଛାତ୍ରୀ ଶିକ୍ଷକ ଓ ଅଭିଭାବକ ମଧ୍ୟରେ ସମନ୍ୱୟ ରହିଲେ ଛାତ୍ର ଛାତ୍ରୀ ଭବିଷ୍ୟତରେ ଭଲ ମଣିଷ ହୋଇପାରିବେ ବୋଲି ଅତିଥି ବୃନ୍ଦ ମତବ୍ୟକ୍ତ କରିବା ସହିତ ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତା କର୍ଷକ ନୃତ୍ୟ , ସଙ୍ଗୀତ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରାବଣୀ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ । ସର୍ବଶେଷରେ କୃପାଞ୍ଜନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭ୍ୟାଲିଡେସନ ବିଲ୍ ପ୍ରତ୍ୟାହାର ପାଇଁ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର

ଭଦ୍ରକ,(ସବ୍ୟୁ): ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ଉଦୟ ନାଥ ମହାନ୍ତି, ସାଧାରଣ ସଂପାଦକ ପ୍ରଭାକର ମଲ୍ଲିକଙ୍କ ନେତୃତ୍ୱରେ ଯୁଗ୍ମ ସଂପାଦକ ଅଜିତ କୁମାର ନାୟକ, ହିସାବ ସମୀକ୍ଷକ ମୁକ୍ତିକାନ୍ତ ମହାପାତ୍ରଙ୍କ ସଂଯୋଜନା ଓ ପରିଚାଳନାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ୨୦୨୫ ମସିହାରେ ଭ୍ୟାଲିଡେସନ ବିଲ୍ ପ୍ରତ୍ୟାହାର ପାଇଁ ପ୍ରଧାନ ମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ଭଦ୍ରକ ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଦାନ କରା ଯାଇଅଛି। ଏହି ଭ୍ୟାଲିଡେସନ ବିଲ୍ ଯୋଗୁଁ କେନ୍ଦ୍ର ସରକାର ଓ ଭାରତବର୍ଷର ସମସ୍ତ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟକରି ସେବା ନିବୃତ୍ତ ସମସ୍ତ କର୍ମଚାରୀ ଅଷ୍ଟମ ବେତନ କମିଶନରେ ପୂର୍ବବେତନ କମିଶନ ଭଳି ପେନ୍‌ସନ ଅଭିବୃଦ୍ଧିରୁ ବଞ୍ଚିତ ହେବେ। ଏହି ଆଇନ ବଳରେ ୨୦୨୬ ମସିହା ପୂର୍ବରୁ ଅବସର ନେଇଥିବା ଭାରତର ସମସ୍ତ ବର୍ଗ ଓ ପ୍ରକାରର କର୍ମଚାରୀ ପେନ୍‌ସନ ଅଭିବୃଦ୍ଧି ଅର୍ନ୍ତଭୁକ୍ତ ହୋଇ ପାରିବେ ନାହିଁ। ଦରଦାମ ବୃଦ୍ଧି, ଜୀବନ ଜୀବିକା ନିର୍ବାହ ପାଇଁ ଲିଭିଙ୍ଗ୍ କଷ୍ଟ ବୃଦ୍ଧି ଦୃଷ୍ଟେ ବେତନ କମିଶନ ବେତନ ବୃଦ୍ଧିପାଇଁ ଫିଟ୍‌ମେଣ୍ଟ ବ୍ୟବସ୍ଥା କରାଇ ସରକାରଙ୍କୁ ପ୍ରଦାନ କରି ଥାଆନ୍ତି। ମାତ୍ର ଉପରୋକ୍ତ ଭ୍ୟାଲିଡେସନ ଆକ୍ଟ କେନ୍ଦ୍ର ସରକାର ପାରିତ କରାଇଥିବାରୁ ଅଷ୍ଟମ ବେତନ କମିଶନ୍ ୨୦୨୬ ମସିହା ପୂର୍ବରୁ ଅବସରପ୍ରାପ୍ତ କର୍ମଚାରୀଙ୍କର ପେନ୍‌ସନ୍ ଅଭିବୃଦ୍ଧି ତାଙ୍କର ଫିଟ୍‌ମେଣ୍ଟରେ ଅର୍ନ୍ତଭୁକ୍ତ କରାଇବେ ନାହିଁ। ଯାହାଫଳରେ ଦୀର୍ଘ ବର୍ଷଧରି ଭାରତବର୍ଷରେ ସେବା ଯୋଗାଇ ଅବସରପ୍ରାପ୍ତ ସମସ୍ତ ସରକାରୀ କର୍ମଚାରୀଙ୍କ ନ୍ୟାଯ୍ୟଦାବୀ ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ପୂର୍ବ ରାୟକୁ ବିଚାରକୁ ନ ନେଇ ଅନ୍ତରାୟ ସୃଷ୍ଟି କରିଛି। ସର୍ବଭାରତୀୟ ଷ୍ଟେଟ୍ ପେନ୍‌ସନରସ୍ ଫେଡ଼େରସନ ଓ ରାଜ୍ୟ ପେନ୍‌ସନ୍‌ରସ୍ ଫେଡ଼େରସନ୍‌ର ସର୍ବ ସମ୍ମତି ନିଷ୍ପତ୍ତି କ୍ରମେ ଭାରତର ସମସ୍ତ ରାଜ୍ୟର ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କୁ ପ୍ରେରିତ ସ୍ମାରକ ପତ୍ରରେ ଏକବର୍ଷ ପୂର୍ବେ ୨୦୨୫ ମସିହା ଭ୍ୟାଲିଡ଼େସନ୍ ଆକ୍ଟ ପ୍ରତ୍ୟାହାର ସହ ୨୦୨୬ ମସିହା ପୂର୍ବରୁ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପେନ୍‌ସନ୍ ଅଭିବୃଦ୍ଧି ପାଇଁ ଅଷ୍ଟମ ବେତନ କମିଶନଙ୍କୁ ନିର୍ଦ୍ଦେଶ ପ୍ରଦାନ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଉଲ୍ଲେଖ କରା ଯାଇଅଛି। କାର୍ଯ୍ୟକ୍ରମରେ ମଦନ ମୋହନ ନାୟକ, ରମାକାନ୍ତ ନାୟକ, ରମେଶ ଚନ୍ଦ୍ର ଦାସ, ଆଦିତ୍ୟକୁମାର ନାୟକ, ଅରୁଣ ମିତ୍ର, ବାଳକୃଷ୍ଣ ସେନାପତି, ପ୍ରଦୀପ୍ତ କୁମାର ଦାସ, ଶମ୍ଭୁନାଥ ପାଣିଗ୍ରାହୀ, ଇଂ ସୁରେନ୍ଦ୍ର ପ୍ରସାଦ ଦାସ, ଦୟାନିଧି ରାଉଳ, ପୁରୁଷୋତ୍ତମ ନନ୍ଦୀ, ବାଇଧର ମହାପାତ୍ର, ବାବୁଲା ରାଉତ, ଅଶୋକ ମହାପାତ୍ର ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।

**(ଶ୍ରୀମଦ୍‌ଭଗବଦ୍ ଗୀତା ୨/୬୯)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତି ସଂଯମୀ ।**
**ଯସ୍ୟାଂ ଜାଗ୍ରତି ଭୂତାନି ସା ନିଶା ପଶ୍ୟତୋ ମୁନେଃ ॥ ୬୯ ॥**

ଅଜ୍ଞାନାନ୍ଧକାରରେ ଆଚ୍ଛନ୍ନ ବ୍ୟକ୍ତିର ଯାହା ( ଆତ୍ମଜ୍ଞାନ) ନିଶାପରି (ଅପ୍ରକାଶ), ସେଥିରେ ଜିତେନ୍ଦ୍ରିୟ ବ୍ୟକ୍ତି ଜାଗରିତ ଥାଆନ୍ତି, ଯହିଁରେ (ବିଷୟନିଷ୍ଠାରେ) ଅଜ୍ଞାନାନ୍ଧ ଜୀବମାନେ ଜାଗରିତ ଥାଆନ୍ତି, ଆତ୍ମଦର୍ଶୀ ଜିତେନ୍ଦ୍ରିୟ ମୁନି ପକ୍ଷରେ ତାହା (ବିଷୟନିଷ୍ଠା) ରାତି ପରି ଅପ୍ରକାଶ । ॥୬୯॥

# ସ୍ୱରାଷ୍ଟ୍ର ବିଭାଗ ଶ୍ୱେତପତ୍ରରେ ସଫଳତା

ଗତ ମାର୍ଚ୍ଚ ୨୫ ତାରିଖରେ (୨୦୨୬) ଓଡ଼ିଶା ବିଧାନସଭାରେ ସ୍ୱରାଷ୍ଟ୍ର (Home Department)ର ଶ୍ୱେତପତ୍ର ପ୍ରକାଶ ପାଇଛି । ଗତ ୨୦୨୫ ବର୍ଷ ପାଇଁ ବିଧାନସଭାରେ ଏହି ଶ୍ୱେତପତ୍ର ଗତାନୁଗତିକ ଧାରାରେ ଉପସ୍ଥାପନ କରାଯାଇଥିଲେ ମଧ୍ୟ ଏହାର ଗୁରୁତ୍ୱକୁ ବିଧାୟକମାନେ ଉପଲବ୍ଧି କରୁ ନାହାନ୍ତି ବୋଲି ମନେ ହେଉଛି ।

ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ବିଶେଷ ଉନ୍ନତି ଗତ ୨୦୨୪ ମସିହାରେ ହୋଇ ନଥିଲା । ବିଗତ ସରକାରଙ୍କର ଅବସ୍ଥା ଦେଖି ଲୋକେ ୨୦୨୪ ସାଧାରଣ ନିର୍ବାଚନରେ ପରିବର୍ତ୍ତନ ଚାହିଁଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସବ୍‌କା ସାଥ୍, ସବ୍‌କା ବିଶ୍ୱାସ, ସବ୍‌କା ବିକାଶ' ପ୍ରଭୃତି ସ୍ଲୋଗାନ ଲୋକଙ୍କୁ ମନକୁ ଛୁଇଁଲା । ଏପରି ପରିବର୍ତ୍ତନ ଯୋଗୁଁ ବିଗତ ନିର୍ବାଚନରେ ବିଜେଡି ସରକାର ସଂଖ୍ୟା ଗରିଷ୍ଠତା ଲାଭ କରି ସରକାର ଗଢ଼ି ପାରିଲେ ନାହିଁ । ଏପରିକି ୨୧ଟି ଲୋକସଭା ଆସନରୁ ଜଣେ ହେଲେ ବିଜେଡି ପ୍ରାର୍ଥୀ ଜିତି ପାରିଲେ ନାହିଁ । ନିକଟରେ ହୋଇଥିବା ରାଜ୍ୟସଭା ନିର୍ବାଚନରେ ଖାଲି ପଡ଼ିଥିବା ଚାରିଗୋଟି ଆସନ ମଧ୍ୟରୁ ସରକାର ଗଢ଼ିଥିବା ବିଜେପି ଦଳ ଦୁଇଟି ଆସନରୁ ଜିତିଲେ ଏବଂ ଅନ୍ୟ ଗୋଟିଏ ଆସନରୁ ବିଜେପି ସମର୍ଥିତ ଜଣେ ସ୍ୱାଧୀନ ପ୍ରାର୍ଥୀ ଜୟଯୁକ୍ତ ହୋଇଥିଲେ । କିନ୍ତୁ ମୋହନଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ଏକାକୀ ଯେଉଁ ସରକାର ଗଢ଼ିଛି, ସେ ସରକାର ଦୁଇ ବର୍ଷ ଛୁଇଁବାକୁ ବସିଲାଣି । ଅଥଚ ଆଇନ ଶୃଙ୍ଖଳା ପରିସ୍ଥିତିରେ ବିଶେଷ ଉନ୍ନତି ପରିଲକ୍ଷିତ ହୋଇ ପାରି ନାହିଁ । ଶ୍ୱେତପତ୍ରରେ ସରକାର ସାଫଲ୍ୟର ଚିତ୍ର ଦେଇଥିଲେ ମଧ୍ୟ ତାହା ସାଧାରଣ ଜନତାଙ୍କୁ ସନ୍ତୁଷ୍ଟ କରି ପାରି ନାହିଁ । ରାଜ୍ୟ ସରକାର ମଧ୍ୟ ଏ କ୍ଷେତ୍ରରେ ଜନସାଧାରଣଙ୍କ ସହଯୋଗ ଉପରେ ଭରସା ରଖିଛନ୍ତି ।

**ଏବେ ବି ରାଜଧାନୀ ଭୁବନେଶ୍ୱର ସୁରକ୍ଷିତ ନୁହେଁ । ଖାଲି ଭିଆଇପି ବା ଭିଭିଆଇପିଙ୍କୁ ସୁରକ୍ଷା ଦେଇ ଆସୁଥିଲେ ମଧ୍ୟ ପୋଲିସ ବରିଷ୍ଠ ନାଗରିକ, ନିରୀହ ମହିଳା, ନିରୀହ ଜନସାଧାରଣ ବା ନିରୀହ ଶିଶୁଙ୍କୁ ସୁରକ୍ଷା ଦେଇ ପାରୁ ନାହିଁ ।**

ଏବେ ବି ରାଜଧାନୀ ଭୁବନେଶ୍ୱର ସୁରକ୍ଷିତ ନୁହେଁ । ଖାଲି ଭିଆଇପି ବା ଭିଭିଆଇପିଙ୍କୁ ସୁରକ୍ଷା ଦେଇ ଆସୁଥିଲେ ମଧ୍ୟ ପୋଲିସ ବରିଷ୍ଠ ନାଗରିକ, ନିରୀହ ମହିଳା, ନିରୀହ ଜନସାଧାରଣ ବା ନିରୀହ ଶିଶୁଙ୍କୁ ସୁରକ୍ଷା ଦେଇ ପାରୁ ନାହିଁ । ନିକଟରେ ମଞ୍ଚେଶ୍ୱର ଥାନା ଅଧୀନରେ ରହୁଥିବା ବରିଷ୍ଠ ନାଗରିକ ଦମ୍ପତିଙ୍କ ଘରକୁ ଦୁଇଜଣ ଜବରଦଖଲକାରୀ ମାସ ମାସ ଧରି ନିଜ ଦଖଲରେ ରଖି ସେମାନଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଉଥିବା ବା ବ୍ଲାକମେଲ କରି ଆସୁଥିବା ଘଟଣାରେ ପୋଲିସ କିଛି କରି ପାରୁନାହିଁ । ଜଣେ ଆଡିସନାଲ ପୋଲିସ କମିଶନର ଓ ଥାନାଧିକାରୀଙ୍କ ନିର୍ଦ୍ଦେଶକୁ ଜଣେ ସବ୍ ଇନ୍ସପେକ୍ଟର ଅମାନ୍ୟ କରି ଆସିଥିବାରୁ ବରିଷ୍ଠ ନାଗରିକ ଦମ୍ପତି ନ୍ୟାୟ ପାଇ ପାରୁ ନଥିବା ଅଭିଯୋଗ ହୋଇଛି ।

ସାଇବର ପ୍ରଶିକ୍ଷଣ ଦେବା ସତ୍ତ୍ୱେ ସାଇବର ଅପରାଧୀଙ୍କ ବିରୋଧରେ ପୋଲିସ ବିଶେଷ କିଛି କାର୍ଯ୍ୟାନୁଷ୍ଠାନ କରି ପାରୁ ନାହିଁ । କମ୍ପ୍ୟୁଟର ଜ୍ଞାନ କୌଶଳ ଜାଣିଥିବା ଅନେକ ଶିକ୍ଷିତ ଓ ବେକାର ପିଲାଙ୍କୁ ରାଜ୍ୟ ସରକାର ଏ ସବୁ କାମରେ ଲଗାଇ ପାରିଲେ କିଛିଟା ସାଇବର ଅପରାଧ ହ୍ରାସ ପାଇ ପାରନ୍ତା ବୋଲି ମନେ ହେଉଛି ।

ସେହିପରି ରାଜଧାନୀ ଭୁବନେଶ୍ୱରରେ ଜନସଂଖ୍ୟା ଓ ଗାଡ଼ି ମୋଟର ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ଅନ୍ୟ ରାଜ୍ୟର ବଡ଼ ବଡ଼ ସହରରେ ଥିବା ରାସ୍ତା ପରି ଭୁବନେଶ୍ୱର ଅଧିକ ଚଉଡା ରାସ୍ତା କରାଯାଇ ପାରୁ ନାହିଁ । ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ଓ ଦୋକାନକୁ ଆସୁଥିବା ଗ୍ରାହକମାନେ ଗାଡ଼ିର ପାର୍କିଂ ସ୍ଥାନ ନଥିବାରୁ ସେମାନେ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ପ୍ରତ୍ୟେକ ଲୋକଙ୍କ ଘରେ ଏକାଧିକ ଗାଡ଼ି ମୋଟର । ବ୍ୟାଙ୍କ ଋଣ ଯୋଗୁଁ ସହଜରେ ଗାଡ଼ି ମିଳି ପାରୁଛି । ଅନେକଙ୍କ ପାଇଁ ଯଥେଷ୍ଟ ସଂଖ୍ୟାରେ 'ଆମ ବସ୍' ନାହିଁ । ଟେକ୍ସି ଓ ଅଟୋ ରିକ୍ସା ଚାଳକଙ୍କୁ ଅତ୍ୟଧିକ ଭଡ଼ା ଦେବା ସାଧାରଣ ଲୋକଙ୍କ ପକ୍ଷେ ସହଜ ନୁହେଁ । 'ଉବେର', 'ଓଲା' ଓ 'ରାପିଡୋ' ଅନେକ ସମୟରେ ଯାତ୍ରୀଙ୍କୁ ସୁବିଧା ଦେଉନାହାନ୍ତି । କୋଲକାତାର ହାୱଡା ଷ୍ଟେସନ ପରି ପୋଲିସ ବିଭାଗ ନିୟନ୍ତ୍ରଣରେ ଟେକ୍ସି ଚାଲିଲେ କିଛି ଅସୁବିଧା ହୁଅନ୍ତା ନାହିଁ । ପୁରୀ ଓ କଟକ ସହରରେ ମଧ୍ୟ ଦେଖା ଯାଉଥିବା ଟ୍ରାଫିକ ଅବ୍ୟବସ୍ଥା ସମ୍ପର୍କରେ ବେଶୀ କିଛି କୁହା ନ ଯାଉ ।

ଏବେ ଆମେ ସୂଚନା ଓ ଇଣ୍ଟରନେଟ ଯୁଗରେ ଆସି ପହଞ୍ଚି ଥିଲେ ମଧ୍ୟ ରାସ୍ତା ଦୁର୍ଘଟଣା ହ୍ରାସ ପାଇ ପାରୁ ନାହିଁ । କେତେ ଲୋକ ଯେ ମୃତ୍ୟୁ ମୁଖରେ ପଡୁଛନ୍ତି ଆଉ କେହି କେହି ଆଂଶିକ ଭାବେ ଦୁର୍ଘଟଣାରେ ଆହତ ହୋଇ ବିକଳାଙ୍ଗ ମଧ୍ୟ ହେଉଛନ୍ତି । ମୂଲ୍ୟବାନ ଧନ ସମ୍ପତ୍ତି ମଧ୍ୟ ନଷ୍ଟ ହେଉଛି । ଏଥିପାଇଁ ଦାୟୀ କିଏ ? ଶିକ୍ଷିତ ପିଲାମାନଙ୍କୁ ରାଜଧାନୀରେ ଟ୍ରାଫିକ କାମରେ ସାମୟିକ ଭାବେ ତାଲିମ ଦେଇ ଲଗାଯାଇ ପାରନ୍ତା । ଅନ୍ୟପକ୍ଷରେ ଅବସରପ୍ରାପ୍ତ ପୋଲିସ ଅଧିକାରୀମାନଙ୍କ ଅଭିଜ୍ଞତାକୁ ଭିତ୍ତି କରି ସେମାନଙ୍କୁ ମଧ୍ୟ ଅପରାଧ ନିୟନ୍ତ୍ରଣ କାର୍ଯ୍ୟରେ ଲଗାଯାଇ ପାରନ୍ତା କିମ୍ବା ସେମାନଙ୍କ ପରାମର୍ଶ ଲୋଡାଯାଇ ପାରନ୍ତା । କେବଳ ଶ୍ୱେତପତ୍ରରେ ବର୍ଣ୍ଣିତ ସଫଳତା ପ୍ରକୃତ ସଫଳତା ହୋଇ ନ ପାରେ । ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଅସ୍ମିତାର ଅସ୍ତିତ୍ୱ ବନାମ ଭାଷା ବିବାଦ



**ଡକ୍ଟର ସୁବ୍ରତ କୁମାର ପୃଷ୍ଟି**

ଦ୍ୱାଦଶତମ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଓଡ଼ିଆ ଭାଷାର ମହତ୍ତ୍ୱ ବିଷୟରେ ସୂଚାଇବାକୁ ଯାଇ ଓଡ଼ିଆ ଭାଷା ସଂସ୍କୃତ ଭାଷାରୁ ସୃଷ୍ଟି ବୋଲି କହିଥିଲେ । ଭାରତ ସରକାର ଓଡ଼ିଆ ଭାଷାକୁ ମୌଳିକ ତଥା ସଂସ୍କୃତଠାରୁ ପ୍ରାଚୀନ ଭାଷା ବୋଲି ଗ୍ରହଣ କରି ୨୦୧୪ ମସିହାରେ ରାଜପତ୍ରରେ ଏହା ଘୋଷଣା କରିଥିଲେ । ଓଡ଼ିଆ ଭାଷା ଉପରେ ବ୍ୟାପକ ଗବେଷଣାପାଇଁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ର ତଥା ଓଡ଼ିଆକୁ ଜ୍ଞାନ ଓ ବିକାଶର ଭାଷା ଭାବରେ ପ୍ରତିଷ୍ଠିତ କରାଇବା ଉଦ୍ଦେଶ୍ୟରେ ଗବେଷଣା ଓ ଭାଷାଭିତ୍ତିକ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଭ କଲା । ଏପରି ସ୍ଥଳେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତିଙ୍କ ମନ୍ତବ୍ୟ ଯେ ଓଡ଼ିଆ ଭାଷାର ଜନନୀ ସଂସ୍କୃତ ଆମକୁ ପୁଣି ଥରେ ଓଡ଼ିଆ ଭାଷାର ଭବିଷ୍ୟତ ବିଷୟରେ ଚିନ୍ତା କରିବାପାଇଁ ଅଙ୍ଗୁଳି ନିର୍ଦ୍ଦେଶ କରିଛି ।

କୌଣସି ଭାଷାର ପ୍ରାଚୀନତା ତିନୋଟି ସ୍ଥିତି ଉପରେ ନିର୍ଭରଶୀଳ, ଯଥା- ଲିଖିତ ଇତିହାସ, ଲିପି ଏବଂ ଭାଷା । ଭାଷାର ପ୍ରାଚୀନତା ଓ ସମୃଦ୍ଧି ଏହାର ଲିଖିତ ସାହିତ୍ୟ ଉପରେ ନିର୍ଭରଶୀଳ । ଭାରତୀୟ ଭାଷାମାନଙ୍କ ମଧ୍ୟରେ ସଂସ୍କୃତ, ତାମିଲ ଓ ଓଡ଼ିଆକୁ ତୁଳନା କଲେ ଭାଷାର ପ୍ରାଚୀନତା ନିମନ୍ତେ ଓଡ଼ିଆ ଭାଷାର ଯେତିକି ପ୍ରତ୍ନତାତ୍ତ୍ୱିକ ଓ ଐତିହାସିକ ପ୍ରମାଣ ରହିଛି, ତାହା ଅନ୍ୟ ଦୁଇ ଭାଷାରେ ଦେଖିବାକୁ ବିରଳ । ଆଧୁନିକ କାଳରେ ଓଡ଼ିଆ ଭାଷାର ସର୍ବପ୍ରଥମ ବୈଜ୍ଞାନିକ ବିଶ୍ଳେଷଣ କରି ଏହାର ମହତ୍ତ୍ୱ ଓ ପ୍ରାଚୀନତା ସମ୍ପର୍କରେ ଜନ୍ ବିମ୍‌ସ ଲେଖିଥିଲେ -' ଓଡ଼ିଆ ହେଉଛି ସ୍ଥିର ଓ ବ୍ୟବସ୍ଥିତ ଭାଷା' । ଭାରତୀୟ ଭାଷା ସର୍ବେକ୍ଷଣ ଗ୍ରନ୍ଥର ପଞ୍ଚମ ଖଣ୍ଡରେ ଗ୍ରିୟରସନ ଲେଖିଛନ୍ତି- 'ବ୍ୟାକରଣ ନିୟମ ଅନୁସାରେ ବହୁବଚନରେ 'ମାନେ'ର ପ୍ରୟୋଗ ଯାହା ଭାରତରେ ଅନ୍ୟ କୌଣସି ଭାଷାରେ ବ୍ୟବହାର ନାହିଁ ତଥା ତୃତୀୟ ପୁରୁଷ ଏକ ବଚନରେ ବ୍ୟବହୃତ 'ଅନ୍ତି' (କିଣନ୍ତି, ଖାଆନ୍ତି ପ୍ରଭୃତି) ବର୍ତ୍ତମାନର କୌଣସି ଇଣ୍ଡୋ-ୟୁରୋପୀୟ ଆର୍ଯ୍ୟ ଭାଷାରେ ପ୍ରୟୋଗ ନାହିଁ । ଏହା କେବଳ ଗ୍ରୀକ୍, ଲାଟିନ୍ ଓ ବୈଦିକ ସଂସ୍କୃତ ଭାଷାରେ ଦେଖିବାକୁ ମିଳେ ।' ବିଶିଷ୍ଟ ପାଶ୍ଚାତ୍ୟ ବିଦ୍ୱାନ ଏଲ.ଏସ୍.ଏସ୍. ଓମାଲୀ ଉଲ୍ଲେଖ କରିଛନ୍ତି -'ଓଡ଼ିଆରେ ପ୍ରତ୍ୟେକ ପଦର ପ୍ରତ୍ୟେକ ଅକ୍ଷର ସ୍ପଷ୍ଟ ଉଚ୍ଚାରିତ ହୋଇଥାଏ । ଓଡ଼ିଆର କ୍ରିୟାକଳାପ ଏକାଧାରାରେ ସରଳ ଓ ସମ୍ପୂର୍ଣ୍ଣ । ଓଡ଼ିଆ କ୍ରିୟାର କାଳସଂଖ୍ୟା ଅଧିକ ହେଲେ ହେଁ ନିୟମାବଦ୍ଧ ଓ ଯୁକ୍ତିଯୁକ୍ତ ଭାବେ ସଜ୍ଜିତ । ଏହାର ପ୍ରଭାବ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ କାଳସୂଚକ କ୍ରିୟା- ବିଶେଷ୍ୟମାନଙ୍କରେ ଲକ୍ଷ୍ୟଣୀୟ । ଲାଟିନରେ ଯାହା ଭାବ ବଚନଦ୍ୱାରା ପ୍ରକାଶ କରାଯାଇଥାଏ, ଜଣେ ଓଡ଼ିଆ ସେହି ଭାବ ପ୍ରକାଶପାଇଁ କ୍ରିୟାବିଶେଷ୍ୟକୁ ଯଥାଯୋଗ୍ୟ କାରକ ବିଭକ୍ତି ଯୋଗ କରି ରୂପ ଦେଇପାରେ । ଓଡ଼ିଆରେ ଏହି କାରଣରୁ ଇନ୍‌ଫିନିଟିଭ ବା ଭାବ ବଚନ ନାହିଁ । ଏହା ସୂଚୀତ କରୁଛି ଯେ, ଓଡ଼ିଆ ବ୍ୟାକରଣର ବିବର୍ତ୍ତନ ହୁଏତ ସାଧୁ (Classical) ସଂସ୍କୃତ ବ୍ୟାକରଣଠାରୁ ଅଧିକ ପୁରାତନ ଏବଂ ଇଣ୍ଡୋ-ୟୁରୋପୀୟ ଭାଷାଗୋଷ୍ଠୀରେ ଏହାର ସାମ୍ୟ ଆମେ ପାଇବା ହୁଏତ କେବଳ ବୈଦିକ ସଂସ୍କୃତରେ, ଯେତେବେଳେ ସେ ଭାଷା କଥିତ ଭାଷା ଥିଲା ।' ବିଶିଷ୍ଟ ଭାଷାବିତ ସୁନୀତ କୁମାର ଚାଟାର୍ଜୀ ଓଡ଼ିଆ ଭାଷାକୁ ଗଭୀର ଅନୁଧ୍ୟାନ କରିବା ପରେ ପୂର୍ବାଞ୍ଚଳ ଭାଷା ସମ୍ପର୍କିତ ନିଜର ପୂର୍ବ ମତ ବଦଳାଇ କହିଛନ୍ତି ଯେ - 'ଓଡ଼ିଆ, ବଙ୍ଗଳା ଓ ଅସମିୟା ମଧ୍ୟରୁ ଓଡ଼ିଆ ହେଉଛି ସର୍ବ ପୁରାତନ ଭାଷା, ଯିଏ ଉଭୟ ବ୍ୟାକରଣ ଓ ଉଚ୍ଚାରଣ ଦୃଷ୍ଟିରୁ ନିଜକୁ ସଂରକ୍ଷିତ କରି ରଖିଛି ।'

ଭାରତର ଲିଖିତ ପରମ୍ପରା ଅନୁସାରେ ପ୍ରାଚୀନ ଭାଷା ହେଉଛି ପାଲି, ଯେଉଁଥିରେ ବୌଦ୍ଧ, ଜୈନ ସାହିତ୍ୟ ସମେତ ଭାରତୀୟ ନ୍ୟାୟ, ଦର୍ଶନ, ବ୍ୟାକରଣ, ବିଜ୍ଞାନ, ଗଣିତ ତଥା ପ୍ରାଚୀନ ଶିଳାଲେଖ ରଚନା କରାଯାଇଥିଲା । ବିଶିଷ୍ଟ ଜର୍ମାନ ଗବେଷକ ହର୍ମାନ ଓଲଡେନବର୍ଗ ପାଲି ଭାଷାର ଜନ୍ମସ୍ଥଳ ଓଡ଼ିଶା ବୋଲି ପ୍ରମାଣ କରିଛନ୍ତି, ଯାହା ସର୍ବଜନ ସ୍ୱୀକୃତି ପାଇସାରିଛି । ଗୌତମ ବୁଦ୍ଧଙ୍କ ପ୍ରଥମ ଶିଷ୍ୟ ତପୁସ ଓ ଭଲ୍ଲିକଙ୍କ ଶିଳାଲେଖ ଓଡ଼ିଶାର ତାରାପୁର ଓ ଦେଉଳି ବୌଦ୍ଧପୀଠରୁ ମିଳିଥିବାରୁ ଓଲଡେନବର୍ଗଙ୍କ ମତକୁ ପ୍ରମାଣିତ କରିଥାଏ ।

ଓଡ଼ିଆ ଭାଷାର ପ୍ରାଚୀନତାକୁ ଏହାର ଲିପି ପ୍ରମାଣ କରେ । କଳାହାଣ୍ଡି ଗେଜେଟିୟର ଅନୁସାରେ, ଗୁଡହାଣ୍ଡିର ଗୁମ୍ଫାଚିତ୍ର ଓ ନୂଆପଡାର ଯୋଗୀମଠ ଚିତ୍ରଲିପି ଦଶରୁ କୋଡିଏ ହଜାର ବର୍ଷର ହୋଇଥିବା ସହ ଏଥିରେ ଲିଖିତ '୦' ଲିପି ବିଶ୍ୱ ଲିପିମାଳାର ଏକମାତ୍ର ଅପରିବର୍ତ୍ତନୀୟ ଲିପି, ଯାହା ଏବେ ବି ସେହି ରୂପରେ ସମସ୍ତ ଭାଷାରେ ପ୍ରଚଳିତ । ଐତିହାସିକ କାଶୀପ୍ରସାଦ ଜୟସ୍ୱାଲଙ୍କ ମତରେ ବିକ୍ରମଖୋଲ ଶିଳାଲିପି ହେଉଛି ସିନ୍ଧୁଲିପି ଓ ବ୍ରାହ୍ମୀଲିପିର ମଧ୍ୟବର୍ତ୍ତୀ ଲିପି । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଧଉଳି, ଜଉଗଡ ଓ ସନ୍ନତି ସ୍ୱତନ୍ତ୍ର ଶିଳାଲେଖ ଓଡ଼ିଆ ଭାଷାର ପ୍ରାଚୀନତାକୁ ପ୍ରମାଣ କରିଥିବାବେଳେ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ହାତୀଗୁମ୍ଫା ଶିଳାଲେଖ ପ୍ରାଚୀନ ଓଡ଼ିଆ ସାହିତ୍ୟର ପ୍ରାମାଣିକ ନିଦର୍ଶନ ଭାବରେ ଗୃହୀତ । ତେଣୁ ଭାଷା, ଲିପି ଓ ସାହିତ୍ୟ ରଚନାର ଐତିହାସିକ ପ୍ରମାଣ ଦୃଷ୍ଟିରୁ ଓଡ଼ିଆ ଭାଷାର ପ୍ରାଚୀନତା ହାରାହାରି ପଚିଶ ଶହ ବର୍ଷ । ଏହି ତଥ୍ୟକୁ ଆଧାର କରି ଭାରତ ସରକାରଙ୍କ ଭାଷା ବିଶେଷଜ୍ଞ କମିଟି ଓଡ଼ିଆ ଏକ ପ୍ରାଚୀନ ବା ଶାସ୍ତ୍ରୀୟ ଭାଷା ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କଲେ । ଭାରତ ସରକାର ମଧ୍ୟ କେତେକ ଓଡ଼ିଆ ନେତୃବୃନ୍ଦଙ୍କ ବିରୋଧ ସତ୍ତ୍ୱେ ଏହି ମତକୁ ସ୍ୱୀକାର କରି ୧୧ ମାର୍ଚ୍ଚ ୨୦୧୪ତାରିଖର ରାଜପତ୍ରରେ ଘୋଷଣା କଲେ ।

ଭାରତରେ ସଂସ୍କୃତ ଭାଷାର ସର୍ବପ୍ରାଚୀନ ଲିଖିତ ପ୍ରମାଣ ୧୫୦ ମସିହାର ରୁଦ୍ରଦମନଙ୍କ ଗିରିନାର ଶିଳାଲେଖ ଓ ଦ୍ୱିତୀୟ ପ୍ରମାଣ ଓଡ଼ିଶାରୁ ମିଳିଛି । ଜୟସ୍ୱାଲଙ୍କ ମତରେ ବିଦେଶୀ କୁଶାଣ ଶାସନ ଲୋପପାଇଁ ଭାରତର ସମସ୍ତ ନାଗବଂଶୀ ରାଜାମାନେ ଯେଉଁ ମିଳିତ ଅଭିଯାନ ଆରମ୍ଭ କରିଥିଲେ, ତାହାର ନେତୃତ୍ୱ ନେଇଥିଲେ ବିନ୍ଧ୍ୟାଟବୀ ବା କେନ୍ଦୁଝରର ରାଜା ଶତ୍ରୁଭଞ୍ଜ । ଏହାଙ୍କଦ୍ୱାରା ନଟରାଜ ଶିବଙ୍କ ପଥରମୂର୍ତ୍ତି ତଳେ ୧୩ଟି ଧାଡିରେ ଖୋଦିତ ତୃତୀୟ ଶତାବ୍ଦୀର ଅସନପାଟ ଶିଳାଲେଖର ଭାଷା ସଂସ୍କୃତ ହୋଇଥିବାବେଳେ ଏଥିରେ ବ୍ୟବହୃତ ମାତ୍ରା ଓ ଅକ୍ଷର ଗୁପ୍ତ ପୂର୍ବବର୍ତ୍ତୀ ଲିପି ଯାହାକୁ ଐତିହାସିକ ସତ୍ୟନାରାୟଣ ରାଜଗୁରୁ ନାଗଲିପି ବୋଲି ଚିହ୍ନଟ କରିଛନ୍ତି ଓ ପାଶ୍ଚାତ୍ୟ ଭାଷାବିତଗଣ ଏହାକୁ ପରବର୍ତ୍ତୀ ବ୍ରାହ୍ମୀ ଲିପି ଭାବରେ ନାମିତ କରିଛନ୍ତି । ଏଥିରେ ତୋଷାଳି(ଅବିଭକ୍ତ)ର ନାମୋଲ୍ଲେଖ ଥିବାରୁ ଧଉଳି, ଜଉଗଡ, ସନ୍ନତି ଓ ହାତୀଗୁମ୍ଫା ଶିଳାଲେଖ ପରେ ଏହା ହେଉଛି ଓଡ଼ିଶାର ତତ୍କାଳୀନ ଭାଷା ସାହିତ୍ୟ ତଥା ସାମାଜିକ ଓ ରାଜନୈତିକ ଇତିହାସର ଜୀବନ୍ତ ମୂକସାକ୍ଷୀ । ଏହି ସମୟ ବେଳକୁ ବୌଦ୍ଧଧର୍ମ ଦୁର୍ବଳ ହୋଇ ପଡିଥିବାରୁ ଦେବପୁତ୍ର ବା କୁଷାଣଙ୍କ ବିରୋଧରେ ଲଢେଇପାଇଁ ପ୍ରଭାବଶାଳୀ ବ୍ରାହ୍ମଣ୍ୟଧର୍ମର ସମର୍ଥନ ଆଶାରେ ସେମାନଙ୍କ ନବ୍ୟ ବୈଦିକ ଭାଷାକୁ ଗୁରୁତ୍ୱ ଦେଇଥିଲେ । ନାଗବଂଶର ପତନ ପରେ ଉତ୍ତରାଧିକାରୀ ସୂତ୍ରେ ଉଭୟ ଉତ୍ତର ଓ ଦକ୍ଷିଣର ଦୁଇ ସାମନ୍ତ ଗୁପ୍ତ ଓ ମାଠର ନିଜକୁ ସ୍ୱତନ୍ତ୍ର ଶାସକ ଭାବରେ ପରିଚିତ କରାଇବା ସହ ପ୍ରଥମ କରି ଏହି ନବ୍ୟ ଭାଷାକୁ ରାଜଭାଷାର ମାନ୍ୟତା ପ୍ରଦାନ କଲେ । ଶାସକୀୟ ସ୍ଥିରତା ସହିତ ସାଂସ୍କୃତିକ ପ୍ରୋତ୍ସାହନ ଏହି ଭାଷାରେ କାବ୍ୟ, ମହାକାବ୍ୟ, ପୁରାଣ, ନ୍ୟାୟ, ଦର୍ଶନ, ବ୍ୟାକରଣ ଆଦି ବିଭିନ୍ନ ଗ୍ରନ୍ଥ ରଚନା ହେବା ସହିତ ପାଲି ବା ଅନ୍ୟାନ୍ୟ ଭାଷାରେ ରଚିତ ଲୋକପ୍ରିୟ ରଚନାଗୁଡିକର ଅନୁବାଦ ହେଲା । ଏହା ଭାରତୀୟଙ୍କ ମାତୃଭାଷା ହୋଇ ନ ଥିବାରୁ କିମ୍ବା ଏକ ମୌଳିକ ଭାଷା ହୋଇ ନ ଥିବାରୁ ତଥା କୌଣସି ଏକ ଭାଷା ବୈଜ୍ଞାନିକ ଆଧାରରେ ପରିଷ୍କୃତ ହୋଇ ବୌଦ୍ଧିକ ପରିଚର୍ଚ୍ଚାର ମାଧ୍ୟମ ପାଲଟି ଏହି ଭାଷା ସଂସ୍କୃତ ନାମରେ ପରିଚିତ ହେଲା । ଏହି ଭାଷା ନାଗ ଲିପିକୁ ପ୍ରଥମାବସ୍ଥାରେ ଗ୍ରହଣ କରିଥିବାରୁ ପରବର୍ତ୍ତୀ କାଳରେ ଏହା ବିକଶିତ ହୋଇ ନାଗରୀ ତଥା ଦେବ ବା ରାଜଦରବାର ଭାଷାର ମାନ୍ୟତା ପାଇବା ପରେ ଦେବନାଗରୀ ଲିପିରେ ନିଜର କାୟା ବିସ୍ତାର କରିଥିଲା ।

ଇଂରେଜ କମ୍ପାନୀ ଶାସନ ସମୟରେ ଶାସନଗତ ଶୋଷଣର ନୂତନ ମାଧ୍ୟମ ଭାବରେ ଭାଷା ଓ ସଂସ୍କୃତିକୁ ଗ୍ରହଣ କରାଗଲା । ୟୁରୋପୀୟ ଭାଷା ଓ ସଂସ୍କୃତି ସହିତ ଭାରତୀୟ ଭାଷା ଓ ସଂସ୍କୃତିକୁ ଯୋଡିବାପାଇଁ ମାତୃଭାଷା ନ ହୋଇ ବି ଭାରତର ପ୍ରତ୍ୟେକ ଅଞ୍ଚଳରେ ପ୍ରଭାବ ବିସ୍ତାର କରିଥିବା ସଂସ୍କୃତକୁ ଆୟୁଧ ଭାବରେ ଏମାନେ ବ୍ୟବହାର କଲେ । ନିଜର ବ୍ୟବସାୟିକ ସୁବିଧାପାଇଁ ଭାରତୀୟଙ୍କୁ ଶିକ୍ଷା ଦେବା ଆଳରେ ଭାରତକୁ ୟୁରୋପୀୟଦ୍ୱାରା ଜଳପଥ ଆବିଷ୍କାର ଭଳି ଭୁଲ ତଥ୍ୟ ଦେବା ସହିତ ୟୁରୋପୀୟ ଭାଷା ସହ ସଂସ୍କୃତର ସମ୍ବନ୍ଧ ଯୋଡି ଉଭୟ ଭାଷା ଭାରତ-ୟୁରୋପୀୟ ଆର୍ଯ୍ୟଭାଷାରୁ ସୃଷ୍ଟି ଓ ଭାରତର ସବୁ ଭାଷା ସଂସ୍କୃତରୁ ସୃଷ୍ଟି ବୋଲି କହିଲେ । ଅର୍ଥାତ୍ 'ଭାଗ କର ଓ ଶାସନ କର' ନୀତିକୁ ଅଧିକ ବଳିଷ୍ଠ କରିବାପାଇଁ ଧର୍ମ ସହିତ ଭାଷା ବିଭେଦପାଇଁ ଊନବିଂଶ ଶତାବ୍ଦୀରେ ଭାରତୀୟ ଭାଷାମାନଙ୍କର ଜନନୀ ସଂସ୍କୃତ ବୋଲି ଯେଉଁ ବିବାଦୀୟ ମଞ୍ଜିଟିଏ ପୋତିଦେଲେ, ତାହା ଆଜି ବିଶାଳ ବରଗଛ ହୋଇ ଭାରତର ଅନ୍ୟାନ୍ୟ କଥିତ ଭାଷାର ମୌଳିକ ଭିତ୍ତି ବିଷୟରେ ଗବେଷଣା କରିବାର ପଥକୁ ଯାକି ଦେଇଛି । ଦୀର୍ଘଦିନ ଧରି ବିଭିନ୍ନ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ଅଧୀନରେ ଓଡ଼ିଆ ଭାଷା ଶିକ୍ଷା ଓ ଗବେଷଣା ହୋଇଥିବାରୁ ଓଡ଼ିଆ ଭାଷା ବିଷୟକ ମୌଳିକ ଚର୍ଚ୍ଚାର ଅଭାବ ଏହାର ଏକ ଜୀବନ୍ତ ଦୃଷ୍ଟାନ୍ତ । ଏପରିକି ଶାସ୍ତ୍ରୀୟତା ପ୍ରାପ୍ତିର ବାରବର୍ଷ ପରେ ବି ଏ ବିଷୟରେ ଗବେଷଣା ନ ହେବା ଯେତିକି ଦୁଃଖଦାୟକ, ଶାସ୍ତ୍ରୀୟତାର ତଥ୍ୟକୁ ପାଠ୍ୟ ପୁସ୍ତକରେ ସ୍ଥାନିତ ନ କରାଯିବା ତାହାଠାରୁ ଅଧିକ ଲଜ୍ଜାଜନକ । ଓଡ଼ିଆ ଭାଷା ପ୍ରତି ଦୀର୍ଘ ସତୁରୀ ବର୍ଷର ଶାସକୀୟ ଅବହେଳାଦ୍ୱାରା ହଜାର ହଜାର ପ୍ରତ୍ନତାତ୍ତ୍ୱିକ ପ୍ରମାଣ ସତ୍ତ୍ୱେ ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମବିକାଶ ବିଷୟକ ବୈଜ୍ଞାନିକ ସିଦ୍ଧାନ୍ତ ବିଷୟରେ ଓଡ଼ିଶାବାସୀ ଜାଣିପାରୁନାହାଁନ୍ତି । ଏହାର ସୁବିଧା ବିଭିନ୍ନ ଓଡ଼ିଆ ବିଦ୍ୱେଷୀ ନେଇ ଓଡ଼ିଆ ଭାଷା ଉପରେ ବାରମ୍ବାର ଆକ୍ରମଣ କରୁଛନ୍ତି ।

ଭାଷା ଓ ସଂସ୍କୃତିକୁ ନେଇ ଓଡ଼ିଆ ଅସ୍ମିତା, ଓଡ଼ିଆତ୍ୱର ପରିଚୟ । ଜନ୍ମରୁ ଓଡ଼ିଆ ହୋଇ ଜୀବିକାର୍ଜନ ଉଦ୍ଦେଶ୍ୟରେ କୌଣସି ଭାଷାକୁ ଗ୍ରହଣ କରିନେବା ପରେ ନିଜ ମାତୃଭାଷାକୁ ନିନ୍ଦା କରିବା କେବଳ ଓଡ଼ିଶାରେ ହିଁ ସମ୍ଭବ । ଏଭଳି ସ୍ଥିତିରେ ଓଡ଼ିଆ ଜାତୀୟତାର ମହାମାନ୍ତ୍ରିକ ପଞ୍ଚସଖାଙ୍କ ସାଧନାପୀଠରେ ଗଢି ଉଠିଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତିଙ୍କ ମନ୍ତବ୍ୟ କେତେ ଗ୍ରହଣୀୟ, ତାହା ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଏକୀକରଣର ଶତବାର୍ଷିକ ପାଳନ କରିବାକୁ ଯାଉଥିବା ଓଡ଼ିଶାବାସୀ ବିଚାର କରିବା ଆବଶ୍ୟକ ।

**(ଏ ମତାମତ ଲେଖକଙ୍କର ନିଜସ୍ୱ)**

**ସଦସ୍ୟ ସଚିବ, ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା, ଭୁବନେଶ୍ୱର,**
**ମୋ- ୯୦୯୦୪୬୫୬୫୮**

# ମଥୁରାମଙ୍ଗଳ ଓ ମଧ୍ୟଖଣ୍ଡ ମଠ



**ଡକ୍ଟର ମାଧବ ଚନ୍ଦ୍ର ମିଶ୍ର**

**ସାଧନାପୀଠ ମଧ୍ୟଖଣ୍ଡରେ ସନ୍ଥକବି ଭକ୍ତଚରଣ ଦାସଙ୍କ ବାସନ୍ତିକ ସ୍ମୃତିଚାରଣ ଉପଲକ୍ଷେ**

ମଥୁରାମଙ୍ଗଳ ଲେଖକ ସନ୍ଥ ଭକ୍ତଚରଣ ୧୭୨୯ ମସିହାରେ ଆଜିର ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ସାନପଦର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୂର୍ବନାମ ଥିଲା ବୈରାଗୀ ଚରଣ ପଟ୍ଟନାୟକ । ଗୃହସ୍ଥ ବୈରାଗୀ, ପରେ ବୈଷ୍ଣବଧର୍ମ ଗ୍ରହଣ କରି ପରମାର୍ଥୀ ହେଲେ । ଦଶପଲ୍ଲା ଗଡ଼ଜାତର ନବମ ରାଜା ତ୍ରିଲୋଚନ ଭଞ୍ଜ ୧୭୫୩ ମସିହାରେ ସିଂହାସନ ଆରୋହଣ କରିଥିଲେ ଓ ରାଜା ନିଜେ ଥିଲେ ପରମାର୍ଥ । ଦୁଇ ପରମାର୍ଥୀଙ୍କ ମିଳନରୁ ରାଜ ସହାୟତା ଲାଭ କରି ଭକ୍ତଚରଣ ଦଶପଲ୍ଲା ଆସି ନିକଟବର୍ତ୍ତୀ ମଧ୍ୟଖଣ୍ଡରେ ମଠ ସ୍ଥାପନ କଲେ । ମଧ୍ୟଖଣ୍ଡ ଗାଁ ରାଜାଙ୍କର ଥିଲା ତତ୍କାଳୀନ ଗଡ଼, ଉଆସ ବାଡ଼ି ଓ ଖମାର ଗାଁ । ଗାଁକୁ ମଝିରେ ଦୁଇଖଣ୍ଡ କରି ବହି ଯାଇଥିବା ବେଶାଳିଆ ନଈ କୂଳରେ ଏବଂ ଗାଁ ଭିତରେ ଥିବା ଗଉଡ଼ ପାଟଣାରେ ତାଙ୍କଦ୍ୱାରା ସ୍ଥାପିତ ମଠ ଓ ମନ୍ଦିର ଅବସ୍ଥିତ । ଏହାର ଭୌଗୋଳିକ ସ୍ଥିତି ଏପରି ଯେ ମଧ୍ୟଖଣ୍ଡ ଭିତରେ ଥାଇ ମଧ୍ୟ ଏହା ଏକ ସ୍ୱତନ୍ତ୍ର ଭୂଖଣ୍ଡ । ଗଉଡ଼ ଜାତିର ଲୋକେ ବାସ କରୁଥିବାରୁ ସେହି ଜାଗାର ନାଁ ଥିଲା ଗଉଡ଼ପାଟଣା । ଗଉଡ଼ ଗଉଡୁଣୀମାନେ ଥିଲେ ଭକ୍ତଚରଣଙ୍କର ଅତି ପ୍ରିୟ ଏବଂ ସେମାନେ ମଠର ସମସ୍ତ କାମ ସହ ବାବାଜୀଙ୍କର ମଧ୍ୟ ଥିଲେ ସେବାକାରୀ । ରାଜା ଗଉଡ଼ପାଟଣାକୁ ଗୋଟିଏ କରମୁକ୍ତ ସ୍ୱତନ୍ତ୍ର ଗ୍ରାମର ମର୍ଯ୍ୟାଦା ଦେଇ ମଧ୍ୟଖଣ୍ଡ ସର୍ବରାକାର ଅଧୀନରୁ ଏହାକୁ ମୁକ୍ତ ରଖିଥିଲେ ।

ଭକ୍ତଚରଣଙ୍କ କବି ପ୍ରତିଭାର ପରିସ୍ଫୁଟନ ଏହି ମଠରେ ହୋଇଥିଲା ଏବଂ ତାଙ୍କ ରଚିତ 'କଳା କଳେବର କହ୍ନେଇ' ଚଉତିଶାକୁ ଗଉଡ଼ପାଟଣାର ଗଉଡ଼ମାନେ ଲଉଡ଼ି ଖେଳରେ ଗାଇ ଗାଇ ସାରା ଦଶପଲ୍ଲାରେ ଲୋକପ୍ରିୟ କରାଇଥିଲେ । ଭକ୍ତଚରଣଙ୍କ ଇଷ୍ଟ ବୃନ୍ଦାବନ ଚନ୍ଦ୍ରଙ୍କ ପ୍ରତିମାଙ୍କୁ ବାବାଜୀଙ୍କ ସହ ଧରି ସେମାନେ ଗୋବର୍ଦ୍ଧନ ପୂଜା ଉତ୍ସବରେ କଣ୍ଟେଇକୋଳି ଖିଆ ଉତ୍ସବ ନିକଟସ୍ଥ ସୁନାଶଗଡ଼ ପାହାଡ଼ ଉପରେ କରନ୍ତି । ଅନ୍ନକୁଟ ଉତ୍ସବର ଅନ୍ନକୁଟ ପଥର ଦୁଇଟି ଆଜି ମଧ୍ୟ ମଠ ଭିତରେ ରହିଛି । ଉଭୟ 'କଳାକଳେବର' ଓ 'ମନବୋଧ ଚଉତିଶା'ର ଲୋକପ୍ରିୟତା ପରେ 'ମଥୁରା ମଙ୍ଗଳ' କାବ୍ୟ ସନ୍ଥକବିଙ୍କ ସୃଷ୍ଟି ।

ରାଜା ତ୍ରିଲୋଚନ ଭଞ୍ଜଙ୍କ ମୃତ୍ୟୁ ପରେ ୧୭୭୫ ମସିହାରେ ତାଙ୍କ ପୁତ୍ର ମୁକୁନ୍ଦ ଭଞ୍ଜ ଦଶପଲ୍ଲାର ରାଜା ହେଲେ । ଅଖଣ୍ଡ ଦଶପଲ୍ଲା ପ୍ରତିଷ୍ଠା କରିବା ଥିଲା ତାଙ୍କର ମୁଖ୍ୟ ଲକ୍ଷ୍ୟ । ମହାନଦୀ ଅପର ପାର୍ଶ୍ୱରେ ରହିଯାଇଥିବା ବିଚ୍ଛିନ୍ନ ଯୋରୁମୁ ଅଞ୍ଚଳକୁ ଦଶପଲ୍ଲା ଅଧୀନକୁ ଆଣିବା ଏବଂ ଉଗ୍ର ଓ ପ୍ରତିକ୍ରିୟାଶୀଳ ବେଠିଆ ଓ ଅମେଇତ କନ୍ଧମାନଙ୍କୁ ଯେକୌଣସି ପ୍ରକାରେ ଆୟତ୍ତାଧୀନ କରିବା - ଏହି ଦୁଇଟି କାର୍ଯ୍ୟର ସଫଳତା ତାଙ୍କୁ ଦଶପଲ୍ଲା ରାଜଶାସନର ସର୍ବୋତ୍ତମ ଶାସକ ଭାବେ ପ୍ରତିପାଦିତ କରେ । କନ୍ଧମାଳ, ଯୋରୁମୁ ମିଶ୍ରଣ, ଅନୁଗୁଳ ରାଜ୍ୟ ସହ ଯୁଦ୍ଧ ଓ ମରହଟ୍ଟା କଚେରୀରେ ମାମଲା ଇତ୍ୟାଦି ରାଜ୍ୟର କଠିନ ସମ୍ପଦ କାର୍ଯ୍ୟରେ ବ୍ୟସ୍ତ ରହି ରାଜା ମଠ, ମନ୍ଦିର, ଧର୍ମ, ସଙ୍ଗୀତ ଆଜି କୋମଳ ସମ୍ପଦଗୁଡ଼ିକ ଦିଗରେ ସ୍ୱଭାବତଃ ଥିଲେ ନିଃସ୍ପୃହ । ଏହାର ପ୍ରଶାସକୀୟ ପ୍ରଭାବ ରାଜ କର୍ମଚାରୀମାନଙ୍କ ଉପରେ ମଧ୍ୟ ପଡ଼ିଥିଲା । ତେଣୁ ରାଜା ଓ ରାଜ ଉଆସ ସହ ଗୌଡ଼ପାଟଣା ମଠର ସମ୍ପର୍କ ରହିପାରିଲା ନାହିଁ ।

ଅନ୍ୟ ପକ୍ଷରେ ରାଜକର୍ମଚାରୀମାନେ ଗଣିଆ ଯିବା ଆସିବା ରାସ୍ତାରେ ଦହି, କ୍ଷୀର ବିନା ମୂଲ୍ୟରେ ପିଇବା ଓ ଗଉଡ଼ମାନେ ମଇଁଷି ଗୋଠରେ ସବୁବେଳେ ରହୁଥିବା ସୁଯୋଗ ନେଇ ତାଙ୍କ ଘର ବାରଣ୍ଡାରେ ବସି ଗଉଡୁଣୀମାନଙ୍କ ସହ ରସିକତା କରିବା ଇତ୍ୟାଦି କୁକର୍ମ ସେମାନଙ୍କ ଗୁରୁ ଓ ଅଭିଭାବକ ଭକ୍ତଚରଣଙ୍କୁ ଏହାର ପ୍ରତିବାଦୀ ଭାବେ ଠିଆ କରେଇଲା । ରାଜ କର୍ମଚାରୀଙ୍କ ଅହଙ୍କାର ଓ ପୀଡ଼ନକୁ ଉପଲକ୍ଷ୍ୟ କରି ଭକ୍ତ ଚରଣ ସେମାନଙ୍କ ନିର୍ବୋଧ ମନକୁ ଚେତାବନୀ ଦେଇଥିଲେ 'ମନବୋଧ ଚଉତିଶା'ରେ । ତେଣୁ ସ୍ୱାଭାବିକ ଭାବେ ଏହି ଶତ୍ରୁତାରୁ ଉପଜାତ ହେଲା 'ମଥୁରା ମଙ୍ଗଳ' ଭଣତି ପ୍ରସଙ୍ଗ । ରାଜାଙ୍କୁ ସନ୍ତୁଷ୍ଟ କରି ଅଧିକ ରାଜ ଅନୁଗ୍ରହ ପ୍ରାପ୍ତି ଲାଗି ଓ ବାବାଜୀଙ୍କୁ ପାନେ ଦେବା ଲାଗି ଏହା ଥିଲା କିଛି ରାଜ କର୍ମଚାରୀଙ୍କ ଚକ୍ରାନ୍ତ । ସେହି ରାସ୍ତାରେ ବାରମ୍ବାର ଯିବା ଆସିବା କରୁଥିବା ରାଜାଙ୍କ ପିଆଦାମାନେ ଥିଲେ ତାଙ୍କର ଅସ୍ତ୍ର । ରାଜାଙ୍କ ନାମରେ ମଥୁରାମଙ୍ଗଳ ଭଣତି କରିବାକୁ ବାବାଜୀ ବାରବାର ଅସ୍ୱୀକାର କରିବାରେ କ୍ରୋଧାନ୍ୱିତ ହୋଇ ଜନୈକ ଯବନ ପିଆଦା ବାବାଜୀଙ୍କ ଇଷ୍ଟ ବୃନ୍ଦାବନ ଚନ୍ଦ୍ର ପ୍ରତିମାକୁ ବେଶାଳିଆ ନଦୀରେ ଫିଙ୍ଗିଦେଲା । ଅଭିମାନୀ ଭକ୍ତ ଚରଣ ପ୍ରତିମା ଉଦ୍ଧାର କରି ପୋଥି ସହ ମଧ୍ୟଖଣ୍ଡ ମଠ ଛାଡ଼ିଲେ । ରାଜା ଏକଥା ଜାଣିବା ବେଳକୁ ବହୁ ବିଳମ୍ବ ହୋଇଥିଲା । ଗୋପାଳ ଗୋପାଳୁଣୀଙ୍କ ପାଇଁ ଏହା ଥିଲା ଅସହ୍ୟ ମର୍ମଭେଦୀ ଘଟଣା । ସମୟାନ୍ତରେ ମଇଁଷି ଗୋଠ ପକାଇ ହାଣ୍ଡିରେ ଘୋଳ ରଖୁଥିବା ସ୍ଥାନ ଘୋଳାହାଣ୍ଡି ଦେଇ ଦଶପଲ୍ଲା-ଗଣିଆ ରାସ୍ତା ନିର୍ମାଣ ହେତୁ ଗଉଡ଼ମାନେ ଗଉଡ଼ପାଟଣା ଛାଡ଼ି ଜଙ୍ଗଲ ଅଭ୍ୟନ୍ତରକୁ ଚାଲିଗଲେ ଏବଂ କାଳକ୍ରମେ କିଛି ତୈଳିକ ଶ୍ରେଣୀୟ ଲୋକ ସେହି ସ୍ଥାନରେ ରହିବାରୁ ତା'ର ନାମ ନୂଆପାଟଣା ହୋଇଗଲା । ତିନି ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ମଧ୍ୟଖଣ୍ଡ ମଠରେ ଥିବା ଭକ୍ତ ଚରଣ ୧୭୯୦ ମସିହା ବେଳକୁ ସୁନାଖଳା ଯାଇଛନ୍ତି । ମୁକୁନ୍ଦ ଭଞ୍ଜଙ୍କ ମୃତ୍ୟୁ ୧୭୯୫ ମସିହାରେ । ଶୁଣାଯାଏ ଭକ୍ତଚରଣ କିଛି ଶିଷ୍ୟଙ୍କୁ ଧରି ପୁରୀ ଯାଇ ଦୁଃଖିଶ୍ୟାମ ମଠରେ ୧୮୧୩ ମସିହା କାର୍ତ୍ତିକ ମାସ ପ୍ରଥମ ପଞ୍ଚୁକରେ ଦେହତ୍ୟାଗ କଲେ ।

ଭକ୍ତଚରଣଙ୍କ ପ୍ରତି ଚରମ ଅନ୍ୟାୟଜନିତ ମଧ୍ୟଖଣ୍ଡ ଗ୍ରାମର ଜନ ଅସନ୍ତୋଷ ପ୍ରତୀକାତ୍ମକ ତଥା କଠୋର ବ୍ୟଙ୍ଗାତ୍ମକ ଭାବେ ରୂପ ନେଇଛି ମଧ୍ୟଖଣ୍ଡ ଦଣ୍ଡନୃତ୍ୟର ଦହିଖେଳ ସୁଆଙ୍ଗରେ । ରାଜାଙ୍କ ଡଗର ଭାବେ ନୃତ୍ୟକାରୀ ଜଣେ ଯବନ ପିଆଦାକୁ ସମୁଚିତ ଶିକ୍ଷା ଦେଇଛନ୍ତି ଗୋପାଳ ଓ ଗୋପାଳୁଣୀମାନେ, ଯାହା ପ୍ରତିବର୍ଷ ଅଭିନୀତ ହେଉଛି ଚୈତ୍ର ମାସରେ । ୨୫୦ ବର୍ଷର ଏହି କାଳଖଣ୍ଡରେ ମଠଟି ନିଶ୍ଚିହ୍ନ ହୋଇଥିଲେ ମଧ୍ୟ ବାବାଜୀଙ୍କ ମନ୍ଦିର ବିଭିନ୍ନ ରୂପାନ୍ତରଣ ସହ ନୂଆପାଟଣାର ଅଧିବାସୀମାନଙ୍କ ଦ୍ୱାରା ଅଦ୍ୟାବଧି ପରିଚାଳିତ ହେଉଛି ଏବଂ ସ୍ଥାନଟିକୁ 'ମଠବାରି' ବୋଲି କହିବାରେ ଭକ୍ତଚରଣଙ୍କ ପ୍ରତି ଗାଁର ଶ୍ରଦ୍ଧା ଓ ଭକ୍ତି ଅତୁଟ ରହିଛି ।



ଭକ୍ତଚରଣଙ୍କ କବି ପ୍ରତିଭାର ପରିସ୍ଫୁଟନ ଏହି ମଠରେ ହୋଇଥିଲା ଏବଂ ତାଙ୍କ ରଚିତ 'କଳା କଳେବର କହ୍ନେଇ' ଚଉତିଶାକୁ ଗଉଡ଼ପାଟଣାର ଗଉଡ଼ମାନେ ଲଉଡ଼ି ଖେଳରେ ଗାଇ ଗାଇ ସାରା ଦଶପଲ୍ଲାରେ ଲୋକପ୍ରିୟ କରାଇଥିଲେ । ଭକ୍ତଚରଣଙ୍କ ଇଷ୍ଟ ବୃନ୍ଦାବନ ଚନ୍ଦ୍ରଙ୍କ ପ୍ରତିମାଙ୍କୁ ବାବାଜୀଙ୍କ ସହ ଧରି ସେମାନେ ଗୋବର୍ଦ୍ଧନ ପୂଜା ଉତ୍ସବରେ କଣ୍ଟେଇକୋଳି ଖିଆ ଉତ୍ସବ ନିକଟସ୍ଥ ସୁନାଶଗଡ଼ ପାହାଡ଼ ଉପରେ କରନ୍ତି । ଅନ୍ନକୁଟ ଉତ୍ସବର ଅନ୍ନକୁଟ ପଥର ଦୁଇଟି ଆଜି ମଧ୍ୟ ମଠ ଭିତରେ ରହିଛି । ଉଭୟ 'କଳାକଳେବର' ଓ 'ମନବୋଧ ଚଉତିଶା'ର ଲୋକପ୍ରିୟତା ପରେ 'ମଥୁରା ମଙ୍ଗଳ' କାବ୍ୟ ସନ୍ଥକବିଙ୍କ ସୃଷ୍ଟି ।

**ମଧ୍ୟଖଣ୍ଡ, ଦଶପଲ୍ଲା**
**ମୋ-୭୭୩୫୮୫୯୧୩୦**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମିଳିମିଶି...

କରିବାକୁ କହିଛନ୍ତି । ଲୋକମାନେ ଯେଭଳି ଆତଙ୍କିତ ହେବେନି ତାହା ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଏହି ବୈଠକରେ ବିଶେଷକରି ହରମୁଜ୍ ପ୍ରଣାଳୀରେ ଇରାନ ପକ୍ଷରୁ ଯେଉଁ ଅପରୋଧ କରାଯାଇଛି ଏଥିଯୋଗୁ ଶକ୍ତି ସୁରକ୍ଷା ଓ ଯୋଗାଣ ଶୃଙ୍ଖଳାରେ ବାଧା ସୃଷ୍ଟି ହୋଇଛି । ଭାରତ କିପରି ତୈଳ ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ନ ହେବ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛି । ପ୍ରଧାନମନ୍ତ୍ରୀ ବୈଠକରେ ଟିମ୍ ଇଣ୍ଡିଆ ଆଭିମୁଖ୍ୟ ନେଇ ଏହାର ମୁକାବିଲା କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ସଂଘୀୟ ସହଯୋଗରେ ଯେଭଳି କୋଭିଡ-୧୯ ମହାମାରୀର ମୁକାବିଲା କରାଯାଇଥିଲା ସେହିଭଳି ପଦକ୍ଷେପ ନେବାକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ସରକାର ସବୁ ସ୍ତରରେ ସ୍ଥାୟୀତ୍ୱ ଓ ଧୈର୍ଯ୍ୟ ଉପରେ ଗୁରୁତ୍ୱ ଆରୋପ କରିବାକୁ କହିଛନ୍ତି । ବୈଠକରେ ମୁଖ୍ୟତଃ ରାଜ୍ୟଗୁଡ଼ିକ ସହ ଯୋଗାଣ ଶୃଙ୍ଖଳା ପ୍ରସଙ୍ଗ ଉପରେ ଆଲୋଚନାକ କରାଯାଇଛି । ରନ୍ଧନ ଗ୍ୟାସ୍ ଓ ତୈଳର ଉପଲବ୍ଧତା ଉପରେ ଗୁରୁତ୍ୱ ଦିଆଯାଇଛି । ନିର୍ବାଚନ ହେବାକୁ ଥିବା ତାମିଲନାଡୁ, ପଶ୍ଚିମବଙ୍ଗ, ଆସାମ, କେରଳ ଓ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀର ମୁଖ୍ୟମନ୍ତ୍ରୀମାନେ ଏଥିରେ ସାମିଲ ହୋଇନାହାନ୍ତି । କେନ୍ଦ୍ରମନ୍ତ୍ରୀ ହରଦୀପସିଂହ ପୁରୀ ଜାତୀୟ ସ୍ତରରେ ଲକ୍ଡାଉନ୍ ନେଇ ହୋଇଥିବା ଗୁଜବକୁ ଖଣ୍ଡନ କରିଛନ୍ତି । ସେ କହିଛନ୍ତି ଯେ ସରକାର ଏଭଳି କୌଣସି ପଦକ୍ଷେପ ନେଇ ବିଚାର କରୁନାହାନ୍ତି । ଲୋକମାନେ ସ୍ଥିର ରହିବା ସହ ଏଭଳି ଆଶଙ୍କା କରନ୍ତୁ ନାହିଁ । କେନ୍ଦ୍ର ସରକାର ୨୦% ଏଲ୍‌ପିଜି ବାଣିଜ୍ୟକ ଗ୍ୟାସ୍ ଉତ୍ପାଦନ ବୃଦ୍ଧି କରିଛନ୍ତି ଓ ୭୦%ରୁ ଅଧିକ କୋଟା ରାଜ୍ୟଗୁଡ଼ିକୁ ଦିଆଯାଇଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର, ପେଟ୍ରୋଲିୟମ ମନ୍ତ୍ରୀ ହରଦ୍ଦୀପ ସିଂହ ପୁରୀ ମଧ୍ୟ ପଶ୍ଚିମ ଏସିଆ ପରିସ୍ଥିତି ନେଇ ଆଲୋଚନା କରିଛନ୍ତି ।

## ୨୮ ଦିନରେ...

କରୁଛି । ଆମେରିକାର ଦାବି ଏବଂ କତାବାର୍ତ୍ତାକୁ ସେ ଗୁରୁତ୍ୱ ଦେଉନାହିଁ । ପ୍ରାୟ ୧୯୦୦ରୁ ଅଧିକ ଇରାନ ଲୋକଙ୍କର ଯୁଦ୍ଧ ଯୋଗୁ ମୃତ୍ୟୁ ଘଟିଛି । ଇସ୍ରାଏଲ ସେନା ପକ୍ଷରୁ କୁହାଯାଇଛି ଯେ ଭିତ୍ତିଭୂମି ଉପରେ ଆକ୍ରମଣ କରିବାକୁ ବ୍ୟାପକ ଭାବେ ଯୋଜନା କରାଯାଇଛି । ଇରାନର କେନ୍ଦ୍ରସ୍ଥଳରେ ଥିବା ତେହେରାନ୍ ଉପରେ ଆକ୍ରମଣ ଚାଲିଛି । କୂଟନୈତିକ ପ୍ରଚେଷ୍ଟା ଜାରି ରହିଛି । ୟୁଏଇରେ ମିଶାଇଲ ଆକ୍ରମଣ ଯୋଗୁ ୩ ଜଣଙ୍କର ମୃତ୍ୟୁ ହେବାସହ ୩ ଜଣ ଆହତ ହୋଇଛନ୍ତି । କୁଏତରେ ଇରାନର ମିଶାଇଲଗୁଡ଼ିକୁ ବିଧ୍ୱସ୍ତ କରିବାକୁ ତାଙ୍କ ସେନା ସକ୍ଷମ ହେଉଛନ୍ତି । କତାର ପ୍ରଧାନମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀ ୱାସିଂଟନ୍ ଗସ୍ତ କରିଛନ୍ତି । ସେମାନେ ସେଠାରେ ପ୍ରତିରକ୍ଷାର ସଚିବଙ୍କ ସହ ଆଲୋଚନା କରି ସୁରକ୍ଷା ସହଯୋଗ ଲୋଡ଼ିଛନ୍ତି । ତେବେ ଯୁଦ୍ଧ ଯୋଗୁ ତୈଳ ମୂଲ୍ୟ ବୃଦ୍ଧି ପାଇଛି । ଘରୋଇ ଉପଭୋକ୍ତାଙ୍କର ଚାପ ବଢ଼ିଛି । ସୋସିଆଲମିଡ଼ିଆରେ ଏବେ ଯୁଦ୍ଧ ଖବର ନେଇ ଅନେକ ବିଶ୍ୱାସ ବଢ଼ିଛି । ଟେଲିଭିଜନ ତୁଳନାରେ ସୋସିଆଲ ମିଡ଼ିଆକୁ ଲୋକେ ପ୍ରସନ୍ଦ କରୁଛନ୍ତି । ବିଶ୍ୱବ୍ୟାଙ୍କ ମଧ୍ୟ ତୁରନ୍ତ ଆର୍ଥିକ ସହାୟତା ଦେବାକୁ ରାଜି ହେଉଛି । ଦେଶଗୁଡ଼ିକୁ ତେଲ କିଣିବା ପାଇଁ ଆର୍ଥିକ ସହାୟତା ଦେବ ।

## ୧୩ଗୁଣ...

ଟଙ୍କା ମୂଲ୍ୟର ୪୯ଟି ପ୍ରକଳ୍ପ (୧୯ଟି ନୂତନ ଲାଇନ ଏବଂ ୩୦ଟି ଦୋହରୀକରଣ କାର୍ଯ୍ୟ ସହିତ) ମଞ୍ଜୁର କରାଯାଇଛି । ଏଗୁଡ଼ିକ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ଓଡ଼ିଶା ରାଜ୍ୟ ମଧ୍ୟରେ ଆସୁଅଛି । ଏଥିମଧ୍ୟରୁ ୧,୪୨୯ କିଲୋମିଟର କାର୍ଯ୍ୟକ୍ଷମ ହୋଇଛି ଏବଂ ମାର୍ଚ୍ଚ ୨୦୨୫ ସୁଦ୍ଧା ୨୮,୦୪୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି ।ଖୋର୍ଦ୍ଧାରୋଡ-ବଲାଙ୍ଗୀର (୩୦୧ କିମି) ନୂଆ ଲାଇନ ପ୍ରକଳ୍ପର ମୋଟ ବ୍ୟୟଅଟକଳ ୫୦୮୯ କୋଟି ଟଙ୍କା ଥିବାବେଳେ ମାର୍ଚ୍ଚ ୨୦୨୫ ସୁଦ୍ଧା ୪୩୧୧ କୋଟି ଟଙ୍କା ବ୍ୟୟ ହୋଇସାରିଛି ଓ ୨୦୨୫-୨୬ ଆର୍ଥିକ ବର୍ଷରେ ଆଉ ୧୯୩୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

୧ ଫେବୃଆରୀ, ୨୦୨୬ ସୁଦ୍ଧା, ଓଡିଶାରେ ୧୧,୩୦୧ କୋଟି ଟଙ୍କା ବ୍ୟୟରେ ୨୮୭ ଟି ରୋଡ୍ ଓଭର ବ୍ରିଜ୍ ଏବଂ ରୋଡ୍ ଅଣ୍ଡର ବ୍ରିଜ୍ ମଞ୍ଜୁର କରାଯାଇଛି । ଏପର୍ଯ୍ୟନ୍ତ ୧୩୩୮ଟି ଷ୍ଟେସନକୁ ଅମୃତ ଭାରତ ଷ୍ଟେସନ ସ୍କିମ୍ ଅଧିନରେ ବିକାଶ କରିବାକୁ ଚିହ୍ନଟ କରାଯାଉଛି । ଏହା ମଧ୍ୟରେ ଓଡ଼ିଶାର ୫୯ଟି ଷ୍ଟେସନ ରହିଛି । ଓଡ଼ିଶାର ବାରିପଦା, ବରପାଲି, କଟକ, ପାରଳାଖେମୁଣ୍ଡି ଓ ତାଳଚେର ଷ୍ଟେସନର ଉନ୍ନତୀକରଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ଓଡ଼ିଶା ତିନୋଟି ରେଳ ଜୋନ୍ ଅଧୀନରେ ଆସେ । ଦକ୍ଷିଣ ପୂର୍ବ ରେଳବାଇ, ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ ଏବଂ ପୂର୍ବ ତଟ ରେଳବାଇ ।୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏହି ଜୋନ୍ ପାଇଁ ୧,୫୮୪ କୋଟି ଟଙ୍କାର ଆବଣ୍ଟନ କରାଯାଇଛି, ଯାହା ମଧ୍ୟରୁ ଫେବୃଆରୀ ୨୦୨୬ ସୁଦ୍ଧା ୧,୪୨୮ କୋଟି ଖର୍ଚ୍ଚ ହୋଇଛି ।

## ନଗର...

ଚାଲିଥିବା ମହାଯଜ୍ଞରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା । ସହରର ବନ୍ତଛକ, ଷ୍ଟାଡିୟମ୍ ରୋଡ଼, ମୋଚିଛକ, ଆରଡ଼ିଛକ, କଚେରି ବଜାର, ବାଇପାସ୍ ରୋଡ଼, ପୁରୁଣାବଜାର ରାସ୍ତା ବିଳମ୍ବିତ ରାତି ଯାଏ ଲୋକାରଣ୍ୟ ହୋଇଥିଲା । ଶୋଭାଯାତ୍ରାରେ ଗେଲପୁର, ସନ୍ଥିଆ, ଏଲଖା, ଗେଲଟିଆ, ଗବସାହି, ଜଗନ୍ନାଥପୁର, ଜାନୁଗଞ୍ଜ, ବଙ୍କସାହି, ମଠସାହି, କୁଆଁସ, ରାଜଘାଟ, ଚରମ୍ପା, ରାନ୍ଦିଆ ପ୍ରଭୃତି ଅଞ୍ଚଳରୁ ବାହାରିଥିବା ମେଢ଼ ସାମିଲ ହୋଇଥିଲେ । ଶୋଭାଯାତ୍ରା ବେଳେ ରାସ୍ତାର ଦୁଇପାଶ୍ୱର୍ରେ ହଜାର ହଜାର ପୁରୁଷ ମହିଳା ମେଢ଼ ଦେଖିବା ସହ ଶଙ୍ଖ, ହୁଳୁହୁଳି ମାଧ୍ୟମରେ ମେଢ଼ ଗୁଡ଼ିକୁ ସ୍ୱାଗତ କରିଥିଲେ । ଏହି ଶୋଭାଯାତ୍ରାରେ ମହାଯଜ୍ଞ ସମିତି ଉପଦେଷ୍ଟା ତଥା ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପି ଅଭିମନ୍ୟୁ ସେଠୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଭଟଳି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭାଜପା ଜିଲା ସଭାପତି ଭଗବାନ ପଣ୍ଡା, ସୁଧାଂଶୁ ଶେଖର ନାୟକ, ପ୍ରୟାସକାନ୍ତି ସାମଲ, ବଦ୍ରିନାରାୟଣ ଧଳ, ଦୀନବନ୍ଧୁ ପତି, ଅକ୍ଷୟ ସାହୁ ପ୍ରମୁଖ ସାମିଲ ହୋଇଥିଲେ । ମହାଯଜ୍ଞ ସମିତି ସଭାପତି ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସମ୍ପାଦକ ଶରତ ପଢ଼ିଆରୀ, ଉପସଭାପତି ପ୍ରଦୀପ୍ତ ବିଶ୍ୱାଳ, ସଂଯୋଜକ ଗୋବିନ୍ଦ ରାଉତ, ଉପସଭାପତି ଜଗନ୍ନାଥ ଦାସ, ସମ୍ପାଦକ ସ୍ୱାଧୀନ ସୁନ୍ଦର ଦାସ, ତୁଷାରକାନ୍ତ ଦାସ, ସଂଗ୍ରାମ ଆଚାର୍ଯ୍ୟ, ମାନସ ମହାନ୍ତି, ତପନ ମହାନ୍ତି, ଅକ୍ଷୟ ସାହୁ, ଶ୍ରୀହର୍ଷ ସ୍ୱାଇଁ, ଅମ୍ବିକା ପ୍ରସନ୍ନ ଦାଶ, ଦେବାଂଶୁ ରାଉତ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ । ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୌରାଧ୍ୟକ୍ଷା ଗୁଲମକ୍କୀ ଦଲାୱାଜି ହବିବ, କଂଗ୍ରେସ ଜିଲା ସଭାପତି ନଳିନୀକାନ୍ତ ମହାନ୍ତି, ଯୁବନେତା ଅସିତ୍ ପଟ୍ଟନାୟକ ଶୋଭାଯାତ୍ରାକାରୀଙ୍କୁ ନିଜ ଷ୍ଟଲରେ ରହି ସ୍ୱାଗତ କରିବା ସହ ଥଣ୍ଡା ପାନୀୟ ଓ ବିଭିନ୍ନ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏସ୍‌ପି ମନୋଜ ରାଉତଙ୍କ ନେତୃତ୍ୱରେ ଅତିରିକ୍ତ ଏସ୍‌ପି, ଡିଏସ୍‌ପି, ଇନ୍ସପେକଟର, ଏସ୍‌ଆଇ ଓ ଏଏସ୍‌ଆଇ ମାନଙ୍କୁ ନିୟୋଜିତ କରାଯାଇଥିବା ବେଳେ ୨୦ ପ୍ଲାଟୁନ ଫୋର୍ସ, ରାପିଡ ଆକ୍ସନ ଫୋର୍ସ, ବିଏସ୍‌ଏଫ୍ ଯବାନ ଓ କେନ୍ଦ୍ର ସୁରକ୍ଷା ବଳ ନିୟୋଜିତ ରହିଥିଲେ । ଏହା ସହ ସିସିଟିଭି ଓ ଡ୍ରୋନ୍ କ୍ୟାମେରା ଭିଡ଼ ଉପରେ ନଜର ରଖିଥିଲା । ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ସହର ଭିତରକୁ ଯାନ ବାହନ ଅପରାହ୍ନ ୪ଟାରୁ ନିଷିଦ୍ଧ କରାଯାଇଥିଲା ।

## ଦିନରେ...

ନୟାଗଡ, ଖୋର୍ଦ୍ଧା, କଟକ, ପୁରୀ, ଜଗତସିଂହପୁର, ଭଦ୍ରକ, କେନ୍ଦ୍ରାପଡା, କେନ୍ଦୁଝର ଦେବଗଡ଼, ସୁନ୍ଦରଗଡ, ସମ୍ବଲପୁର, ଝାରସୁଗୁଡା ,ବରଗଡ଼ ଓ ମାଲକାନଗିରି ସମେତ ୨୩ ଜିଲ୍ଲାରେ ବିଜୁଳି ଘଡଘଡି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ୩୦ରୁ ୫୦ କିମି ଝଟକା ପବନର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

# ମଲ୍ଲିପଦର ଆମ ଗାଁ ମହୋତ୍ସବ ଉଦ୍‌ଘାଟିତ

ବୋଲଗଡ଼ ,(ସବ୍ୟୁ): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ପଞ୍ଚାୟତର ମଲ୍ଲିପଦର ଠାରେ ୮ମ ଆମ ଗାଁ ମହୋତ୍ସବ -୨୦୨୬ ଉ"ାଟିତ ହୋଇଛି । ମୁଖ୍ୟ ଅତିଥି ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଏହାକୁ ଉ"ାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ସମାଜସେବୀ ମନୋଜ କୁମାର ପ୍ରଧାନ, ସମ୍ମାନୀତ ଅତିଥି ରୂପେ ବେଗୁନିଆ ପଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବେଗୁନିଆ ବ୍ଲକ ବିଜୁ ଜନତା ଦଳର ବ୍ଲକସଭାପତି ପ୍ରଶାନ୍ତ କୁମାର ବେହେରା, କଣ୍ଟାବାଡ଼ ପଂଚାୟତର ପୂର୍ବତନ ସମିତି ସଭ୍ୟ ସୁବାସ ଚନ୍ଦ୍ର ମହାନ୍ତି, ପ୍ରମୁଖ ଯୋଗ ଦେଇଥିଲେ । ମହୋତ୍ସବ କମିଟିର ଉପଦେଷ୍ଟା ଅମୀୟ ଭୂଷଣ ପଣ୍ଡା ସଭାପତିତ୍ୱ କରିଥିଲା ବେଳେ ମୃତ୍ୟୁଞ୍ଜୟ ପଣ୍ଡା ସଂଯୋଜନା କରିଥିଲେ । ଏହି ଅବସରରେ ବୋଲଗଡ଼ ବେଗୁନିଆ ଅଞ୍ଚଳରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ ଗଙ୍ଗାଧର ଦାଶ, ପ୍ରଦୀପ କୁମାର ପ୍ରଧାନ,ଆଦର୍ଶ ଶିକ୍ଷକ ଦିଲ୍ଲିପ କୁମାର ସାମନ୍ତରାୟ, ସିନେ ତାରକା ମିଲିସ୍ମୃତା ମହାପାତ୍ର,ଆଲିଶା ବାରିକ, ଶତାବ୍ଦୀ କାନୁନଗା ପ୍ରମୁଖଙ୍କୁ ଉଲେଖ୍ୟନୀୟ କାର୍ଯ୍ୟ ପାଇଁ ସମ୍ମାନୀତ କରାଯାଇଥିଲା । ଶେଷରେ ମହୋତ୍ସବ କମିଟିର ସଂପାଦକ ଶିଶିର କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ

# ରାମ ନବମୀରେ କଳିଙ୍ଗ ବୈଶ୍ୟ ଯୁବକ ସଂଘର ପ୍ରସାଦ ବଣ୍ଟନ



ରଣପୁର,(ସବ୍ୟୁ): ପବିତ୍ର ରାମନବମୀ ଉପଲକ୍ଷେ କଳିଙ୍ଗ ବୈଶ୍ୟ ଯୁବକ ସଘ ରଣପୁର (ପୁରୀ ଅଞ୍ଚଳ ) ତରଫରୁ ଅପରାହ୍ନ ଚାରି ଘଣ୍ଟିକା ସମୟରେ ରଣପୁର ପଞ୍ଚୁଦୋଳ ପଡିଆ ସ୍ଥିତ ରଘୁଦିବାକର ମଣ୍ଡପ ଠାରେ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାମନବମୀ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ଶୋଭାଯାତ୍ରା ଦେଖିବାକୁ ଆସିଥବା ହଜାର ହଜାର ଭକ୍ତଙ୍କୁ ଏହି ପ୍ରସାଦ ବଣ୍ଟନ କରାଯାଇଥିଲା । ଯୁବକ ସଘ ସଭାପତି ଲିଙ୍ଗରାଜ ନାୟକ ଓ ସମ୍ପାଦକ ପ୍ରମୋଦ କୁମାର ସେନାପତି ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମରେ ସଘ ସମସ୍ତ ସଦସ୍ୟ ସାହାଯ୍ୟ ସହଯୋଗ କରିଥିଲେ । ଚଳିତ ବର୍ଷ ଭଳି ପ୍ରତ୍ୟେକ ବର୍ଷ ଏହି ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ସଘ ସଭାପତି ଲିଙ୍ଗରାଜ ନାୟକ ସୂଚନା ପ୍ରଦାନ କରିଛନ୍ତି ।

# ବସନ୍ତପୁର ଶିରିଡ଼ି ସାଇ ମନ୍ଦିରରେ ଶ୍ରୀରାମ ନବମୀ ମହୋତ୍ସବ

ଗରଦପୁର (ସବ୍ୟୁ) : ଆଜି ଥିଲା ପବିତ୍ର ରାମ ନବମୀ । ଏହି ଅବସରରେ ଆଜି ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ମର୍ଯ୍ୟାଦା ପୁରୁଷ ପୁରୁଷୋତମ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳନ କରାଯାଇ ସମଗ୍ର ଦେଶ ଉତ୍ସବ ମୁଖର ହୋଇ ପଡ଼ିଛି । ଏହି ପବିତ୍ର ଅବସରରେ ଗରଦପୁର ବ୍ଲକ୍ ଅଧିନ ତେଣ୍ଡାକୁଡ଼ା ପଂଚାୟତ ଅନ୍ତର୍ଗତ ବସନ୍ତପୁର ଠାରେ ପ୍ରତିଷ୍ଠିତ ଶ୍ରୀ ଶ୍ରୀ ଶିରିଡ଼ି ସାଇ ମନ୍ଦିର ରେ ରାମ ନବମୀ ମହୋତ୍ସବ ସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳ ସାଢ଼େ ୫ ଟାରେ କାକଡ଼ ଆରତି, ସାଢ଼େ ୬ ଟାରେ ସ୍ନାନ ଆରତି,୯ ଟା ରେ ମହାଭିଷେକ ପୂଜା, ହୋମ ଓ ୧୨ ଟାରେ ମଧ୍ୟାହ୍ନ



ଆରତି ସମ୍ପନ୍ନ ହୋଇଥିଲା। ଏହି ପବିତ୍ର ଦିବସ ଅବସରରେ ମନ୍ଦିର ପରିସରରେ ଏକ ହାଇମାଷ୍ଟ ଲାଇଟ୍ ଉଦଘାଟିତ ହୋଇଥିଲା । ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଡ଼କ୍ଟର ରୁଦ୍ର ମହାନ୍ତି , ସମ୍ପାଦକ ସୁନିଲ ମହାନ୍ତି, ଟ୍ରଷ୍ଟ ସଦସ୍ୟ ସ୍ୱରୂପ ମହାନ୍ତି, କମଳ ମହାନ୍ତି, ଆଶିଷ ମହାନ୍ତି,ଦେବୀପ୍ରସାଦ ମହାନ୍ତି,ଅମିୟ କୁମାର ଦାସ, ସଂଯୁକ୍ତା ବିଶ୍ୱାଳ, ଜିତେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ଙ୍କ ଉପସ୍ଥିତିରେ ବ୍ରାହ୍ମଣ ପଣ୍ଡିତ ସନ୍ତୋଷ କୁମାର ଦାଶ ପୂଜାର୍ଚ୍ଚନା କରିବା ପରେ ସାମ୍ବାଦିକ ଡ଼କ୍ଟର ଦୀପ୍ତିରଂଜନ କାନୁନଗୋ ନଡ଼ିଆ ବାଡ଼େଇ ହାଇମାଷ୍ଟ ଲାଇଟ୍ ର ସୁଇଚ୍ ଅନ୍ କରି ଉଦଘାଟନ କରିଥିଲେ । ଏହାପରେ ପ୍ରସାଦ ସେବନ କରାଯାଇଥିଲା । ସନ୍ଧ୍ୟା ୫ ଟାରେ ଚଭାଡ଼ି ଯାତ୍ରା ଓ ସନ୍ଧ୍ୟା ୬ ଟାରେ ସନ୍ଧ୍ୟା ଆରତି ଅନୁଷ୍ଠିତ ହୋଇଥିଲା । ଗ୍ରାମ ତଥା ଆଖ ପାଖ ଅଂଚଳର ବହୁ ଶ୍ରଦ୍ଧାଳୁ ପୁରୁଷ ଓ ମହିଳା ରାମ ନବମୀ ଉତ୍ସବ ପାଳନରେ ସାମିଲ ହୋଇଥିଲେ ।

# ଶିବ ମନ୍ଦିର ପରିସରରେ ଶ୍ରୀରାମ ନବମୀ

ଢେଙ୍କିକୋଟ ,(ସବ୍ୟୁ) : ଢେଙ୍କିକୋଟ ଠାରେ ଥିବା ବାବା ବିଶନାଥ ମନ୍ଦିର ପରିସରରେ ଥିବା ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀ ରାମଚନ୍ଦ୍ର ,ମାତା ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତି ପୂଜାପାଠ କରାଯାଇ ଶ୍ରୀ ରାମ ନବମୀ ପାଳନ କରାଯାଇଛି । ପୂଜକ ଅଦ୍ୱୈତ ଶତପଥୀ ଏକ ମାହେନ୍ଦ୍ର ବେଳାରେ ପୂଜାର୍ଚ୍ଚନା କରିଥିଲେ । ପୂଜାରେ କର୍ତ୍ତା ଭାବେ ସୌମ୍ୟ ପ୍ରକାଶ ମଣ୍ଡଳ ଓ ତାଙ୍କ ସହ ଧର୍ମିଣୀ ବସିଥିଲେ । ହୋମଯଜ୍ଞ ସହିତ ନୀତିକାର୍ଯ୍ୟ ,ପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଥିଲା । ନିମନ୍ତ୍ରିତ ହୋଇ ସାମ୍ବାଦିକ ସଞ୍ଜୟ କୁମାର ସାହୁ ଓ ଅନ୍ୟାନ୍ୟ ଭକ୍ତ ମାନଙ୍କ ଗହଳି ଲାଗିଥିଲା । ପୂଜାପାଠ, ହୋମ ଯଜ୍ଞରେ ମନ୍ଦିର ପରିସର ଭକ୍ତିମୟ ହୋଇ ଉଠିଥିଲା ।

# ଢ଼ାବା କର୍ମଚାରୀଙ୍କୁ ହତ୍ୟା ଘଟଣା : ୨ ଅଭିଯୁକ୍ତ ଗିରଫ

ବାଲୁଗାଁ ,(ସବ୍ୟୁ): ବାଲୁଗାଁ ବାଇପାସ ରାସ୍ତାର ସୁବୁଦ୍ଧି ପାଟଣା ଛକ ସ୍ଥିତ ପଣ୍ଡା ଢାବାରେ କାର୍ଯ୍ୟରତ ଭିନ୍ନକ୍ଷମ ଯୁବକ ପପୁ ଦଳବେହେରାଙ୍କୁ ଗତ ବୁଧବାର ରାତ୍ରିରେ ଗଳା କାଟି ହତ୍ୟା କରାଯାଇଥିଲା । ଘଟଣାର ଦିନକ ପରେ ଏହି ନୃଶଂସ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିଛି ପୋଲିସ । ଏହି ଘଟଣାରେ ପୋଲିସ ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ତଥା ପପୁର ସାଥି କର୍ମଚାରୀ ଶାନ୍ତନୁ ପ୍ରଧାନଙ୍କୁ ଗିରଫ କରିଛି ।ଏଥି ସହ ଘଟଣାକୁ ଭିନ୍ନମୋଡ଼ ଦେବା ପାଇଁ ସମ୍ପୃକ୍ତ ଢ଼ାବା ମାଲିକ ପ୍ରୟାସ କରିଥିବା ନେଇ ପୋଲିସର ତଦନ୍ତରେ ଜଣାପଡିଥିଲା । ଉକ୍ତ ଢ଼ାବା ମାଲିକ ମନୋରଞ୍ଜନ ବେହେରାଙ୍କୁ ମଧ୍ୟ ପୋଲିସ ଗିରଫ କରିଛି । ମୋବାଇଲ ଦେଖାକୁ ନେଇ ବଚସା ଏବଂ ପରେ ଏହି ହତ୍ୟାକାଣ୍ଡ ଭିଆଇଥିବା ଅଭିଯୁକ୍ତ ଶାନ୍ତନୁ ପୋଲିସ ଆଗରେ ସ୍ୱୀକାର କରିଛି । ଗୁରୁବାର ଅଭିଯୁକ୍ତ ଶାନ୍ତନୁକୁ ଘଟଣା ସ୍ଥଳକୁ ଆଣି ପୋଲିସ କ୍ରାଇମ ସିନ ରିକ୍ରିଏସନ କରିଥିଲା । ଅଭିଯୁକ୍ତ କେମିତି ହତ୍ୟାକାଣ୍ଡ ଘଟାଇଥିଲା ଗୋଟି ଗୋଟି କରି ବଖାଣି ଥିଲା । ହତ୍ୟାରେ ବ୍ୟବହୃତ ଏକ ଧାରୁଆ ଛୁରୀ, ଏବଂ ଗୋଟେ ଗାମୁଛାକୁ ଢ଼ାବା ପାଶ୍ୱର୍ ଏକ ବୁଦା ମୂଳରୁ ଜବତ କରିଛି ପୋଲିସ । ଅଭିଯୁକ୍ତ ଦ୍ୱୟଙ୍କୁ ଶୁକ୍ରବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି ।ସ୍ଥାନୀୟ ବିଧାରପୁର ଗ୍ରାମର ମନୋରଞ୍ଜନ ବେହେରାଙ୍କ ଢାବାରେ ବାଣପୁର ଥାନା ଅଧିନ ଏକ ଡାଳିଆ ଗ୍ରାମର ପପୁ ଦଳବେହେରା (୨୨) ଏବଂ ମଙ୍ଗରାଜପୁର ଗ୍ରାମର ଶାନ୍ତନୁ ପ୍ରଧାନ (୨୪) ତିନି ମାସ ହେଲା କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ । ଦୁଇ ଦିନ ପୂର୍ବରୁ କୌଣସି କାରଣ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେଇଥିଲା ଘଟଣା ଦିନ ବିଳମ୍ବିତ ରାତ୍ରିରେ ଶାନ୍ତନୁ ଶୋଇପଡିବା ପରେ ତା ମୋବାଇଲ ଆଣି ପପୁ ଦେଖୁଥିଲା ଶାନ୍ତନୁ ଜାଣିବାପରେ ତାକୁ ବାରଣ କରିଥିଲା ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରଥମେ ବଚସା ଏବଂ ପରେ ହାତାହାତି ହୋଇଥିଲେ ଉତକ୍ଷିପ୍ତ ହୋଇ ଶାନ୍ତନୁ ଏକ ଭଙ୍ଗା କାଚରେ ପପୁର ବେକକୁ ଆକ୍ରମଣ କରିଥିଲା । ପପୁ ରକ୍ତାକ୍ତ ଅବସ୍ଥାରେ ବାହାରକୁ ଦୌଡ଼ିଥିଲା । ଅଭିଯୁକ୍ତ ତା ପଛରେ ଗୋଡ଼ାଇ ଯାଇ ଏକ ଧାରୁଆ ଛୁରୀରେ ବିଲ ଭିତରେ ତା ବେକକୁ ଅତି ନୃଶଂଶ ଭାବରେ କାଟି ଦେଇଥିଲା । ଫଳରେ ଘଟଣା ସ୍ଥଳରେ ହିଁ ପପୁର ମୃତ୍ୟୁ ହୋଇଯାଇଥିଲା ଏହା ପରେ ଅଭିଯୁକ୍ତ ରାତି ପ୍ରାୟ ୪ ଘଟିକା ସମୟରେ ଢ଼ାବା ମାଲିକକୁ ଫୋନ କରି ପପୁ କୁଆଡେ ପଳେଇଥିବା କହିଥିଲା ମାଲିକ ମନୋରଞ୍ଜନ ଢାବାରେ ପହଞ୍ଚି ଏକାଧିକ ସ୍ଥାନରେ ରକ୍ତ ଛିଟା ପଡ଼ିଥିବା ଦେଖିବା ପରେ ଶାନ୍ତନୁ ସବୁ କଥା ମାନିଯାଇଥିଲା । ତେବେ ଢ଼ାବା ବଦନାମ ନ ହେବା ପାଇଁ ସେ ଘଟଣାକୁ ଭିନ୍ନ ମୋଡ଼ ଦେବା ଉଦ୍ଦେଶ୍ୟରେ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ ସକାଳୁ ପପୁକୁ ରକ୍ତ ଜୁଡୁ ବୁଡୁ ଅବସ୍ଥାରେ ବାଲୁଗାଁ ଡାକ୍ତରଖାନାକୁ ନେଇଥିଲେ ସେଠାରେ ଡାକ୍ତର ପପୁକୁ ମୃତ ଘୋଷଣା କରିଥିଲେ ଅଭିଯୋଗକୁ ଭିତ୍ତି କରି ବାଲୁଗାଁ ପୋଲିସ ୧୧୬/୨୬ ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା । ବାଲୁଗାଁ ଏସ ଡ଼ି ପି ଓ ସଞ୍ଜୟ ପଟ୍ଟନାୟକ ଏବଂ ବାଲୁଗାଁ ଆଇ ଆଇ ସି ଜୟ ପ୍ରକାଶ ପରିଡାଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯାଇ ଏହି ହତ୍ୟାକାଣ୍ଡର ପର୍ଦ୍ଦା ଫାଶ ହୋଇଥିଲା ।

# ଯଶୁଆପୁର ମହୋତ୍ସବ ଉଦ୍‌ଘାଟିତ



ବାଲିଅନ୍ତା (ସବ୍ୟୁ) : ଖୋର୍ଦ୍ଧା ବାଲିଅନ୍ତା ବ୍ଲକ ଅଧିନସ୍ଥ ଯଶୁଆପୁର ଗ୍ରାମରେ '୯ମ ଯଶୁଆପୁର ମହୋତ୍ସବ' ଯଶୁଆପୁର ବିକାଶ ପରିଷଦ ପକ୍ଷରୁ ଉଦଘାଟିତ ହୋଇଯାଇଛି । ପରିଷଦର ସଭାପତି ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଚିତ୍ରେଶର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡଃ ଅରବିନ୍ଦ ଢ଼ାଲି , ରଶ୍ମି ମହାପାତ୍ର, ବିଦ୍ଯୁଭୂଷଣ ପଟ୍ଟନାୟକ, ସୁବ୍ରତ ମହାନ୍ତି, ସତ୍ୟ ନାରାୟଣ ଛାଟୋଇ, ଦୀନବନ୍ଧୁ ଭୋଇ , ବ୍ରହ୍ମାନନ୍ଦ ସ୍ୱାଇଁ , ଜୟକୃଷ୍ଣ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମହୋତ୍ସବର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା ।ତପନ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆନି ଶତପଥୀ ମଞ୍ଚ ପରିଚାଳନା କରିଥିଲେ । ଚଢେଇବର ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଓ ଏକାମ୍ର ନାଟ୍ୟ ସଂସଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।ଉଦଘାଟନୀ ସନ୍ଧ୍ୟାରେ ଯଶୁଆପୁରର ଆଧ୍ୟାତ୍ମିକ ପରିବେଶ ଓ ସାଂସ୍କୃତିକ ଗାରିମା ଉଜ୍ଜୀବିତ ହୋଇଉଠିଥିଲା ।

# କୃଷ୍ଣଚନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାମନବମୀ ଉତ୍ସବ

ସୋର, (ସବ୍ୟୁ):ସୋର କୃଷ୍ଣଚନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପବିତ୍ର ରାମନବମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଖଗେଶ୍ୱର ସ୍ୱାଇଁ ଶୁଭାରମ୍ଭ କରି ମର୍ଯ୍ୟଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଆବିର୍ଭାବର ମହତ୍ୱ ଏବଂ ସମାଜ ଗଠନରେ ରାମାୟଣର ଭୂମିକା ସଂପର୍କରେ ଉପାଦେୟ ତଥ୍ୟମାନ ପରିବେଷଣ କରିଥିଲେ । ମୁଖ୍ୟବକ୍ତା ଆଚାର୍ଯ୍ୟା ମଞ୍ଜୁଲତା ଶିଅଳ ଶିଶୁମାନଙ୍କୁ ପ୍ରଭୁ ଶ୍ରୀରାମଙ୍କ ଜନ୍ମ ବୃତ୍ତାନ୍ତ ଏବଂ ରାମାୟଣର ବିଭିନ୍ନ କାଣ୍ଡ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟର କୋଷାଧ୍ୟକ୍ଷ ପ୍ରଭାସଚନ୍ଦ୍ର ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ । ଆଚାର୍ଯ୍ୟ ସଞ୍ଜୟ କୁମାର ପତି ଅତିଥି ପରିଚୟ ପ୍ରଦାନ ଏବଂ ଆଚାର୍ଯ୍ୟା ସଂଯୁକ୍ତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ବନ୍ଦେମାତରଂ ରାଷ୍ଟ୍ରୀୟ ସଂଗୀତର ସମବେତ ଗାନ ପରେ ସଭାକାର୍ଯ୍ୟ ଶେଷ ହୋଇଥିଲା ।

# ୩୧ କୁ ବଢ଼ିଲା ଧାନ କ୍ରୟ ସମୟସୀମା

ବାଲେଶ୍ୱର ,(ସବ୍ୟୁ):ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଧାନ କ୍ରୟର ସମୟସୀମା ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଆଲୋଚନା କରିବା ପରେ, ସାଂସଦଙ୍କ ଦାବି ମୁତାବକ ସମୟସୀମା ମାର୍ଚ୍ଚ ୨୫ରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସହିପରି ଦଳେଇ ସାହି ସ୍ଥିତ ହନୁମାନ ବାଟିକା ଠାରେ ଶ୍ରୀ ରାମ ନବମୀ ଜମୁଛି । ଆଗକୁ ଆହୁରି ଦୁଇଦିନ ଧରି ଚାଲିବ ।

# ଶ୍ରୀରାମ ଚରିତ ମାନସ ପାରାୟଣ ଓ ମହାଯଜ୍ଞ

ଫୁଲନଖରା ,(ସବ୍ୟୁ):ଭୁବନେଶ୍ୱର ସହରର ୪ ନମ୍ବର ଓ୍ୱାର୍ଡ ଅନ୍ତର୍ଗତ ଫୁଲନଖରା ସ୍ଥିତ ନଖରା ଅଞ୍ଚଳରେ ଥିବା ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ପୀଠସ୍ଥଳୀରେ ଅବସ୍ଥିତ ଶ୍ରୀ ଶ୍ରୀ ଶ୍ରୀରାମ ମନ୍ଦିର ପରିସରରେ ୪୮ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଗଭୀର ଭକ୍ତି ଓ ଆଡମ୍ବର ସହ ପାଳିତ ହୋଇଯାଇଛି । ଏହି ପବିତ୍ର ଧାର୍ମିକ ଆୟୋଜନ ଗତ ୧୯ ତାରିଖରୁ ଆରମ୍ଭ ହୋଇ ୯ ଦିନ ବ୍ୟାପୀ ଚାଲିଥିଲା ଏବଂ ୨୭ ତାରିଖ ସନ୍ଧ୍ୟାରେ ପବିତ୍ର ଶ୍ରୀ ରାମ ନବମୀ ତିଥିରେ ମହାଯଜ୍ଞ ପୂର୍ଣ୍ଣାହୂତି ସହ ଶେଷ ପାଇଥିଲା । ଏହି ଅବସରରେ ସମଗ୍ର ପୀଠ ପରିସର ଭକ୍ତିମୟ ପରିବେଶରେ ମୁUଁ ହୋଇଯାଇଥିଲା । ଉକ୍ତ ପାରାୟଣ ଓ ମହାଯଜ୍ଞରେ ବହୁ ସାଧୁସନ୍ଥ ଓ ଧାର୍ମିକ ବ୍ୟକ୍ତିବିଶେଷ ଯୋଗଦେଇ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀ ରାମଙ୍କ ନାମ ସ୍ମରଣ କରି ଆଶୀର୍ବାଦ ଲାଭ କରିଥିଲେ । ୯ ଦିନ ଧରି ନିରନ୍ତର ଶ୍ରୀରାମ ଚରିତ ମାନସ ପାଠ, ଭଜନ-କୀର୍ତ୍ତନ ଓ ଯଜ୍ଞ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଭକ୍ତମାନଙ୍କ ମଧ୍ୟରେ ଅପାର ଆଧ୍ୟାତ୍ମିକ ଉତ୍ସାହ ଦେଖିବାକୁ ମିଳିଥିଲା । ପୂର୍ଣ୍ଣାହୂତି ସନ୍ଧ୍ୟାରେ ବାଜା, ବାଣ, ହରିବୋଲ ଧ୍ୱନି ଓ ହୁଳହୁଳିରେ ପୀଠ ପରିସର ଉଲ୍ଲାସରେ ମୁUଁ ହୋଇଯାଇଥିଲା । ଶହ ଶହ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଏହି ଅବସରରେ ଉପସ୍ଥିତ ହୋଇ ଭକ୍ତିର ସହିତ ଯଜ୍ଞରେ ଅଂଶଗ୍ରହଣ କରିଥିଲେ ଏବଂ ଆନନ୍ଦ ବଜାରରେ ପ୍ରସାଦ ସେବନ କରି ଆତ୍ମସନ୍ତୋଷ ଲାଭ କରିଥିଲେ । ସ୍ଥାନୀୟ ଅଞ୍ଚଳରେ ଏହି ପାରାୟଣ ଉତ୍ସବ ଦୀର୍ଘଦିନ ଧରି ଏକ ଆଧ୍ୟାତ୍ମିକ ପରମ୍ପରା ଭାବେ ପାଳିତ ହୋଇଆସୁଛି ଏବଂ ପ୍ରତିବର୍ଷ ଏହା ଅଧିକ ଭକ୍ତମାନଙ୍କୁ ଆକର୍ଷିତ କରୁଛି । ଉଲ୍ଲେଖନୀୟ, ଏହି ଶ୍ରୀରାମ ମନ୍ଦିରର ପ୍ରତିଷ୍ଠାତ୍ରୀ ବିଜୟଲକ୍ଷ୍ମୀ ଲେଙ୍କାଙ୍କ ଉଦ୍ୟମ ଓ ଅନୁପ୍ରେରଣାରେ ଏହି ଧାର୍ମିକ ପରମ୍ପରା ଆଜି ପର୍ଯ୍ୟନ୍ତ ଅବିରତ ଭାବେ ଚାଲିଆସୁଛି । ସମଗ୍ର କାର୍ଯ୍ୟକ୍ରମ ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ଚେତନାରେ ଭରିଥିବା ଏକ ଅବିସ୍ମରଣୀୟ ଅନୁଭବ ହୋଇ ରହିଯାଇଛି ।

**AFFIDAVIT**

By virtue of an affidavit sworn before Executive Magistrate Tirtol, dated 09.03.2026, I Akshya Kumar Mohanty, Address At- Hasimnagar, Po- Tiran, Dist- Jagatsinghpur, Odisha, 754138. declare that I have changed my name from **Akshay Kumar Mohanty** to **Akshya Kumar Mohanty.** Henceforth, I shall be known as **Akshya Kumar Mohanty** for all purposes.

**(Akshya Kumar Mohanty)**

**AFFIDAVIT**

By virtue of an affidavit sworn before Executive Magistrate Tirtol, dated 07.03.2026, I Dege Marndi, Address At- Nausira, Po- Tirtol, Dist- Jagatsinghpur,Odisha, 754137declare that I have changed my name from **Dega Murmu** to **Dege Marndi**. Henceforth, I shall be known as **Dege Marndi Mohanty** for all purposes.

**(Dege Marndi)**

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୭୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୦୩୭୦୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୪୩୭୬୭୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୮୨୫୪୯୫୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୬୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୭୬୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୬, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୭୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୪୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୭୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

### କଟକରେ ଗ୍ରାମୀଣ ଜଳର ସ୍ଥାୟୀତ୍ୱକୁ

## ପ୍ରୋତ୍ସାହନ ଦେଉଛି ଡାଲମିଆ ଭାରତ ଫାଉଣ୍ଡେସନ୍

ଭୁବନେଶ୍ୱର (ସବ୍ୟୁ): ସ୍ଥାୟୀ ଗ୍ରାମୀଣ ବିକାଶ ଏବଂ ଜଳ ପରିଚାଳନା ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରି, ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍‌ର ସିଏସଆର୍ ଶାଖା ଡାଲମିଆ ଭାରତ ଫାଉଣ୍ଡେସନ୍ (ଡିବିଏଫ୍) କଟକର କାନପୁର ଗ୍ରାମରେ ବାଉତିଝର ପୋଖରୀର ଉଦ୍‌ଘାଟନ କରିଛି। ପଞ୍ଚାୟତ ସମିତି ସଭ୍ୟ ତଥା ଅନ୍ୟାନ୍ୟ ମାନ୍ୟଗଣ୍ୟ ଗ୍ରାମ୍ୟ ନେତାଙ୍କ ଉପସ୍ଥିତିରେ ଡିସିବିଏଲ୍ କେସିଡବ୍ଲ୍ୟୁର ୟୁନିଟ୍ ହେଡ୍ ଦେବୀ ପ୍ରସାଦ ଦାସ ଏବଂ ଗରୁଡ଼ଗାଁ ସରପଞ୍ଚ ସୁଶ୍ରୀ ଦୀପ୍ତିମୟୀ ବେହେରାଙ୍କ ଦ୍ୱାରା ଏହି ପୋଖରୀଟି ଉଦ୍‌ଘାଟିତ ହୋଇଥିଲା। ବାଉତିଝର ପୋଖରୀର ଜଳ ଧାରଣ କ୍ଷମତା ପାଖାପାଖି ୯୦୦ ଘନ ମିଟର ରହିଛି। ଏହି ବ୍ୟାପକ କ୍ଷମତା ସ୍ଥାନୀୟ ଜଳ ଆବଶ୍ୟକତା ପୂରଣ କରିବା, ଭୂତଳ ଜଳସ୍ତର ବୃଦ୍ଧିରେ ସହାୟକ ହେବା ଏବଂ ଗ୍ରାମରେ ସାମଗ୍ରିକ ଜଳ ସୁରକ୍ଷାକୁ ବଢ଼ାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ଏହା ସହିତ, ଡାଲମିଆ ଭାରତ ଫାଉଣ୍ଡେସନ ପକ୍ଷରୁ ଏକାଧିକ ଗ୍ରାମରେ ପୋଖରୀ ପୁନରୁଦ୍ଧାର ପଦକ୍ଷେପ ଗ୍ରହଣ କରାଯାଉଛି । ଏଥିରେ କୁସୁପଡ଼ା ଗ୍ରାମର ଅଳଖରା ପୋଖରୀ (୧୮୦ ହିତାଧିକାରୀ),



କାନପୁର ଗ୍ରାମର ବାଉତିଝର ପୋଖରୀ, ଅମିୟାଝରୀ ଗ୍ରାମର ଭାଲୁଖାଇ ପୋଖରୀ, କହ୍ନେଇପୁରର ଧନୁ ସାହୁ ଠେଙ୍ଗାପୋଖରୀ, ବୈରୀ ଗ୍ରାମର କଇଁଥି ଗାଡ଼ିଆ ପୋଖରୀ ଏବଂ ଅମିୟାଝରୀ ଗ୍ରାମର ନୂଆଖାଇ ପୋଖରୀ ସାମିଲ ରହିଛି। ସାମୂହିକ ଭାବେ ଏହି ଛଅଟି ଗଠନ ପ୍ରାୟ ୫,୪୦୦ ଘନ ମିଟର ଜଳଧାରଣ କ୍ଷମତା ସୃଷ୍ଟି କରୁଥିବା ବେଳେ, ସାମଗ୍ରିକ ଭାବେ ପ୍ରାୟ ୧୦୦୦ ଜଣ ହିତାଧିକାରୀ ଉପକୃତ ହେବେ। ଏହି ବ୍ୟାପକ କ୍ଷମତା ସ୍ଥାନୀୟ ଜଳ ଆବଶ୍ୟକତା ପୂରଣ କରିବା, ଭୂତଳ ଜଳସ୍ତର ବୃଦ୍ଧିରେ ସହାୟକ ହେବା ଏବଂ ଗ୍ରାମରେ ସାମଗ୍ରିକ ଜଳ ସୁରକ୍ଷାକୁ ବଢ଼ାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।

ଏହି ପଦକ୍ଷେପ ସମ୍ପର୍କରେ ଡିସିବିଏଲ୍ କେସିଡବ୍ଲ୍ୟୁର ୟୁନିଟ୍ ହେଡ୍ ଦେବୀ ପ୍ରସାଦ ଦାସ କହିଛନ୍ତି ଯେ, ଦାୟିତ୍ୱବାନ ଜଳ ପରିଚାଳନା ଏବଂ ସ୍ଥାୟୀ ସାମୁଦାୟିକ ବିକାଶ ପ୍ରତି ଡାଲମିଆ ଭାରତ ଏହାର ପ୍ରତିବଦ୍ଧତା ଉପରେ ଅଟଳ ରହିଛି। ଏହି ପଦକ୍ଷେପ ଜଳ ସୁରକ୍ଷାକୁ ବଢ଼ାଇବ, ସ୍ଥାନୀୟ ଜୀବିକାକୁ ସହାୟତା କରିବ ଏବଂ ଦୀର୍ଘମିଆଦୀ ପରିବେଶ ସ୍ଥାୟୀତ୍ୱ କ୍ଷେତ୍ରରେ ଯୋଗଦାନ ଦେବ। ଆମେ ସମାଜ ପାଇଁ ଦୀର୍ଘସ୍ଥାୟୀ ମୂଲ୍ୟ ସୃଷ୍ଟି କରୁଥିବା ଏଭଳି ପ୍ରଭାବଶାଳୀ ପଦକ୍ଷେପଗୁଡ଼ିକୁ ଆଗକୁ ବଢ଼ାଇବା ଜାରି ରଖିବୁ। ଡାଲମିଆ ଭାରତ ଫାଉଣ୍ଡେସନ ଜଳ ସଂରକ୍ଷଣ, ଜୀବିକା ନିର୍ବାହର ଉନ୍ନତି ଏବଂ ସମ୍ପ୍ରଦାୟର ବିକାଶ ଦିଗରେ ନିରନ୍ତର ଭାବେ ପ୍ରଭାବଶାଳୀ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରୁଛି। ସମାଜକୁ ଦୀର୍ଘକାଳୀନ ଫାଇଦା ପ୍ରଦାନ କରୁଥିବା ବ୍ୟାପକ ତଥା ସ୍ଥାୟୀ ସମାଧାନ ସୃଷ୍ଟି କରିବା ଉପରେ ଫାଉଣ୍ଡେସନ୍ ନିଜର ଧ୍ୟାନ କେନ୍ଦ୍ରୀଭୂତ ରଖିଛି।

### ମୁଣ୍ଡଳିରେ ବାରାହା ଆତଙ୍କ

ବାରଙ୍ଗ , (ସବ୍ୟୁ) ଗତ କିଛିଦିନ ହେବ ମୁଣ୍ଡଳି ଅଂଚଳରେ ଜଙ୍ଗଲି ବାରାହାମାନଙ୍କ ଆତଙ୍କ ଦେଖାଦେଇଛି ।ବାରାହାମାନଙ୍କ ଉପଦ୍ରବ ଯୋଗୁଁ ଚାଷୀମାନଙ୍କ ସହ ସାଧାରଣ ଲୋକଙ୍କୁ ହିନସ୍ତା ହେବାକୁ ପଡୁଛି ।ବିଶେଷ କରି ଗତ କିଛିଦିନ ହେବ ମୁଣ୍ଡଳି ଅଂଚଳରେ ଏମାନଙ୍କ ଦୌରାତ୍ମ୍ୟ ବଢ଼ିବଢ଼ି ଚାଲିଥିବାର ଜଣାପଡିଛି ।ଅଭୟାରଣ୍ୟରେ ଆବଶ୍ୟକତା ପରିମାଣର ଖାଦ୍ୟ ନମିଳିବାରୁ ସେମାନେ ଖାଦ୍ୟ ଅନେଓ୍ୱଷଣରେ ଗାଁ ମୁହା ହୋଇଛନ୍ତି ।ଶୀତଦିନେ ହାତୀମାନଙ୍କ ଦୌରାତ୍ମ୍ୟ ଦେଖାଦେଉଥିବା ବେଳେ ଏବେ ଜଂଗଲୀ ବାରହାମାନଙ୍କ ଉତ୍ପାତ ଚାଷୀମାନଙ୍କ ପାଇଁ କାଳ ସାଜିଛି ।ଏହାର ନିରାକରଣ ପାଇ ଚାଷୀମାନଙ୍କଠାରୁ ଆରମ୍ଭ କରି ସଚେତନଶିଳ ନାଗରିକମାନେ ଡମପଡା ଅଭୟାରଣ୍ୟର ଅଧିକାରୀ ମାନଙ୍କୁ ଅବଗତ କରାଇଥିଲେ ମଧ୍ୟବାରହାମାନଙ୍କୁ ଘଉଡାଇବା ପାଇଁ କୌଣସି ଉଦ୍ୟମ କରାଯାଇଥିବାର ଜଣାପଡିଛି ।

## ବୈଶାଖୀ ବାଣିଜ୍ୟ ମେଳାରେ ଫ୍ରିଡମ ଷ୍ଟଲ ଉଦ୍‌ଘାଟିତ




କଟକ, (ସ୍ୱପ୍ର): କଟକ ସହରରେ ଐତିହାସିକ ବାଲିଯାତ୍ରା ପରେ ବୈଶାଖୀ ବାଣିଜ୍ୟ ମେଳା ସହରବାସୀଙ୍କ ମନରେ ମିନି ବାଲିଯାତ୍ରାର ଭ୍ରମ ସୃଷ୍ଟି କରିଥାଏ । ଏହି ଅବସରରେ ଉପର ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ବୈଶାଖୀ ବାଣିଜ୍ୟ ମେଳାରେ ଫ୍ରିଡମ ଷ୍ଟଲ ଉଦଘାଟିତ ହୋଇଯାଇଛି । ଏହି ଷ୍ଟଲକୁ ସୁନାମଧନ୍ୟ ସର୍ଜରୀ ବିଶେଷଜ୍ଞ ଡାକ୍ତର ଉମେଶ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଦୈନନ୍ଦିନ ଜୀବନରେ ଖାଦ୍ୟରେ ଅପମିଶ୍ରଣ ବଢ଼ିବାରେ ଲାଗିଛି । ତେଣୁ ସୁସ୍ଥ ଓ ସତେଜ ଶରୀର ପାଇଁ ସନ୍ତୁଳିତ ଆହାରର ନିତ୍ୟାନ୍ତ ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ବାଣିଜ୍ୟ ମେଳାରେ ଫ୍ରିଡମ୍ ପକ୍ଷରୁ ସମସ୍ତ ତେଲ ଉପରେ ଆକର୍ଷଣୀୟ ରିହାତି ରହିଥିବା ବେଳେ ପ୍ରତ୍ୟେକ ୫ ଲିଟର ରିଫାଇନ ଏବଂ ସୋରିଷ ତେଲର କମ୍ବୋ ଅଫରରେ ଗୋଟିଏ ଶ୍ରୀ କୃପା ପୂଜା ତେଲ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି ବୋଲି ଫ୍ରିଡମର ଓଡ଼ିଶା ହେଡ ଅମିୟ କୁମାର ଧଳ ସୂଚନା ପ୍ରଦାନ କରିଛନ୍ତି । ଏଥିସହ ଏହି ମେଳାକୁ ଆସୁଥିବା ପ୍ରତ୍ୟେକ ଯାତ୍ରୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଫ୍ରିଡମ ଖାଆନ୍ତୁ ଏବଂ ଫ୍ରିଡମରେ ରୁହନ୍ତୁ ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରକାଶ ପାତ୍ର, ଶରତ ପରମାଣିକ, ଅମିତ କୁମାର ମହାନ୍ତି, ଜୀବନ ବେହେରା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ ।

## ବିଜେବି କଲେଜ ଆଲୁମିନି ଆସୋସିଏସନ କାର୍ଯ୍ୟକର୍ତ୍ତାଙ୍କ ସଫେଇ କାର୍ଯ୍ୟ

ଭୁବନେଶ୍ୱର, (ସୁବ୍ୟ): ଓଡିଶାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ବିଜେବି ଅଟୋନମସ କଲେଜର ଆଲୁମିନି ଆସୋସିଏସନର ନବନିର୍ବାଚିତ କାର୍ଯ୍ୟକାରିଣୀ ସଦସ୍ୟମାନେ ୨୩ ତାରିଖରେ ଶପଥ ଗ୍ରହଣ କରିଥିଲେ। ଶପଥ ଗ୍ରହଣ ପରେ ସେମାନେ ତାଙ୍କର ପ୍ରଥମ କାର୍ଯ୍ୟ ଭାବେ, କଲେଜ ପରିସର ସଫେଇ ଅଭିଯାନ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଥମେ ବିଜେବି ଫ୍ରେଣ୍ଡସ୍ ର ପରଲୋକଗତ ସମସ୍ତ ଆଲୁମିନା ସଦସ୍ୟମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଗୋଟିଏ ମିନିଟ୍ ନିରବତା ପାଳନ କରିଥିଲେ। ଏହାପରେ ପବିତ୍ର ରାମନବମୀ ଅବସରରେ ଆଲୁମିନି ଆସୋସିଏସନର ପ୍ରାୟ ୪୦ରୁ ଅଧିକ ସଦସ୍ୟ କଲେଜ ପ୍ରାଙ୍ଗଣକୁ ସ୍ୱଚ୍ଛ କରିବା ପାଇଁ




ସ୍ୱଇଚ୍ଛାରେ ଯୋଗଦେଇଥିଲେ। ସେମାନଙ୍କର ଏହି ସ ମା ଜ ସେ ବା ମୂ ଳ କ ପଦକ୍ଷେପକୁ ସ୍ଥାନୀୟ ଲୋକମାନେ ଓ କଲେଜ ପରିବାର ଉଚ୍ଚ ପ୍ରଶଂସା କରିଛନ୍ତି। ଆଲୁମିନି ଆସୋସିଏସନର ସଦସ୍ୟମାନେ ଆଗାମୀ ଦିନରେ ମଧ୍ୟ ଏଭଳି ସେବାମୂଳକ କାର୍ଯ୍ୟ ଜାରି ରଖିବା ସହ କଲେଜର ଉନ୍ନତି ଓ ସମାଜର ମଙ୍ଗଳ ପାଇଁ ସଦା ନିବେଶିତ ରହିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଉପରେ

## ଭାଟ୍ ହ୍ରାସ ପାଇଁ ଦାବି ଉଠାଇଲା ବିଜେଡି

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ସରକାରଙ୍କ ଦ୍ୱାରା ପେଟ୍ରୋଲ ଓ ଡିଜେଲର ଏକ୍ସସାଇଜ ଦରରେ ଲିଟର ପ୍ରତି ଦଶ ଟଙ୍କା ହ୍ରାସ କରିବା ପରେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଥିବା ବେଳେ ବିଜୁ ଜନତା ଦଳ ପେଟ୍ରୋଲ ଓ ଡିଜେଲ ଉପରେ ରାଜ୍ୟ ଲାଗୁ କରିଥିବା ଭାଟ୍‌କୁ ହ୍ରାସ

### ଏକ୍ସସାଇଜ୍ ଦର ହ୍ରାସ ପର୍ଯ୍ୟାପ୍ତ ନୁହେଁ

କରିବା ପାଇଁ ଦାବି ରଖିଛି । ବିଜେଡି ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ, ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ସମ୍ପ୍ରତି ଇସ୍ରାଏଲ, ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ଲାଗିଥିବା ବେଳେ ସମଗ୍ର ବିଶ୍ୱରେ ଇନ୍ଧନ ସଙ୍କଟ ଦେଖା ଦେଇଛି, ଯାହାକୁ ନେଇ ଜନସାଧାରଣ ମନରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ମିଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ଯଦିଓ ସରକାରଙ୍କ ତରଫରୁ ବାରମ୍ବାର ସଙ୍କଟ ସ୍ଥିତି ଆସିନାହିଁ ବୋଲି ସୂଚନା ଦିଆଯାଉଛି, ତଥାପି ଏହା ଜନସାଧାରଣଙ୍କ ମନରୁ ସନ୍ଦେହ ଦୂର କରିପାରି ନାହିଁ । ଏହି ପରିସ୍ଥିତିରେ, କେନ୍ଦ୍ର ସରକାର ପେଟ୍ରୋଲ, ଡିଜେଲର ଏକ୍ସସାଇଜ ଦର ଉପରେ ପ୍ରତି ଲିଟର ଦଶ ଟଙ୍କା କମାଇଛନ୍ତି । କିନ୍ତୁ, କେଉଁ ପରିପ୍ରେକ୍ଷୀରେ ଏକ୍ସସାଇଜ ଦର କମାଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ । ପେଟ୍ରୋଲ ଓ ଡିଜେଲ ମିଳିବାରେ ସମସ୍ୟା ଦେଖା ଦେଇଥିବାରୁ ଏହାର ମୂଲ୍ୟ ବୃଦ୍ଧି ପାଇବାର ଆଶଙ୍କା ରହିଛି । ଦରବୃଦ୍ଧି ହେଲେ ଜନ ଆକ୍ରୋଶରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ସମ୍ଭବତଃ ସରକାର ପୂର୍ବରୁ ଏକ୍ସସାଇଜ ଦର ହ୍ରାସ କରିଛନ୍ତି ବୋଲି କୁହାଯାଉଛି । ବର୍ତ୍ତମାନ ଇନ୍ଧନ ଯୋଗାଣରେ ବ୍ୟାହତ ନହେବା ସରକାରଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହୋଇଛି । ଡ଼ ମହାନ୍ତି କହିଛନ୍ତି, କେନ୍ଦ୍ର ସରକାରଙ୍କ ଏକ୍ସସାଇଜ ଦର ହ୍ରାସ ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସ୍ୱାଗତ କରିବା, କେବଳ ଏକ ଚିରାଚରିତ ପଦକ୍ଷେପ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯଦି ରାଜ୍ୟବାସୀଙ୍କୁ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ସୁରୁଖୁରୁରେ ଯୋଗାଇ ଦେବା ପାଇଁ ତତ୍ପର ଅଛନ୍ତି, ତାହେଲେ ସେ ରାଜ୍ୟ ସରକାର ଲାଗୁ କରୁଥିବା ଭାଟ୍‌କୁ କମ୍ କରନ୍ତୁ । ରାଜ୍ୟବାସୀଙ୍କ ହିତ ଦୃଷ୍ଟିରୁ ଭାଟ୍ ହ୍ରାସ କରନ୍ତୁ ବୋଲି ଡ଼ ମହାନ୍ତି ଦାବି କରିଛନ୍ତି ।

## ପୁନର୍ବାସ ପକ୍ଷରୁ ଭିନ୍ନକ୍ଷମଙ୍କୁ ଆର୍ଥିକ ସହାୟତା

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡ଼ା ଜିଲ୍ଲାରେ ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱକାଳ ଭିନ୍ନକ୍ଷମଙ୍କ ଥେରାପି ଚିକିତ୍ସା, ଅଧିକାର ସଚେତନତା ଓ ସଶକ୍ତିକରଣ ନିମନ୍ତେ କାର୍ଯ୍ୟରତ ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ଚାନ୍ଦୋଳସ୍ଥିତ ଖର୍ଦ୍ଦାସାହି ଗ୍ରାମର ଚଳନଶକ୍ତି ବାଧିତ ଦେବରାଜ ଭୂୟାଁଙ୍କୁ କ୍ଷୁଦ୍ର ବ୍ୟବସାୟ ଦ୍ୱାରା ସ୍ୱାବଲମ୍ବୀ ଜୀବନ ଅତିବାହିତ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ପୁନର୍ବାସ ଅନୁଷ୍ଠାନ ପକ୍ଷରୁ କୋଷାଧକ୍ଷ ଶିବଚରଣ ସାମଲ, ସହ ସମ୍ପାଦକ ବଂଶୀଧର ମହାନ୍ତି ଓ ସଭ୍ୟ ପ୍ରତାପ ସ୍ୱାଇଁ ଖର୍ଦ୍ଦାସାହିସ୍ଥିତ ଦିବ୍ୟାଙ୍ଗ ଦେବରାଜଙ୍କ ବାସଗୃହକୁ ଟ୧୦, ୦୦୦ ଙ୍କା ( ଦଶ ହଜାର)ର ଚେକ୍ ପ୍ରଦାନ କରିଥିଲେ । କ୍ଷୁଦ୍ର ବ୍ୟବସାୟ ଦ୍ୱାରା ସ୍ୱାବଲମ୍ବୀ ଜୀବନ ନିର୍ବାହନ ନିମନ୍ତେ ଏହି ସହାୟତା ରାଶି ପ୍ରଦାନ କରାଯାଇଛି ବୋଲି ପୁନର୍ବାସର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ ପ୍ରକାଶ କରିଛନ୍ତି ।

## ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ବିଜେପି ତା'ର ନିର୍ବାଚନୀ ସଂକଳ୍ପ ପାଳନ କରୁ

ଭୁବନେଶ୍ୱର, (ସବ୍ୟୁ): ନିଶାମୁକ୍ତ ଓଡ଼ିଶା ସଂକଳ୍ପ ଘୋଷଣା କରି ବିଜେପି ଓଡ଼ିଶାରେ ଶାସନ କ୍ଷମତାକୁ ଆସିବା ସହ ୨୦୨୯ ସୁଦ୍ଧା ଏହା ପାଳନ କରାଯିବ ବୋଲି ୨୦୨୪ର ସାଧାରଣ ନିର୍ବାଚନ ସମୟରେ ଓଡ଼ିଶା ପାଇଁ ଥିବା ରାଜ୍ୟ ବିଜେପିର ମୋଦିଙ୍କ ଗ୍ୟାରେଣ୍ଟି ପତ୍ରରେ ଯାହା ଘୋଷଣା କରାଯାଇଥିଲା ତାହାର ବିପରୀତ ଦିଗରେ ରାଜ୍ୟ ସରକାର କାମ କରୁଛନ୍ତି ବୋଲି ଓଡ଼ିଶା ମଦମୁକ୍ତି ଅଭିଯାନ ପକ୍ଷରୁ କ୍ଷୋଭର ସହ କୁହାଯାଇଛି ।

ରାଜ୍ୟ ସରକାରଙ୍କ ସଦ୍ୟ ଘୋଷିତ ଅବକାରୀ ନୀତି ଓଡ଼ିଶାରେ ନିଶାର ପ୍ରସାର ସହିତ ଅବକାରୀ ରାଜସ୍ୱ ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ ବୋଲି ଅଭିଯାନର ଅନ୍ୟତମ ଉପଦେଷ୍ଟା ପ୍ରହଲ୍ଲାଦ କୁମାର ସିଂହ ଉଲ୍ଲେଖ କରିଛନ୍ତି । ବିଜେପିର ଉଭୟ କେନ୍ଦ୍ରୀୟ ଓ ରାଜ୍ୟ ନେତାମାନେ ବାରମ୍ବାର ଗୁଜରାଟ ମଡେଲ୍ ବିକାଶ କଥା କହୁଥିବାବେଳେ ଗୁଜରାଟ ପରି ନିଶା ନିବାରଣ କାର୍ଯ୍ୟକ୍ରମକୁ କିନ୍ତୁ ଓଡ଼ିଶାରେ ଗ୍ରହଣ କରାଯିବା ପରିବର୍ତ୍ତେ ନିଶା ପ୍ରସାରଣ କାର୍ଯ୍ୟକ୍ରମ ଉପରେ ଅଧିକ ଧ୍ୟାନ ଦିଆଯାଉଛି । ଉଭୟ ସରକାରୀ ଲାଇସେନ୍ସପ୍ରାପ୍ତ ଓ ଚୋରା ବଜାରରେ ଖୋଲାଖୋଲି ଭାବେ ବିକ୍ରି ହେଉଥିବା ନିଶା ସାମଗ୍ରୀ ମଣିଷ ଶରୀର ସହିତ ପରିବାର, ସମାଜ, ରାଜ୍ୟ ଓ ରାଷ୍ଟ୍ର ପାଇଁ କ୍ଷତିକାରକ । ନୂଆ ଅବକାରୀ ନୀତିରେ ନିଶା କ୍ଷତିକାରକ ବୋଲି ସରକାର ସ୍ୱୀକାର କରୁଥିବାବେଳେ ଏହାକୁ ସାଧାରଣ ଲୋକଙ୍କ ନିକଟରେ ଉପଲବ୍ଧ କରିବା ଲାଗି ଯେଭଳି ବ୍ୟବସ୍ଥା କରୁଛନ୍ତି ତାହା ରାଜ୍ୟରେ ରୋଗ, ଦାରିଦ୍ର୍ୟ, ଅପରାଧ, ଦୁର୍ଘଟଣା, ଅପମୃତ୍ୟୁ, ନାରୀ ନିର୍ଯ୍ୟାତନା, ଶିଶୁ ନିର୍ଯ୍ୟାତନା ଆଦି ବୃଦ୍ଧିର ଅନ୍ୟତମ କାରଣ । ବିଶେଷକରି ସୁଭଦ୍ରା ସମେତ ବିଭିନ୍ନ ସାମାଜିକ ନିରାପତ୍ତା ଯୋଜନାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯେତେ ଅର୍ଥ ବ୍ୟୟ କରୁଛନ୍ତି ଏବଂ ସ୍ୱାସ୍ଥ୍ୟ, ଶିକ୍ଷା, ଶିଶୁ ଓ ମହିଳା କଲ୍ୟାଣ, ଶ୍ରମଜୀବୀଙ୍କ ବିକାଶ, ଯୁବବର୍ଗଙ୍କୁ ସ୍ୱାବଲମ୍ବୀ କରିବା ଆଦି ପାଇଁ ଯେତେ ଯୋଜନା ପ୍ରଣୀତ ହେଉଛି ସେଥିରୁ ଆଶାନୁରୂପ ଫଳ ନମିଳିବା ପଛର ଅନ୍ୟତମ କାରଣ ହେଉଛି ନିଶା ପ୍ରସାରଣ ।

ପୂର୍ବ ଅବକାରୀ ନୀତି ଓ ବର୍ତ୍ତମାନର ଅବକାରୀ ନୀତି ମଧ୍ୟରେ ତଫାତ ହେଉଛି ପୁରୁଣା ବୋତଲର ମଦକୁ ନୂଆ ଟେଟ୍ରା ପ୍ୟାକ୍‌ରେ ସାଧାରଣ ଲୋକଙ୍କ ନିକଟରେ ସହଜରେ ଉପଲବ୍ଧ କରାଇବା । ମଦ ଓ ଅନ୍ୟାନ୍ୟ ନିଶା ପାଇଁ ମାତାଲ ପୁଅର ପିତୃ-ମାତୃ ହତ୍ୟା, ମଦୁଆ ବାପାର ଝିଅ ପ୍ରତି ବଳାତ୍କାର ଭଳି ଅନେକ ଅଭାବନୀୟ ଘଟଣା ପ୍ରାୟ ପ୍ରତିଦିନ ଗଣମାଧ୍ୟମରେ ପ୍ରକାଶ ପାଉଛି । ଏମିତିକି କେତେକ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ ନକଲି ଓ ଚୋରା ମଦ ବିକ୍ରି ହେଉଥିବା ଖୋଦ୍ ସରକାର ଧରୁଛନ୍ତି । କେବଳ ସେତିକି ନୁହେଁ, ଦୁର୍ବଳ ବ୍ୟବସ୍ଥା ଯୋଗୁ ଅବକାରୀ ମାମଲାରେ ଦଣ୍ଡବିଧାନ ହାର ଅତି ନଗଣ୍ୟ ରହୁଛି । ଯଦି ବିଜେପି ଶାସିତ ଗୁଜରାଟ ଓ ବିହାର ଭଳି ରାଜ୍ୟରେ ନିଶା ନିବାରଣ ହୋଇପାରୁଛି ତେବେ ବର୍ତ୍ତମାନର ଓଡ଼ିଶା ସରକାର ଗତ ନିର୍ବାଚନ ସମୟରେ ତାଙ୍କ ସଂକଳ୍ପ ପତ୍ରର ୩୮ ପୃଷ୍ଠାରେ ନିଶାମୁକ୍ତ ଓଡ଼ିଶା ସୃଷ୍ଟି କରିବା ଓ ସମ୍ବିଧାନର ୪୭ ଧାରାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ଲାଗି ଯେଉଁ ଘୋଷଣା କରିଛନ୍ତି ତାହା ଅବକାରୀ ନୀତିରେ ପ୍ରତିଫଳିତ ହେଉନଥିବାରୁ ୨୦୨୯ ସୁଦ୍ଧା ଓଡ଼ିଶା କିପରି ନିଶାମୁକ୍ତ ହେବ ବୋଲି ପ୍ରଶ୍ନ ଉଠୁଛି ।

## ରାମ ନବମୀ ତିଥିରେ ଉତ୍ସବ ମୁଖର ଶ୍ରୀକ୍ଷେତ୍ର

ପୁରୀ, (ସବ୍ୟୁ): ପବିତ୍ର ରାମ ନବମୀ ତିଥି। ସବୁଠି ଶୁଭୁଛି ରାମ ନାମ ଧ୍ୱନୀ । ଜୟ ଶ୍ରୀରାମ ଧ୍ୱନୀରେ ଉତ୍ସବ ମୁଖର ହୋଇଛି ଗାଁଠୁ ସହର। ଏହି ପବିତ୍ର ଦିନରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କର ସବୁଠି ଚାଲିଛି ପୂଜା ଆରାଧନା। ରାମ ନବମୀ ପାଇଁ ଚଳଚଞ୍ଚଳ ପୁରୀ ରାମ ମନ୍ଦିର। ସଂପୂର୍ଣ୍ଣ ଗେରୁଆମୟ ହୋଇଉଠିଛି ଅଞ୍ଚଳ, ଜୟ ଶ୍ରୀରାମ ଧ୍ୱନୀରେ କମ୍ପୁଛି ଦାଣ୍ଡ। ସହର ଠାରୁ ପୁରପଲ୍ଲୀ ଯାଏ ସବୁଆଡେ ଉତ୍ସବମୁଖର ପରିବେଶ ।ରାମ ମନ୍ଦିର ପରିସରରେ ପୂଜା ପାଠ ସହ ଯଜ୍ଞ ଓ ହନୁମାନ ଚାଳିଶା ପାଠ ହେଉଛି। ଏଥିପାଇଁ ପୁରୀ ସହରର ବିଭିନ୍ନ ସ୍ଥାନରେ ପୁଲିସ ପକ୍ଷରୁ ପେଟ୍ରୋଲିଂକୁ ଜୋରଦାର କରାଯାଇଛି ।ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ପେଟ୍ରୋଲିଂ ସହ ପୁଲିସ ଭ୍ୟାନ ବୁଲି ଯାଞ୍ଚ କରୁଛି। ଏହାସହ ପୁଲିସ ପକ୍ଷରୁ ସାମାଜିକ ଗଣମାଧ୍ୟମ ଉପରେ କଡ଼ା ନଜର ରଖିଛି ପୁରୀ ପୁଲିସ ।ରାମ ମନ୍ଦିର ରେ ଭକ୍ତଙ୍କ ଗହଳିକୁ ନଜରରେ ରଖି ହାପିନେସ ଫାଉଣ୍ଡେସନ ପକ୍ଷରୁ ଦହି , ନାଣ୍ଡୀ ବଗୁଲି ପଣା ବଣ୍ଟନ କରାଯାଇଛି । ସେହିପରି ଶ୍ରୀମନ୍ଦିରରେ ମଧ୍ୟ ସ୍ୱତନ୍ତ୍ର ଆୟୋଜନ କରାଯାଇଛି ।

## ସେକ୍ଟର ୮ ରେ ଜଣ୍ଡିସ୍ ଭୟ : ଗ୍ରାଉଣ୍ଡରେ ସ୍ଥିତି ପରଖିଲେ ମେୟର ଓ କମିଶନର

କଟକ, (ସବ୍ୟୁ): କଟକରେ ଜଣ୍ଡିସ୍ ସଂକ୍ରମଣ ହୋଇଥିବା ଖବର ପାଇବା ପରେ ମେଡିକାଲ ଟିମକୁ ନେଇ ଗ୍ରାଉଣ୍ଡରେ ସ୍ଥିତି ପରଖିଛନ୍ତି ସିଏମସିର ମେୟର ସୁବାସ ସିଂହ ଏବଂ କମିଶନର ସୁଶ୍ରୀ କିରନଦୀପ୍ କୌର ସହୋତା। ସିଡିଏ ସେକ୍ଟର-୮ ସ୍ଥିତ ବାଇଗଣୀ ଏବଂ ଗାଙ୍ଗୁଲି ବସ୍ତିରେ ଜଣ୍ଡିସ୍ ସଂକ୍ରମଣ ହୋଇଥିବା ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ସିଏମସିର ମେୟର ଖବରର ସତ୍ୟତା ସହ ସ୍ଥିତି ପରଖିବା ପାଇଁ ସଂଗେ ସଂଗେ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଖୋଦ୍ ମେୟର ଓ କମିଶନର ଡାକ୍ତରୀ ଦଳକୁ ସାଥିରେ ନେଇ ଦୁଇ ବସ୍ତି ଗସ୍ତ କରିଥିଲେ। ସେଠାରେ କାହାକୁ ଜଣ୍ଡିସ୍ ହୋଇନଥିବା ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି। ତଥାପି ଦ୍ୱନ୍ଦ ଦୂର କରିବା ପାଇଁ ଉଭୟ ବସ୍ତିରୁ ଜଳ ଏବଂ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଏହାକୁ ପରୀକ୍ଷା ପାଇଁ ପଠାଯିବ। ଏଥିସହ ସେ ଅଞ୍ଚଳରେ ଓଆରଏସ୍ ଏବଂ ହାଲୋଜେନ୍ ବଣ୍ଟନ କରାଯିବା ସହ ଆଗାମୀ ପାଞ୍ଚ ଦିନ ଯାଏଁ ଘରକୁ ଘର ବୁଲି ଯାଞ୍ଚ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି କମିଶନର। ଯାଞ୍ଚ ରିପୋର୍ଟ ନ ଆସିବା ଯାଏଁ ପାଣି ଫୁଟାଇ ପିଇବାକୁ ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି ମେୟର। ଗସ୍ତ ସମୟରେ ମହାନଗର ନିଗମର ମେୟର ଓ କମିଶନରଙ୍କ ସହ ଉପ ଆୟୁକ୍ତ (ପରିମଳ) ଜୁବୁଲି ଚରଣ ବେହେରା, ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ର, ନଗର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୃପେନ୍ଦ୍ର ଶତପଥୀ, ଖାଦ୍ୟ ସୁରକ୍ଷା ଅଧିକାରୀ, ସ୍ଥାନୀୟ କର୍ପୋରେଟର ପ୍ରଦୀପ ରାଉତ, ପ୍ରିୟମ୍ବଦା ମହାନ୍ତି ଏବଂ ଷଣ୍ଢପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରୀ ଦଳ ଉପସ୍ଥିତ ଥିଲେ।

## ପିଏନ୍‌ବିର ନୂତନ ବଆଁରପାଳ ଓ ଆଠଗଡ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): ଆର୍ଥିକ ଅନ୍ତର୍ଭୁକ୍ତି ଓ ଆଞ୍ଚଳିକ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରି ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାଶନାଲ



ବ୍ୟାଙ୍କ ପକ୍ଷରୁ ଦୁଇଟି ନୂତନ ଶାଖା ବଆଁରପାଳ (ଅନୁଗୁଳ) ଓ ଆଠଗଡଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଶାଖା ଦୁଇଟି ପିଏନ୍‌ବି କଟକ ମଣ୍ଡଳର ୭୧ ଓ ୭୨ତମ ଶାଖା ଅଟେ। ଏହା ରାଜ୍ୟରେ ପିଏନ୍‌ବିର ୩୬୦ ଓ ୩୬୧ତମ ଶାଖା ଅଟେ। ଏହି ନୂତନ ଶାଖା ଆଞ୍ଚଳିକ ପ୍ରବନ୍ଧକ ଭୁଷଣ ଶର୍ମାଙ୍କ ଦ୍ୱାରା ସର୍କଲ ମୁଖ୍ୟ ସୁଜିତ କୁମାର ନେଗି ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା।

ଉଭୟ ସ୍ଥାନରେ ସମାବେଶକୁ ସମ୍ବୋଧିତ କରି ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ଶର୍ମା ବ୍ୟକ୍ତି, ବ୍ୟବସାୟ, କୃଷକ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ବିଭିନ୍ନ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ବ୍ୟାଙ୍କର ଗ୍ରାହକ-କୈନ୍ଦ୍ରିକ ଉତ୍ପାଦ ଏବଂ ସେବା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ସେ ଡିଜିଟାଲ ବ୍ୟାଙ୍କିଙ୍ଗର ବିସ୍ତାର, ଆର୍ଥିକ ସାକ୍ଷରତାକୁ ପ୍ରୋତ୍ସାହନ ଓ ଅର୍ଦ୍ଧ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ନୂତନ ଶାଖାଗୁଡିକୁ ସ୍ଥାନୀୟ ଲୋକମାନଙ୍କର ବ୍ୟାଙ୍କିଙ୍ଗ୍ ଆବଶ୍ୟକତାକୁ ପୂରଣ କରିବା ପାଇଁ ସ୍ଥାପିତ କରାଯାଇଥିବା ସହ ଏହି ଶାଖାଗୁଡିକ ଏହି ଅଞ୍ଚଳର ଆର୍ଥିକ ଅନ୍ତର୍ଭୁକ୍ତି ଓ ଆର୍ଥିକ କାର୍ଯ୍ୟକଳାପରେ ଅଭିବୃଦ୍ଧି ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହି ଅବସରରେ ଶ୍ରୀ ଶର୍ମା ବଆଁରପାଳର ଶାଖା ମୁଖ୍ୟ କ୍ରୀଷ୍ଣା ସୁତାର ଏବଂ ଆଠଗଡର ଶାଖା ମୁଖ୍ୟ ରବୀନ୍ଦ୍ର ଦଳେଇଙ୍କୁ ବ୍ୟବସାୟିକ ଅଭିବୃଦ୍ଧିରେ ଉତ୍କର୍ଷତା ଆଣିବା ଓ ଶାଖାଗୁଡିକୁ ଲାଭଜନକ ଶାଖାରେ ପରିଣତ କରିବା ପାଇଁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ କର୍ମଚାରୀଗଣ, ମୂଲ୍ୟବାନ ଗ୍ରାହକ ଏବଂ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତିବିଶେଷମାନେ ଉପସ୍ଥିତ ରହି ବ୍ୟାଙ୍କର ଏହି ପଦକ୍ଷେପକୁ ପ୍ରଶଂଶା କରିଥିଲେ।

### ବାରଙ୍ଗ ଅଞ୍ଚଳରେ ରାମନବମୀ ପାଳନ

ବାରଙ୍ଗ ,(ସବ୍ୟୁ) :ପବିତ୍ର ରାମନବମୀବାର ଅଞ୍ଚଳରେ ପାଳିତ ହୋଇଯାଇଛି । ବିଭିନ୍ନ ସଙ୍ଗଠନ ପକ୍ଷରୁ ଶ୍ରୀରାମଙ୍କ ଉଦ୍ଦେଶ୍ୟରେ ହୋମଜଞ୍ଜ ,ପୁଜାର୍ଜନା ସାଙ୍ଗକୁ ପ୍ରଭୁ ଶ୍ରୀରାମ ଓ ହନୁମାନଙ୍କ ପ୍ରତିମାକୁ ବିରାଟ ଶୋଭାଯାତ୍ରା ମାଧ୍ୟମରେ ଜୟ ଶ୍ରୀରାମ ଧ୍ୱନି ଦିଆଯାଇ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା ।ସେହିଭଳି ଭାବେ ଦାଢ଼ାପାଟଣା ବୁଢା ମହାବୀର ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ଯୁବକମାନେ ସାମିଲ ହୋଇ ବାରଙ୍ଗ ରାସ୍ତା ଦେଇ ତ୍ରିଶୁଳିଆ ନରଣପୁର ସ୍ଥିତ ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ।ସେହିଭଳି ଭାବେ ମଧୁପୁର ଗ୍ରାମରେ ଯୁବକମାନେ ରାମନବମୀ ଉପଲକ୍ଷେ ବାଜା ବାଣ ଫୁଟାଇ ପ୍ରଭୁଙ୍କ ନାମ ଗାନ କରି ଗ୍ରାମ ପରିକ୍ରମା କରିଛନ୍ତି ।ରାଜଧାନୀ ଉପକ= ରଘୁନାଥପୁର ଗ୍ରାମରେ ରାମନବମୀ ପାଳନ ଅବସରରେ ଜଗତର କଲ୍ୟାଣ ପାଇ ଯଜ୍ଞ କରାଯାଇଥିଲା ।

### ୭ ଭିନ୍ନକ୍ଷମ ବୃତ୍ତିଗତଙ୍କୁ ଅନବୋର୍ଡ କରିଛି ବେଦାନ୍ତ ଆଲୁମିନିୟମ

## ପ୍ରସ୍ତାବ ପତ୍ର ପ୍ରଦାନ କଲେ ଡକ୍ଟର କିରଣ ବେଦୀ

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତ ଆଲୁମିନିୟମ, ଝାରସୁଗୁଡାରେ ଥିବା ଏହାର ମେଗା ଆଲୁମିନିୟମ ପ୍ଲାଂଟରେ ସାତ ଜଣ ଭିନ୍ନକ୍ଷମ ବୃତିଗତଙ୍କୁ ସାମିଲ କରି ଭାରତର ଉତ୍ପାଦନ କ୍ଷେତ୍ରରେ ଅଧିକ ଅନ୍ତର୍ଭୁକ୍ତିକରଣ ଆଣିବା ପାଇଁ ଏହାର ପ୍ରୟାସକୁ ତ୍ୱରାନ୍ୱିତ କରିଛି, ଯାହା କମ୍ପାନୀର ବିବିଧତା, ସମାନତା ଏବଂ ଅନ୍ତର୍ଭୁକ୍ତି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ପଦକ୍ଷେପ କାର୍ଯ୍ୟକ୍ଷେତ୍ରରେ ସମାନ ସୁଯୋଗ, ସୁଗମତା ଏବଂ ମର୍ଯ୍ୟାଦାର ନୀତିକୁ ସୁଦୃଢ଼ କରିବା ସହିତ ଅର୍ଥପୂର୍ଣ୍ଣ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଗୁରୁତ୍ୱ ଦିଏ। ବିଭିନ୍ନ ପ୍ରକାରର ମୋଟର, ଦୃଶ୍ୟ ଏବଂ ବାକ୍-ସମ୍ବନ୍ଧୀୟ ଦୁର୍ବଳତା ଅନୁଭବ କରୁଥିବା ବୃତିଗତମାନଙ୍କୁ ବିଶ୍ୱର ସର୍ବବୃହତ ଆଲୁମିନିୟମ ପ୍ଲାଣ୍ଟ ଝାରସୁଗୁଡାରେ କମ୍ପାନୀର



କାର୍ଯ୍ୟ ପରିଦର୍ଶନ ସମୟରେ ପ୍ରସିଦ୍ଧ ସରକାରୀ କର୍ମଚାରୀ ଏବଂ ପୁଡୁଚେରୀର ପୂର୍ବତନ ଲେଫ୍ଟନାଣ୍ଟ ରାଜ୍ୟପାଳ ଡକ୍ଟର କିରଣ ବେଦୀଙ୍କୁ ବ୍ୟକ୍ତିଗତ ଭାବରେ ସେମାନଙ୍କର ପ୍ରସ୍ତାବ ପତ୍ର ପ୍ରଦାନ କରିଥିଲେ। ଏହି ସବୁ ବ୍ୟକ୍ତିମାନେ ନୂତନ ଯୋଗଦାନକାରୀମାନେ ଡିପ୍ଲୋମା ଧାରକଙ୍କଠାରୁ ଆରମ୍ଭ କରି ସ୍ନାତକ ପର୍ଯ୍ୟନ୍ତ ବିଭିନ୍ନ ଶିକ୍ଷାଗତ ପୃଷ୍ଠଭୂମିରୁ ଆସିଛନ୍ତି ଏବଂ ସେମାନଙ୍କୁ ସେମାନଙ୍କର ଶିକ୍ଷାଗତ ଏବଂ ବୃତିଗତ ଅଭିଜ୍ଞତା ଅନୁସାରେ ସିଫ୍ଟ ସଂଯୋଜକ, ଜୁନିଅର ଆସିଷ୍ଟାଂଟ, ଷ୍ଟୋରକିପର ଏବଂ ସୁପରଭାଇଜର ଭଳି ପ୍ଲାଂଟ-ଆଧାରିତ ଭୂମିକା ଦିଆଯାଇଛି। ଏହି ପଦକ୍ଷେପ ବିଷୟରେ ମତ ଦେଇ, ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, "ଆମେ ବିଶ୍ୱାସ କରୁଛୁ ଯେ ଅନ୍ତର୍ଭୁକ୍ତି କେବଳ ଏକ ସାମାଜିକ ଦାୟିତ୍ୱ ପୂରଣ କରିବା ବିଷୟରେ ନୁହେଁ, ବରଂ ଏହା ଏକ ସଂଗଠନ ପାଇଁ ଶକ୍ତିର ଏକ ପ୍ରମୁଖ ଉତ୍ସ ମଧ୍ୟ ଅଟେ ।

# ୨.୩୮ ଲକ୍ଷ କୋଟିର ଅସ୍ତ୍ରଶସ୍ତ୍ର କିଣିବ ଭାରତ



**ନୂଆଦିଲ୍ଲୀ:** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଶୁକ୍ରବାର ଦିନ ପ୍ରାୟ ୨.୩୮ ଲକ୍ଷ କୋଟି ଟଙ୍କାର ବିଭିନ୍ନ ପ୍ରକାରର ଅସ୍ତ୍ରଶସ୍ତ୍ର, ବିମାନ ଓ ସାମରିକ ସରଞ୍ଜାମ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହି ବୃହତ ପ୍ରତିରକ୍ଷା ଚୁକ୍ତି ମାଧ୍ୟମରେ ଭାରତୀୟ ବାୟୁସେନା ପାଇଁ ରୁଷରୁ ଅତିରିକ୍ତ ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ, ନୂତନ ମଧ୍ୟମ ପରିବହନ ବିମାନ ଓ ଷ୍ଟ୍ରାଇକ୍ ଡ୍ରୋନ୍ କ୍ରୟ କରାଯିବ। ଏଥିସହିତ ସ୍ଥଳସେନା ପାଇଁ ଧନୁଷ ବନ୍ଧୁକ ପ୍ରଣାଳୀ ଓ ବାୟୁ ପ୍ରତିରକ୍ଷା ଟ୍ରାକଡ୍ ସିଷ୍ଟମ୍ ଏବଂ ତଟରକ୍ଷୀ ବାହିନୀ ପାଇଁ ଶକ୍ତିଶାଳୀ ଏୟାର କୁଶନ ଯାନ ସାମିଲ କରିବା ପାଇଁ ମନ୍ତ୍ରଣାଳୟ ସବୁଜ ସଙ୍କେତ ଦେଇଛି, ଯାହା ଦେଶର ସାମରିକ ସାମର୍ଥ୍ୟକୁ ବିଶ୍ୱସ୍ତରରେ ଆହୁରି ସୁଦୃଢ଼ କରିବ।ଭାରତୀୟ ବାୟୁସେନାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ରୁଷରୁ ଅତିରିକ୍ତ ଏସ୍-୪୦୦ ସହିତ ଦୂରଗାମୀ ଷ୍ଟେଲଥ୍ ଡ୍ରୋନ୍ କ୍ରୟ କରାଯାଉଛି। ଏହି ଡ୍ରୋନଗୁଡ଼ିକ ଶତ୍ରୁ ଶିବିରରେ ପଶି ଗୁପ୍ତଚର ତଥ୍ୟ ସଂଗ୍ରହ କରିବା ସହ ଆକ୍ରମଣ କରିବାରେ ସକ୍ଷମ। ସେହିପରି ବାୟୁସେନାରେ ଥିବା ପୁରୁଣା ଏନ୍-୩୨ ଏବଂ ଆଇଏଲ୍-୭୬ ପରିବହନ ବିମାନ ବଦଳରେ ନୂଆ ମଧ୍ୟମ ପରିବହନ ବିମାନ ସାମିଲ ହେବ, ଯାହା ସୈନ୍ୟ ଓ ଯୁଦ୍ଧ ସରଞ୍ଜାମ ପରିବହନକୁ ଅଧିକ ଦ୍ରୁତ କରିବ। ଏଥିସହିତ ସୁ-୩୦ ଯୁଦ୍ଧ ବିମାନର ଇଞ୍ଜିନ୍ ମରାମତି ପାଇଁ ମଧ୍ୟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଭାରତୀୟ ସ୍ଥଳସେନାର ଶକ୍ତି ବୃଦ୍ଧି ପାଇଁ ""ଧନୁଷ"" ବନ୍ଧୁକ ଓ ଟ୍ୟାଙ୍କ କ୍ରୟକୁ ଅନୁମୋଦନ ଦିଆଯାଇଛି। ଏହା ସହିତ ସୀମାରେ ନିରବଚ୍ଛିନ୍ନ ଯୋଗାଯୋଗ ପାଇଁ ଉଚ୍ଚ-କ୍ଷମତା ସମ୍ପନ୍ନ ରେଡିଓ ରିଲେ ଏବଂ ରନୱେ ସ୍ୱାଧୀନ ଏରିଆଲ୍ ନିରୀକ୍ଷଣ ପ୍ରଣାଳୀ ସେନାରେ ସାମିଲ ହେବ।

# ନେପାଳ: ଶପଥ ନେଲେ ବାଲେନ୍ଦ୍ର ଶାହ



**କାଠମାଣ୍ଡୁ:** ନେପାଳର ସର୍ବକନିଷ୍ଠ ତଥା ୪୦ ତମ ପ୍ରଧାନମନ୍ତ୍ରୀ ଭାବେ ମାତ୍ର ୩୫ ବର୍ଷ ବୟସରେ ଶପଥ ନେଇଛନ୍ତି ବାଲେନ୍ଦ୍ର ଶାହ। କାଠମାଣ୍ଡୁର ପୂର୍ବତନ ମେୟର ତଥା ରାପର ବାଲେନ୍ ଶାହ ସେପ୍ଟେମ୍ବରରେ 'ଜେନ୍ ଜି' ଆନ୍ଦୋଳନ ପରେ ଦେଶର ସବୁଠୁ ଚର୍ଚ୍ଚିତ ଚେହେରା ପାଲଟିଥିଲେ। ଚଳିତ ମାସ ଅନୁଷ୍ଠିତ ନିର୍ବାଚନରେ ତାଙ୍କ ଦଳ ପ୍ରଚଣ୍ଡ ବିଜୟ ହାସଲ କରିଥିଲା। ମାର୍ଚ୍ଚ ୫ ତାରିଖରେ ଅନୁଷ୍ଠିତ ନିର୍ବାଚନରେ ବାଲେନ ଶାହଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି ସଂସଦର ନିମ୍ନ ସଦନ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭରେ ୨୭୫ ଆସନରୁ ୧୮୨ଟି ଜିତି ପାଖାପାଖି ଦୁଇ ତୃତୀୟାଂଶ ଆସନ ହାସଲ କରିଥିଲେ। ଶୁକ୍ରବାର ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ବାଲେନ୍ ଶାହଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଶପଥ ପାଠ କରାଇଥିଲେ।ଶପଥ ଗ୍ରହଣ ଉତ୍ସବ ହିନ୍ଦୁ ରୀତିନୀତି ଅନୁସାରେ ଶଙ୍ଖନାଦ ସହିତ ଆରମ୍ଭ ହୋଇଥିଲା। ପବିତ୍ର ରାମ ନବମୀ ଅବସରରେ ହିନ୍ଦୁ ବ୍ରାହ୍ମଣ ଓ ବୌଦ୍ଧ ଲାମାଙ୍କ ମନ୍ତ୍ର ଧ୍ୱନି ମଧ୍ୟରେ ବାଲେନ ଶାହ ଶପଥ ନେଇଥିଲେ। ମଧ୍ୟାହ୍ନ ୧୨ଟା ୩୪ ମିନିଟ ଶୁଭ ମୁହୂର୍ତ୍ତ ରହିଥିଲା। ୧-୨-୩-୪ ସଂଖ୍ୟା କ୍ରମାନ୍ୱୟ ସହିତ ଏହି ସମୟ ନିର୍ଦ୍ଧାରଣ କରାଯାଇଥିଲା। ବାଲେନ ଶାହ ତାଙ୍କ ନୂଆ କାର୍ଯ୍ୟାଳୟକୁ ଅପରାହ୍ଣ ୨ଟା ୧୫ ମିନିଟରେ ପ୍ରବେଶ କରିବେ। ଏହାକୁ ମଧ୍ୟ ସଂଖ୍ୟା ଗଣିତ ଅନୁସାରେ ନିର୍ଦ୍ଧାରଣ କରାଯାଇଛି।ବାଲେନ ଶାହ ନେପାଳ ରାଜଧାନୀ କାଠମାଣ୍ଡୁରେ ୧୯୯୦ ମସିହା ଏପ୍ରିଲ ୨୭ ତାରିଖରେ ଜନ୍ମଗ୍ରହଣ କରିଥିଲେ। କିନ୍ତୁ ତାଙ୍କ ପରିବାର ହିନ୍ଦୁ ବହୁଳ ତେରାଇ ଅଞ୍ଚଳରୁ ଆସିଥିଲା। ତେରାଇ ଅଞ୍ଚଳ ଭାରତ ସୀମାକୁ ଲାଗି ରହିଛି। ବାଲେନ ଶାହ ଜଣେ ଷ୍ଟ୍ରକଚରାଲ ଇଞ୍ଜିନିୟର, କିନ୍ତୁ ରାପ୍ କଳାକାର ଭାବେ ସେ ଲୋକପ୍ରିୟତା ଅର୍ଜନ କରିଥିଲେ ଓ ପରେ କାଠମାଣ୍ଡୁର ମେୟର ହୋଇଥିଲେ। ବାଲେନ ଶାହ ନିଜ ସଙ୍ଗୀତ ମାଧ୍ୟମରେ ସରକାରଙ୍କ ଦୋଷ ଦୁର୍ବଳତାକୁ ଲୋକଙ୍କ ନିକଟରେ ପହଞ୍ଚାଉଥିଲେ।

## ଇରାନ କ୍ଷେପଣାସ୍ତ୍ରରେ ଭାରତକୁ ଧନ୍ୟବାଦ ବାର୍ତ୍ତା

**ତେହେରାନ୍:** ଇରାନ ଶୁକ୍ରବାର ଇସ୍ରାଏଲ ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିବାବେଳେ ଯେଉଁ ଦେଶମାନେ ତେହେରାନକୁ ସମର୍ଥନ ଜଣାଇଛନ୍ତି ସେମାନଙ୍କ ପାଇଁ ଧନ୍ୟବାଦ ବାର୍ତ୍ତା ଥିବା କ୍ଷେପଣାସ୍ତ୍ର ବର୍ଷଣ କରାଯାଇଛି । ଭାରତ, ସ୍ପେନ, ପାକିସ୍ତାନ ଓ ଜର୍ମାନୀର ଲୋକଙ୍କୁ ଧନ୍ୟବାଦ ଜଣାଇ ଏହି କ୍ଷେପଣାସ୍ତ୍ରରେ ବାର୍ତ୍ତା ଲେଖାଯାଇଥିଲା, ଯାହା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି । ଭିଡିଓ ଫୁଟେଜରେ ଦେଖିବାକୁ ମିଳିଛି ଯେ, ଇରାନର ଏରୋସ୍ପେଶ୍ ଫୋର୍ସର କର୍ମଚାରୀ କ୍ଷେପଣାସ୍ତ୍ର ଉତକ୍ଷେପଣ କରିବା ପୂର୍ବରୁ ଧନ୍ୟବାଦ ବାର୍ତ୍ତା ଲେଖୁଛନ୍ତି । ଶୁକ୍ରବାର ଇରାନପକ୍ଷରୁ ୮୩ ତମ ଆକ୍ରମଣ ହୋଇଥିବା ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡସ୍ କର୍ପସ (ଆଇଆରଜିସି) କହିଛି ।ଆକ୍ରମଣରେ ଉଭୟ ଦୂରଗାମୀ ଓ ମଧ୍ୟମବର୍ଗର କ୍ଷେପଣାସ୍ତ୍ର ବ୍ୟବହାର କରାଯାଇଛି । ବାହାରିନରେ ଥିବା ଆମେରିକାର ପାଟ୍ରିଅଟ୍ ବାୟୁ ପ୍ରତିରକ୍ଷା ପ୍ରଣାଳୀର ରକ୍ଷଣାବେକ୍ଷଣ କେନ୍ଦ୍ର ଉପରେ ହୋଇଥିଲା ।

### ଜବାବ ଦେଲା ଇସ୍ରାଏଲ୍

ଶୁକ୍ରବାର ଇସ୍ରାଏଲର ପାରମାଣବିକ ଗବେଷଣା କେନ୍ଦ୍ର ପାଇଁ ଜଣାଶୁଣା ଡିମୋନା ସହର ନିକଟରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିଥିବା ସୂଚନା ମିଳିଛି । ଏହି ଘଟଣାର ପାଲଟା ଜବାବରେ ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ଇରାନ ମଧ୍ୟରେ ଥିବା ପ୍ରମୁଖ କ୍ଷେପଣାସ୍ତ୍ର ଘାଟିଗୁଡ଼ିକୁ ଟାର୍ଗେଟ୍ କରି ଜୋରଦାର ଆକ୍ରମଣ କରିଛି । ଇରାନର ନୌସେନା କମାଣ୍ଡର ଆଲିରେଜା ତଙ୍ଗସିରିଙ୍କ ମୃତ୍ୟୁ ପରେ ଦୁଇ ଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ଏବେ ସିଧାସଳଖ ପାରମାଣବିକ ଓ ରଣନୈତିକ ପ୍ରତିଷ୍ଠାନଗୁଡ଼ିକ ଉପରକୁ ଆକ୍ରମଣ ପର୍ଯ୍ୟନ୍ତ ପହଞ୍ଚିଛି । ଡିମୋନା ନିକଟରେ ହୋଇଥିବା ଏହି ବିସ୍ଫୋରଣ ଇରାନ ପକ୍ଷରୁ କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ହୋଇଥିବା ସନ୍ଦେହ କରାଯାଉଛି । ଏହାର କିଛି ସମୟ ପରେ ଇସ୍ରାଏଲର ଯୁଦ୍ଧବିମାନଗୁଡ଼ିକ ଇରାନର ଆଭ୍ୟନ୍ତରୀଣ ସୀମାରେ ଥିବା କ୍ଷେପଣାସ୍ତ୍ର ଉତକ୍ଷେପଣ କେନ୍ଦ୍ରଗୁଡ଼ିକୁ ଧ୍ୱଂସ କରିଦେଇଛନ୍ତି ।

# ଜମ୍ମୁ-କାଶ୍ମୀର ବିଧାନସଭାରେ ଖେମିନୀ ଝଡ଼

**ଜମ୍ମୁ:** ପାଞ୍ଚ ସପ୍ତାହର ବିରତି ପରେ ଆରମ୍ଭ ହୋଇଥିବା ଜମ୍ମୁ-କାଶ୍ମୀର ବିଧାନସଭାର ବଜେଟ୍ ଅଧିବେଶନ ଶୁକ୍ରବାର ଦିନ ରଣକ୍ଷେତ୍ରରେ ପରିଣତ ହୋଇଛି। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କୁ ଆମେରିକା ଓ ଇସ୍ରାଏଲ୍ ହତ୍ୟା କରିଥିବା ଅଭିଯୋଗ କରି ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏହାକୁ ଏକ "ଅନ୍ୟାୟ ଏବଂ ବେଆଇନ ଯୁଦ୍ଧ" ବୋଲି ଅଭିହିତ କରିଛନ୍ତି। ଗୃହ ମଧ୍ୟରେ ନ୍ୟାଶନାଲ କନଫରେନ୍ସ (ଏନସି) ଏବଂ ପିଡିପି ବିଧାୟକମାନେ ଖେମିନିଙ୍କ ଫଟୋ ପ୍ରଦର୍ଶନ କରି ନାରାବାଜି କରିବା ଫଳରେ ଗୃହରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଏହି ସମୟରେ କଂଗ୍ରେସ ବିଧାୟକ ଇରଫାନ ହାଫିଜ୍ ଲୋନ୍ ଓ ବିଜେପି ବିଧାୟକ ଯୁଦ୍ଧବୀର ସେଠୀଙ୍କ ମଧ୍ୟରେ ଧସ୍ତାଧସ୍ତି ହେବାରୁ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଶେଷରେ ବିଧାନସଭା ପରିସରକୁ ପୋଲିସ ପ୍ରବେଶ କରିବାକୁ ପଡ଼ିଥିଲା।ତେବେ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ଓମାର ଅବଦୁଲ୍ଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିବେଦନ କରି କହିଛନ୍ତି ଯେ, ଏହା କେବଳ ଧର୍ମର ବିଷୟ ନୁହେଁ, ବରଂ ମାନବିକତାର ବିଷୟ। ଇରାନରେ ହେଉଥିବା ନିରୀହ ସ୍କୁଲ୍ ପିଲା ଓ ଖେମିନିଙ୍କ ସମ୍ପର୍କୀୟଙ୍କ ହତ୍ୟାକୁ କେହି ସମର୍ଥନ କରିପାରିବେ ନାହିଁ। ପ୍ରଧାନମନ୍ତ୍ରୀଙ୍କର ଆମେରିକା, ଇସ୍ରାଏଲ ଓ ଇରାନ ସହିତ ଉତ୍ତମ ସମ୍ପର୍କ ଥିବାରୁ ସେ ନିଜର ବ୍ୟକ୍ତିଗତ ପ୍ରଭାବ ବ୍ୟବହାର କରି ଏହି ଯୁଦ୍ଧ ବନ୍ଦ କରିବା ଉଚିତ। ଓମାରଙ୍କ ଅନୁଯାୟୀ, ଏହି ଯୁଦ୍ଧ ଯୋଗୁଁ କାଶ୍ମୀରର ଅନେକ ଲୋକ ଇରାନରେ ଫସି ରହିଛନ୍ତି ଏବଂ ଉପତ୍ୟକାରେ ପେଟ୍ରୋଲ ପମ୍ପଗୁଡ଼ିକରେ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି, ଯାହା ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରିଛି। ଅନ୍ୟପଟେ, ବିଜେପି ବିଧାୟକମାନେ



ଏହି ଆଲୋଚନାକୁ ବିରୋଧ କରିବା ସହ ଜମ୍ମୁରେ "ନ୍ୟାଶନାଲ ଲ" ୟୁନିଭରସିଟି" ପ୍ରତିଷ୍ଠା ଦାବିରେ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ବିଜେପି ବିଧାୟକ ଶ୍ୟାମ ଲାଲ ଶର୍ମା କହିଛନ୍ତି ଯେ, ଆନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବା ଏହି ଗୃହର କାର୍ଯ୍ୟାଧିକାର ନୁହେଁ। ଏହି ସମୟରେ କଂଗ୍ରେସ ବିଧାୟକ ଇରଫାନ ହାଫିଜ ଲୋନ୍ ଓ ବିଜେପି ବିଧାୟକ ଯୁଦ୍ଧବୀର ସେଠୀଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ପିଡିପି ବିଧାୟକ ଆଗା ସୟଦ ମୁନ୍ତାଜିର ମେହେଦୀ ଦାବି କରିଛନ୍ତି ଯେ, ପଞ୍ଜାବ ବିଧାନସଭା ଭଳି ଜମ୍ମୁ-କାଶ୍ମୀରରେ ମଧ୍ୟ ଆମେରିକା-ଇସ୍ରାଏଲ୍ ଆକ୍ରମଣ ବିରୋଧରେ ଏକ ସଂକଳ୍ପ ପାରିତ ହେବା ଉଚିତ। ସିପିଆଇ ନେତା ମହମ୍ମଦ ୟୁସୁଫ ତାରିଗାମୀ ମଧ୍ୟ ଭାରତର ଇରାନ ସହ ଥିବା ଐତିହାସିକ ଓ ସାଂସ୍କୃତିକ ସମ୍ପର୍କକୁ ଦୋହରାଇ କେନ୍ଦ୍ର ସରକାରଙ୍କୁ ଏହି ଯୁଦ୍ଧ ନିଆଁ ଲିଭାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଗୃହରେ ଜାରି ରହିଥିବା ଏହି ଅଚଳାବସ୍ଥା ଯୋଗୁଁ ବାଚସ୍ପତି ଅବଦୁଲ ରହିମ ରାଥର ଗୃହକୁ କିଛି ସମୟ ପାଇଁ ମୁଲତବୀ ରଖିଥିଲେ।

## ମାର୍କିନ ସୈନିକ ଥିବା ହୋଟେଲକୁ ଟାର୍ଗେଟ୍ କରିବ ଇରାନ

**ତେହେରାନ:** ସମଗ୍ର ଅଞ୍ଚଳରେ ଆମେରିକୀୟ ସୈନିକମାନଙ୍କୁ ରଖୁଥିବା ହୋଟେଲଗୁଡ଼ିକୁ ଟାର୍ଗେଟ୍ କରାଯିବ ବୋଲି ଇରାନ ସେନା ଚେତାବନୀ ଦେଇଛି। ସଶସ୍ତ୍ର ବାହିନୀର ମୁଖପାତ୍ର ଅବୋଲଫଜଲ ଶେକାର୍ଚି ଗୁରୁବାର ରାଷ୍ଟ୍ରାୟତ୍ତ ଟେଲିଭିଜନକୁ କହିଛନ୍ତି, ଯେତେବେଳେ ଆମେରିକୀୟ (ସୈନ୍ୟ) ଏକ ହୋଟେଲକୁ ଯାଆନ୍ତି, ସେତେବେଳେ ଆମ ଦୃଷ୍ଟିକୋଣରୁ ସେହି ହୋଟେଲ ଆମେରିକୀୟ ହୋଇଯାଏ। ଆମେ କେବଳ ଠିଆ ହେବା ହୋଇ ସେମାନଙ୍କୁ ଆମକୁ ଆକ୍ରମଣ କରିବାକୁ ଦେବା ଉଚିତ କି? ସ୍ୱାଭାବିକ ଭାବରେ ସେମାନେ ଯେଉଁଠାରେ ଅଛନ୍ତି ଆମକୁ ଆକ୍ରମଣ କରିବାକୁ ପଡିବ।ଫେବ୍ରୁଆରି ୨୮ ରେ, ଇସ୍ରାଏଲ ଓ ଆମେରିକା ଇରାନ ଉପରେ ଆକ୍ରମଣ କରିଥିଲେ, ଯେଉଁଥିରେ ଏହାର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କୁ ହତ୍ୟା କରାଯାଇଥିଲା ଏବଂ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଏହା ପରେ ଯୁଦ୍ଧ ମଧ୍ୟପ୍ରାଚ୍ୟରେ ବ୍ୟାପିଛି, ଇରାନ ଇସ୍ରାଏଲ ଓ ଏହି ଅଞ୍ଚଳରେ ଆମେରିକାର ଘାଟି ଉପରେ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ ସହିତ ପ୍ରତିକ୍ରିୟା ଦେଇଛି। ଗୁରୁବାର ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚି ଅଭିଯୋଗ କରିଛନ୍ତି ଯେ, ଆମେରିକାର ସୈନିକମାନେ ଉପସାଗରୀୟ ସହଯୋଗ ପରିଷଦ (ଜିସିସି) ଦେଶରେ ଥିବା ଲୋକଙ୍କୁ 'ମାନବ ଢାଲ' ଭାବରେ ବ୍ୟବହାର କରୁଛନ୍ତି। ତେଣୁ ସେମାନେ ରହୁଥିବା ହୋଟେଲକୁ ଆମେ ଆକ୍ରମଣ କରିବୁ।

## ପାକ୍ ଦୂତାବାସ ନିକଟରେ ଆକ୍ରମଣ

**ଇସଲାମାବାଦ:** ଇରାନର ରାଜଧାନୀ ତେହେରାନରେ ପାକିସ୍ତାନ ଦୂତାବାସ ନିକଟରେ ଇସ୍ରାଏଲ-ଆମେରିକାର ଆକ୍ରମଣ ପରେ, ଇସଲାମାବାଦ ଇସ୍ରାଏଲକୁ ଏହାର କୂଟନୀତିଜ୍ଞଙ୍କ ସୁରକ୍ଷା ନେଇ କଠୋର ଚେତାବନୀ ଦେଇଛି। ପାକିସ୍ତାନ କହିଛି ଯେ, ଏହାର କୂଟନୀତିଜ୍ଞଙ୍କ ପ୍ରତି ଇରାନରେ କିମ୍ବା ଅନ୍ୟ କୌଣସି ସ୍ଥାନରେ ଯେକୌଣସି ବିପଦର କଡ଼ା ଜବାବ ଦିଆଯିବ।ସରକାର ସମ୍ବନ୍ଧିତ ପାକିସ୍ତାନ ରଣନୈତିକ ଫୋରମର ଏକ ବିବୃତିରେ କହିଛି ଯେ, ଇସ୍ରାଏଲ ମନେ ରଖିବା ଉଚିତ, ପାକିସ୍ତାନ କତର ନୁହେଁ। ଯଦି ବିଶ୍ୱର ଯେକୌଣସି ସ୍ଥାନରେ ଆମର କୂଟନୀତିଜ୍ଞଙ୍କ ପ୍ରତି କୌଣସି କ୍ଷତି ହୁଏ, ତେବେ ଆମେ ସେମାନଙ୍କୁ କଡ଼ା ଜବାବ ଦେବୁ। ଗୁରୁବାର ଇସ୍ରାଏଲ ଓ ଆମେରିକା କେନ୍ଦ୍ରୀୟ ତେହେରାନରେ ଆକାଶମାର୍ଗରୁ ଆକ୍ରମଣ କରିଥିଲେ। ତେହେରାନର ପାକିସ୍ତାନ ଦୂତାବାସ ଏବଂ ଏହାର ରାଷ୍ଟ୍ରଦୂତଙ୍କ ବାସଭବନ ନିକଟରେ ଆକ୍ରମଣ କରିଥିଲା। ପ୍ରାଥମିକ ରିପୋର୍ଟରୁ ଦୂତାବାସ ପରିସର କିମ୍ବା ପାକିସ୍ତାନ ଦୂତାବାସ କର୍ମଚାରୀ ଆହତ ହୋଇନଥିଲେ।

# ଆମେରିକା ଡଲାରରେ ରହିବ ଟ୍ରମ୍ପଙ୍କ ଦସ୍ତଖତ

**ୱାଶିଂଟନ:** ଆମେରିକା ଇତିହାସରେ ପ୍ରଥମଥର ପାଇଁ ଗୋଟିଏ ବଡ଼ ଘଟଣା ଘଟିଛି। ଏଣିକି ଆମେରିକୀୟ ଡଲାରରେ ରହିବ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦସ୍ତଖତ। ଦେଶର ବ୍ୟାଙ୍କ ନୋଟରେ କୌଣସି ରାଷ୍ଟ୍ରପତିଙ୍କ ଦସ୍ତଖତ ରହିବା ପ୍ରଥମ ଘଟଣା ହେବାକୁ ଯାଉଛି। ଆଉ ଏହି ରେକର୍ଡର ଅଧିକାରୀ ବର୍ତ୍ତମାନ ଆମେରିକାରେ ରାଷ୍ଟ୍ରପତି ଭାବେ କାମ କରୁଥିବା ଟ୍ରମ୍ପ ହେବାକୁ ଯାଉଛନ୍ତି।ଆମେରିକା ଅର୍ଥ ବିଭାଗର ଘୋଷଣା ଅନୁଯାୟୀ, ଡୋନାଲ୍ଡ ଟ୍ରମ୍ପ ଆମେରିକାର ପ୍ରଥମ କାର୍ଯ୍ୟରତ ରାଷ୍ଟ୍ରପତି ହେବାକୁ ଯାଉଛନ୍ତି, ଯାହାଙ୍କ ସ୍ୱାକ୍ଷର ଆମେରିକୀୟ ବ୍ୟାଙ୍କ ନୋଟ୍ (ଡଲାର)ରେ ରହିବ। ଦେଶର ଅର୍ଥମନ୍ତ୍ରୀ ସ୍କଟ୍ ବେସେଣ୍ଟଙ୍କ ଦସ୍ତଖତ ସହିତ ଟ୍ରମ୍ପଙ୍କ ସ୍ୱାକ୍ଷର ଏଥିରେ ରହିବ। ଆମେରିକା ନିଜ ସ୍ୱାଧୀନତାର ୨୫୦ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଥିବା ବେଳେ ଟ୍ରମ୍ପ ପ୍ରଶାସନ ଏପରି ନିଷ୍ପତ୍ତି ନେଇଥିବା ବିଭାଗ ପକ୍ଷରୁ କୁହାଯାଇଛି।ଅର୍ଥମନ୍ତ୍ରୀ ବେସେଣ୍ଟ କହିଛନ୍ତି, "ଆମର ମହାନ ଦେଶ ଓ ରାଷ୍ଟ୍ରପତି ଡୋନାଲ୍ଡ ଜେ ଟ୍ରମ୍ପଙ୍କ ଐତିହାସିକ ସଫଳତାକୁ ସ୍ୱୀକୃତି ଦେବା ପାଇଁ ଆମେରିକୀୟ ଡଲାର ବିଲ୍ରେ ତାଙ୍କ ନାମ ରହିବା ଠାରୁ ଅଧିକ ଶକ୍ତିଶାଳୀ ଓ ଉପଯୁକ୍ତ ମାଧ୍ୟମ ଆଉ କି ହୋଇନପାରେ।"ସାଧାରଣତଃ ଆମେରିକୀୟ ବ୍ୟାଙ୍କ ନୋଟ୍ରେ କେବଳ ଟ୍ରେଜେରୀ ଅଧିକାରୀଙ୍କ ସ୍ୱାକ୍ଷର ରହିଥାଏ। କିନ୍ତୁ ଏବେ ଅର୍ଥମନ୍ତ୍ରୀ ଓ ରାଷ୍ଟ୍ରପତି ଟ୍ରମ୍ପଙ୍କ ଦସ୍ତଖତ ଏଥିରେ ରହିବ। ୧୮୬୧ ମସିହାରୁ ଆମେରିକାର ବ୍ୟାଙ୍କ ନୋଟ୍ରେ ଟ୍ରେଜେରର୍ଙ୍କ ସ୍ୱାକ୍ଷର ରହିବା ପରମ୍ପରାକୁ କାର୍ଯ୍ୟକାରୀ କରାଯାଉଛି। କିନ୍ତୁ ଟ୍ରମ୍ପ ପ୍ରଶାସନ ଏବେ ଏହି ପରମ୍ପରାକୁ ବଦଳାଇବାକୁ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁସାରେ, ଜୁନ୍ ମାସରେ ଟ୍ରମ୍ପ ଓ ବେସେଣ୍ଟଙ୍କ ଦସ୍ତଖତ ଥିବା ପ୍ରଥମ ୧୦୦ ଡଲାର ନୋଟ ଛପା ଯିବ। ପରେ ଅନ୍ୟ ନୋଟ୍ଗୁଡ଼ିକ ମଧ୍ୟ ଉଭୟଙ୍କ ଦସ୍ତଖତ ସହ ବଜାରକୁ ଆସିବ। ବର୍ତ୍ତମାନର ନୋଟ୍ଗୁଡ଼ିକରେ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ଅର୍ଥମନ୍ତ୍ରୀ ଜାନେଟ୍ ୟେଲେନ ଓ ଟ୍ରେଜେରର୍ ଲିନ୍ ମାଲେରବାଙ୍କ ଦସ୍ତଖତ ରହିଛି। ଆମେରିକାର ମୁଦ୍ରା ସମ୍ପର୍କରେ ବର୍ତ୍ତମାନର ଟ୍ରେଜରର୍ ବ୍ରାଣ୍ଡନ୍ ବିଚ୍ କହିଛନ୍ତି ଯେ ଦେଶର ମୁଦ୍ରା ଆମେରିକୀୟ ଲୋକଙ୍କର ସମୃଦ୍ଧି, ଶକ୍ତି ଓ ଆତ୍ମାର ପ୍ରତୀକ ରୂପେ ପୂର୍ବଭଳି କାର୍ଯ୍ୟ କରିବ। ୧୩ଟି ମୂଳ ଆମେରିକୀୟ ରାଜ୍ୟ ବ୍ରିଟେନ୍ ଠାରୁ ପାଇଥିବା ସ୍ୱାଧୀନତାକୁ ୨୫୦ ବର୍ଷ ପୂରିବାକୁ ଯାଉଛି। ଏହା ପୂର୍ବରୁ ଟ୍ରମ୍ପ ପ୍ରଶାସନ ଏପରି ପଦକ୍ଷେପ ନେଇଛି।

# ଆଇଏସ୍ଆଇଏସ୍ ଲିଙ୍କ୍: ୧୨ ସନ୍ଦିଗ୍ଧ ଗିରଫ



**ନୂଆଦିଲ୍ଲୀ:** ଆଲକାଏଦା ଇନ୍ ଇଣ୍ଡିଆନ ଷ୍ଟେଟ୍ (ଏକ୍ୟୁଆଇଏସ୍) ଓ ଆଇଏସ୍ଆଇଏସ୍ ପରି ନିଷିଦ୍ଧ ଆତଙ୍କବାଦୀ ସଙ୍ଗଠନ ସହିତ ସମ୍ପର୍କ ଅଭିଯୋଗରେ ୧୨ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ଆନ୍ଧ୍ରପ୍ରଦେଶ ଓ ଦିଲ୍ଲୀ ପୁଲିସର ବିଭିନ୍ନ ରାଜ୍ୟରେ ମିଳିତ ଭାବେ ଚଢଉ କରିବାପରେ ଏହି ଗିରଫଦାରୀ କରାଯାଇଛି। ଆନ୍ଧ୍ରପ୍ରଦେଶର ମହମ୍ମଦ ରହମୁତୁଲ୍ଲା ସରିଫ, ମିର୍ଜା ସୋହେଲ ବେଗ ଏବଂ ମହମ୍ମଦ ଦାନିସ; ବିହାରର ଶାଦମାନ ଦିଲଖୁସ୍ ଓ ଅଜମାନୁଲ୍ଲା ଖାନ, ଦିଲ୍ଲୀର ରୋହିଣୀର ବାସିନ୍ଦା ଲକି ଅହମ୍ମଦ, ମୀର ଆସିଫ ଅଲି (ପଶ୍ଚିମବଙ୍ଗ), ଜିଶାନ୍ (ରାଜସ୍ଥାନ), ଅବଦୁଲ ସଲାମ (କର୍ଣ୍ଣାଟକ), ଶାହରୁଖ ଖାନ ଏବଂ ଶିସିଆକ ପ୍ୟାଜ୍ ଉର ରେହମାନ (ମହାରାଷ୍ଟ୍ର), ତେଲେଙ୍ଗାନାରୁ ସାଇଦା ବେଗମଙ୍କୁ ଗିରଫ କରାଯାଇଥିଲା। ଏକ୍ୟୁଆଇଏସ୍ ଓ ଆଇଏସ୍ଆଇଏସ୍ ବିଦେଶୀ ହ୍ୟାଣ୍ଡଲର୍ଙ୍କ ସହିତ ସେମାନେ ଗେମିଂ ଆପ୍ରେ ପ୍ରଥମେ ଭେଟିଥିଲେ ଓ ପରେ ଆତଙ୍କବାଦୀ ସଙ୍ଗଠନରେ ଯୋଡ଼ି ହୋଇଥିଲେ। ଆଇଏସ୍ଆଇଏସ୍ର 'ବେନେକ୍ସ କମ୍' ସହିତ ସେମାନଙ୍କର ଲିଙ୍କ୍ ଥିଲା।

ଜାତୀୟ ପତାକା ପୋଡ଼ିବା ସହିତ ଜାତୀୟ ସଙ୍ଗୀତ ଉପରେ ଉପହାସ କରୁଥିଲେ। ମାସକ ଭିତରେ ପାକିସ୍ତାନ ଯାଇ ପ୍ରଶିକ୍ଷଣ ନେବାକୁ ସେମାନେ ଯୋଜନା କରୁଥିବା ଜଣାପଡ଼ିଛି। ସେମାନେ ଅନ୍ୟ ଯୁବକଙ୍କୁ ପାକିସ୍ତାନ ଓ ଆଫଗାନିସ୍ତାନ ଯାଇ ପ୍ରଶିକ୍ଷଣ ନେବାକୁ ପ୍ରବର୍ତ୍ତାଉ ଥିଲେ। ତଦନ୍ତରୁ ଜଣାପଡ଼ିଛି ବିଜୟୱାଡାର ବାସିନ୍ଦା ରହମୁତୁଲ୍ଲା, ସୋହେଲ ବେଗ୍ ଓ ମହମ୍ମଦ ଦାନିସ୍ 'ଅଲ୍ ମଲିକ୍ ଇସଲାମିକ୍ ୟୁଥ୍' ନାମରେ ସଙ୍ଗଠନ କରି ଯୁବକଙ୍କୁ ଉଗ୍ରବାଦୀ ଚିନ୍ତାଧାରାରେ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିଲେ ଓ ଜିହାଦ୍ ପାଇଁ ସେମାନଙ୍କୁ ପ୍ରସ୍ତୁତ କରୁଥିଲେ।

## ସହମତିରେ ବିବାହିତ ପୁରୁଷଙ୍କ ଲିଭ୍-ଇନ୍ ଅପରାଧ ନୁହେଁ

**ପ୍ରୟାଗରାଜ:** ଆହ୍ଲାବାଦ ହାଇକୋର୍ଟ ନିକଟରେ ଉତ୍ତରପ୍ରଦେଶର ଶାହଜାହାନପୁରର ଏକ ଲିଭ୍-ଇନ୍ ଦମ୍ପତିଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ୍ ପିଟିସନର ଶୁଣାଣି କରି କହିଛନ୍ତି ଯେ, ଜଣେ ବିବାହିତ ପୁରୁଷ ଜଣେ ବୟସ୍କ ମହିଳାଙ୍କ ସହ ସହମତି ଭିତ୍ତିରେ ଲିଭ୍-ଇନ୍ ସମ୍ପର୍କରେ ଥିବାରୁ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇପାରିବ ନାହିଁ। ଏହି ଦମ୍ପତି ସେମାନଙ୍କ ବିରୋଧରେ ମହିଳାଙ୍କ ମା'ଙ୍କ ଦ୍ୱାରା ଦାଖଲ ହୋଇଥିବା ପୁଲିସ ମାମଲାକୁ ଖାରଜ କରିବାକୁ ଅନୁରୋଧ କରିଥିଲେ।କୋର୍ଟ 'ନୈତିକତା' ଓ ଆଇନ ଭିତରେ ଥିବା ପ୍ରଭେଦକୁ ସୂଚାଇ କହିଛନ୍ତି ଯେ, ଆଇନ ଅନୁସାରେ, ପୁରୁଷ ଦ୍ୱାରା କୌଣସି ଅପରାଧ କରାଯାଇଥିବା ପରି ମନେ ହେଉନାହିଁ ଏବଂ ବୟସ୍କ ମହିଳାଙ୍କ ସହ ଲିଭ୍-ଇନ୍ ସମ୍ପର୍କ ସହମତି ଭିତ୍ତିରେ ହୋଇଛି। ନାଗରିକଙ୍କ ଅଧିକାର ସାମାଜିକ ମତ କିମ୍ବା ନୈତିକତା ଦ୍ୱାରା ନିର୍ଦ୍ଦେଶିତ ହୋଇପାରିବ ନାହିଁ ବୋଲି କୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ତଦନୁଯାୟୀ, ଆବେଦନକାରୀ ଦମ୍ପତିଙ୍କୁ ଗିରଫ ନ କରିବାକୁ କୋର୍ଟ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୮ ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଜଷ୍ଟିସ୍ ଜେଜେ ମୁନିର ଓ ଜଷ୍ଟିସ୍ ତରୁଣ ସାକ୍ସେନାଙ୍କ ଡିଭିଜନ୍ ବେଞ୍ଚ ଏହି ଆଦେଶ ଦେଇଛନ୍ତି। ଜାନୁଆରି ୮ ତାରିଖରେ ଅନାମିକାଙ୍କ ମା' କାନ୍ତି ଶାହଜାହାନପୁରର ଜୈତିପୁର ଥାନାରେ ଏକ ମାମଲା ରୁଜୁ କରିଥିଲେ। ସେ ଅଭିଯୋଗ କରିଛନ୍ତି ଯେ, ସେଦିନ ସକାଳେ ନେତ୍ରପାଲ ତାଙ୍କ ଝିଅକୁ ତାଙ୍କ ସହ ଚାଲିଯିବାକୁ ପ୍ରଲୋଭିତ କରିଥିଲେ ଏବଂ ଏହି କାର୍ଯ୍ୟରେ ଧର୍ମପାଲ ନାମକ ଅନ୍ୟ ଜଣେ ବ୍ୟକ୍ତି ତାଙ୍କୁ ସାହାଯ୍ୟ କରିଥିଲେ। ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍) ର ଧାରା ୮୭ ଅନୁଯାୟୀ ଏହି ମାମଲା ରୁଜୁ କରାଯାଇଛି।୧୮ ବର୍ଷୀୟା ଅନାମିକା ଓ ନେତ୍ରପାଲ (ବୟସ ଅସ୍ପଷ୍ଟ) ଆହ୍ଲାବାଦ ହାଇକୋର୍ଟରେ ଏହି ମାମଲାକୁ ଚ୍ୟାଲେଞ୍ଜ କରି ଏହାକୁ ଖାରଜ କରିବାକୁ ଅନୁରୋଧ କରିଥିଲେ ଏବଂ କୋର୍ଟରୁ ସୁରକ୍ଷା ପାଇଁ ଅନୁରୋଧ କରିଥିଲେ। ହାଇକୋର୍ଟଙ୍କୁ କୁହାଯାଇଥିଲା ଯେ ଆବେଦନକାରୀମାନେ ଉଭୟ ବୟସ୍କ ଏବଂ ବର୍ତ୍ତମାନ ସହମତି ଭିତ୍ତିରେ ଲିଭ୍-ଇନ୍ ସମ୍ପର୍କରେ ଅଛନ୍ତି। ଅନ୍ୟ ପକ୍ଷର ଯୁକ୍ତି ଥିଲା ଯେ ଦ୍ୱିତୀୟ ଆବେଦନକାରୀ ନେତ୍ରପାଲ ଜଣେ ବିବାହିତ ପୁରୁଷ। ତେଣୁ ଅନ୍ୟ ଜଣେ ମହିଳାଙ୍କ ସହ ବାସ କରିବା ତାଙ୍କ ପକ୍ଷରେ ଏକ ଅପରାଧ। କିନ୍ତୁ, ଶୁଣାଣି ସମୟରେ କୋର୍ଟ କହିଛନ୍ତି ଯେ ଯଦି ନେତ୍ରପାଲ ଅନ୍ୟ ଜଣେ ବୟସ୍କଙ୍କ ସହ ସହମତି ଭିତ୍ତିରେ ଲିଭ୍-ଇନ୍ରେ ଅଛନ୍ତି ତେବେ କୌଣସି ଅପରାଧ ହୋଇନାହିଁ ଯେଉଁଥିରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ।

## ସୂଚକାଙ୍କ ୧୬୯୦ ପଏଣ୍ଟ ଖସିଲା

# ନିବେଶକ ହରାଇଲେ ୮.୫ ଲକ୍ଷ କୋଟି

**ମୁମ୍ବାଇ:** ଇରାନ-ଆମେରିକା ଯୁଦ୍ଧକୁ ନେଇ ଲାଗିରହିଥିବା ଅନିଶ୍ଚିତତାର ପ୍ରଭାବ ଆଜି ସେୟାର ବଜାରରେ ଦେଖିବାକୁ ମିଳିଥିଲା। ନିବେଶକମାନେ ବିପୁଳ ସେୟାର ବିକ୍ରି କରିବାରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ୧୬୯୦ ପଏଣ୍ଟ ହ୍ରାସ ପାଇ ୭୩,୫୮୧ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୪୮୬ ପଏଣ୍ଟ ହ୍ରାସ ପାଇ ୨୨,୮୧୯ ପଏଣ୍ଟରେ ବନ୍ଦ ହୋଇଛି। ସେନ୍ସେକ୍ସରେ ଘଟିଥିବା ହ୍ରାସ ପ୍ରଭାବରେ ନିବେଶକମାନେ ୮.୫ ଲକ୍ଷ କୋଟି ଟଙ୍କା ହରାଇଥିବା ଆକଳନ କରାଯାଇଛି। ପାଞ୍ଚଦିନ ପାଇଁ ଇରାନ ତୈଳ ଭିତ୍ତିଭୂମି ଉପରେ କୌଣସି ଆକ୍ରମଣ କରାଯିବ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିବା ପରେ ଯୁଦ୍ଧ ଶୀଘ୍ର ସରିବ ବୋଲି ଆଶା ଜାଗ୍ରତ ହୋଇଥିଲା। କିନ୍ତୁ ସେ



ଦିଗରେ ବାସ୍ତବରେ କୌଣସି କଥା ଆଗକୁ ବଢୁନଥିବାରୁ ଆଜି ନିବେଶକମାନେ ଚିନ୍ତିତ ହୋଇପଡ଼ିଥିଲେ। ମଧ୍ୟପ୍ରାଚ୍ୟରେ ସାମରିକ ଗତିବିଧି ବଢ଼ିବା ଖବର ମଧ୍ୟ ସାମ୍ନାକୁ ଆସୁଛି। ନିବେଶକମାନେ ଏବେ ସ୍ଥିତିକୁ ନେଇ ସ୍ପଷ୍ଟ ସଙ୍କେତ ଚାହୁଛନ୍ତି। ଆଜିର ହ୍ରାସ ପଛରେ ଆହୁରି ଅନେକ କାରଣ ରହିଛି। ଗତକାଲି ରାମ ନବମୀ ପାଇଁ ଷ୍ଟକ୍ ବଜାରରେ କାରବାର ବନ୍ଦ ଥିଲା। ଆଜି ଥିଲା ଚଳିତ ସପ୍ତାହର ଶେଷ କାରବାର ଦିନ। କିଛି ନିବେଶକ ଲାଭ ପାଇବା ଆଶାରେ ସେୟାର ବିକ୍ରି କରିଛି। ଆଉ କିଛି ସୋମବାର ବେଳକୁ ସ୍ଥିତି ଅଧିକ ବିଗିଡ଼ିବା ଆଶଙ୍କା କରି ସେୟାର ବିକିଛନ୍ତି। ଏସିଆର ଅନ୍ୟ ଦେଶଗୁଡ଼ିକର ସେୟାର ବଜାର ହ୍ରାସ ପାଇଛି। ଆମେରିକାରେ ସେୟାର ବଜାର ଅସ୍ଥିର ରହିଛି। କିନ୍ତୁ ବଜାର ପାଇଁ ସବୁଠୁ ବଡ଼ ଚିନ୍ତା ହେଉଛି ଅଶୋଧିତ ତୈଳ ଦର ଯାହା ବ୍ୟାରେଲ୍ ପିଛା ୧୧୦ ଡଲାରକୁ ବୃଦ୍ଧି ପାଇଛି। ତେଲ ମହଙ୍ଗା ରହିଲେ ତାହା ଭାରତର ମୁଦ୍ରାସ୍ଫୀତି ଓ କର୍ପୋରେଟ୍ ସଂସ୍ଥାର ଲାଭକୁ ପ୍ରଭାବିତ କରିବା ଆଶଙ୍କା ଥିବାରୁ ନିବେଶକମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଆଜି ସେୟାର ବଜାରରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ର ସେୟାର ମୂଲ୍ୟ ୪ ପ୍ରତିଶତ ଓ ଏଚ୍ଡିଏଫ୍ସି ବ୍ୟାଙ୍କର ୩ ପ୍ରତିଶତ, ଏଲ୍ଆଣ୍ଡଟିର ୨ ପ୍ରତିଶତ ହ୍ରାସ ପାଇଥିଲା। ଆଇସିଆଇସିଆଇ ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ, ଏସ୍ବିଆଇ, ମାରୁତି ଓ ଟାଇଟାନ୍ର ସେୟାର ମୂଲ୍ୟ ମଧ୍ୟ ହ୍ରାସ ପାଇଛି।

# ଆଜିଠୁ ଆଇପିଏଲ୍ ମହାସମର

## ବେଙ୍ଗାଲୁରୁ-ହାଇଦ୍ରାବାଦ ଉଦ୍‌ଘାଟନୀ ଲଢ଼େଇ



ନୂଆଦିଲ୍ଲୀ,୨୭।୩(ଏଜେନ୍ସି): ବିଶ୍ୱବାସୀଙ୍କ ମନରୁ ଟି-୨୦ ବିଶ୍ୱକପର ମହାଲଢ଼େଇ ଲିଭି ନଥିବ। ପୁଣିଥରେ ସେହି ଫଟାଫଟ କ୍ରିକେଟ୍ ଭାରତରେ ଆରମ୍ଭ ହେବାକୁ ଯାଉଛି। ଶନିବାର ଠୁ ଆଇପିଏଲର ୧୯ତମ ସଂସ୍କରଣ ବିଗୁଲ ବାଜିବ। ଉଦ୍‌ଘାଟନୀ ମ୍ୟାଚ ବେଙ୍ଗାଲୁରୁର ଏମ୍ ଚିନ୍ନସ୍ୱାମୀ ଷ୍ଟାଡିୟମରେ ଗତ ସଂସ୍କରଣର ବିଜେତା ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଖେଳାଯିବ। ମାର୍ଚ୍ଚ ୨୮ରୁ ମେ ୩୧ ତାରିଖ ପର୍ଯ୍ୟନ୍ତ ଭାରତର ୧୩ଟି ଭେନ୍ୟୁରେ ୧୦ଟି ଦଳ ମଧ୍ୟରେ ମୋଟ୍ ୭୪ଟି ମ୍ୟାଚ ଖେଳାଯିବ। ବିସିସିଆଇର ଏହି ପେସାଦାର ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ୨୦୦୮ରୁ ଆରମ୍ଭ ହୋଇଥିଲା। ଅଦ୍ୟାବଧି ୧୮ଟି ସଂସ୍କରଣ ସରିଛି। ଗତ ସଂସ୍କରଣରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବକିଙ୍ଗ୍ସ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା।

ଏଥର ଆଇପିଏଲରେ କିଛି ନୂଆ ଚେହେରା ପଡିଆକୁ ଓହ୍ଲାଇବାକୁ ପାଇଁ ପ୍ରସ୍ତୁତ ଅଛନ୍ତି। ଯେଉଁମାନେ ନିଜ ପ୍ରତିଭା ବଳରେ ମ୍ୟାଚର ମୋଡ଼ ବଦଳାଇବାର ଦକ୍ଷତା ରଖନ୍ତି। ଏମାନଙ୍କ ମଧ୍ୟରେ ଘରୋଇ କ୍ରିକେଟରେ ଚମକୁଥିବା ତାରକାଙ୍କ ଠୁ ଆରମ୍ଭ କରି ଅନ୍ତର୍ଜତୀୟସ୍ତରର ବିପଜ୍ଜନକ ଖେଳାଳି ଅଛନ୍ତି।

ଚେନ୍ନାଇ ସୁପରକିଙ୍ଗ୍ସରେ ଏଥର କାର୍ତ୍ତିକ ଶର୍ମା ନଜର ଆସିବେ। ୧୯ ବର୍ଷୀୟ ୱିକେଟକିପର ବ୍ୟାଟରଙ୍କ ଉପରେ ଭରଷା ଦେଖାଇଛି ଚେନ୍ନାଇ। ରାଜସ୍ଥାନର ଏହି ଯୁବ ଖେଳାଳିଙ୍କୁ ଦଳ ୧୪.୨ କୋଟି ଟଙ୍କାରେ କିଣିଛି। ଏଥିରୁ ସ୍ପଷ୍ଟ ହୋଇଛି ଫ୍ରାଞ୍ଚାଇଜ ତାଙ୍କୁ କେତେ ଗୁରୁତ୍ୱ ଦେଇଛି। କାର୍ତ୍ତିକ ନିଜର ଆକ୍ରଣାକ୍ ବ୍ୟାଟିଂ ଶୈଳୀ ପାଇଁ ଜଣାଶୁଣା। ଘରୋଇ କ୍ରିକେଟରେ କ୍ରମାଗତ ଭଲ ପ୍ରଦର୍ଶନ କରି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିଭଳି ଦିଲ୍ଲୀର ଦ୍ରୁତ ବୋଲିଂ ଅସ୍ତ୍ର ସାଜିବେ ଆକିବ ନବୀ। ଘରୋଇ କ୍ରିକେଟରେ ନିଜର ଗତି ଓ ସୁଙ୍ଗ ମାଧ୍ୟରେ ସେ ବ୍ୟାଟରଙ୍କୁ ଅଡୁଆରେ ପକାଇଥାନ୍ତି। ୧୪୦ କିଲୋମିଟର ବେଗରେ ବୋଲିଂ କରୁଥିବା ଯୁବ ଦ୍ରୁତ ବୋଲର ନୂଆ ବଲ ସହିତ ୱିକେଟ୍ ହାସଲ କରିବାର ସ୍ୱତନ୍ତ୍ରତା ଲକ୍ଷ୍ୟ ରଖିଛନ୍ତି।



କୋଲକାତା ନାଇଟ ରାଇଡର୍ସର ବିସ୍ଫୋରକ ଓପନର ଫିନ୍ ଆଲିନଙ୍କ ପାଇଁ ଏହି ସିଜନ ବଡ଼ ସୁଯୋଗ ଆଣିଦେବ। ନ୍ୟୁଜିଲାଣ୍ଡର ଏହି ତାରକା ଖେଳାଳି ପୂର୍ବରୁ ଆରସିବି ଦଳର ଅଂଶ ଥିଲେ। ଦୁର୍ଭାଗ୍ୟବଶତଃ ଗୋଟିଏ ବି ମ୍ୟାଚ ଖେଳିପାରିନଥିଲେ। ଏଥର କୋଲକାତା ନାଇଟରାଇଡର୍ସ ତାଙ୍କୁ ୨ କୋଟି ଟଙ୍କାରେ କିଣିଛି। ନିକଟରେ ଶେଷ ହୋଇଥିବା ଟି-୨୦ ବିଶ୍ୱକପରେ ତାଙ୍କର ଧୂଆଁଧାର ବ୍ୟାଟିଂ ଦେଖିବାକୁ ମିଳିଥିଲା। ତେଣୁ କେକେଆର୍ ପାଇଁ ସେ ଜଣେ ପ୍ରକୃତ ଗେମ୍ ଚେଞ୍ଜର ହୋଇପାରନ୍ତି। ହାଇଦ୍ରାବାଦର ଘାତକ ବ୍ୟାଟର ସଲିଲ ଅରୋରା ଏଥର ଚର୍ଚ୍ଚାରେ ରହିବେ। ପଞ୍ଜାବର ଏହି ୱିକେଟକିପର ବ୍ୟାଟର ଘରୋଇ ଟି-୨୦ କ୍ରିକେଟରେ ନିଜର ବିସ୍ଫୋରକ ବ୍ୟାଟିଂ ଦ୍ୱାରା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ଝାଡ଼ଖଣ୍ଡ ବିପକ୍ଷରେ ତାଙ୍କର ଦ୍ରୁତ ଶତକ ମଧ୍ୟ ଚର୍ଚ୍ଚାରେ ରହିଥିଲା। ସେହିଭଳି ମୁମ୍ବାଇର ମିଷ୍ଟ୍ରି ସ୍ପିନର ଆଲ୍ଲା ଗଜନଫର ଆଇପିଏଲରେ ଚହଲ ପକାଇପାରନ୍ତି। ଗତ ସିଜନରେ ସେ ଆହତ ଯୋଗୁଁ ଖେଳିପାରିନଥିଲେ। ଏଥର ତାଙ୍କ ପ୍ରତି ଢ଼େର ଆଶା ରହିଛି। ଅଳ୍ପ ବୟସରେ ହିଁ ସେ ଟି-୨୦ କ୍ରିକେଟରେ ଚମତ୍କାର ୱିକେଟ ନେବାର ଦକ୍ଷତା ପ୍ରଦର୍ଶନ କରିଛନ୍ତି।

ଆଇପିଏଲ ୨୦୨୬ରେ ଏହି ନୂଆ ତାରକାମାନଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଏହି ଖେଳାଳିମାନେ ନିଜର କ୍ଷମତା ପ୍ରମାଣ କରି ଭାରତୀୟ ତଥା ଅନ୍ତର୍ଜାତୀୟ କ୍ରିକେଟରେ ନୂତନ ପରିଚୟ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି।

### ହେବନି ଉଦ୍‌ଘାଟନୀ ମ୍ୟାଚ

ଉଦ୍‌ଘାଟନୀ ଉତ୍ସବରେ ତାରକାଙ୍କ ଜଲୱା କିମ୍ବା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖିବାକୁ ମିଳିବ ନାହିଁ। କାରଣ ଗତବର୍ଷ ବେଙ୍ଗାଲୁରୁରେ ଆରସିବିର ବିଜୟ ଉତ୍ସବ ପାଳନ ବେଳେ ଦଳା ଚକଟା ଯୋଗୁଁ ଜୀବନ ଯାଇଥିଲା। ଏହାପରେ ବିସିସିଆଇ କଠୋର ହୋଇଛି। ସେହି ଉତ୍ସବରେ ପ୍ରାଣ ହରାଇଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇବା ପାଇଁ ବିସିସିଆଇ ସେଲିବ୍ରେସନ ନିଷ୍ପତ୍ତିକୁ ସ୍ଥଗିତ ରଖିଛି। ଦଳାଚକଟାରେ ୧୧ ଜଣଙ୍କ ଜୀବନ ଯାଇଥିଲା। ଆଗାମୀ ୨୮ରୁ ଆଇପିଏଲ୍ ବିଗୁଲ ବାଜିବ। ଉଦ୍‌ଘାଟନୀ ମ୍ୟାଚରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନରାଇଜର୍ସ ହାଇଦ୍ରାବାଦ ମୁହାଁମୁହିଁ ହେବ। ଏହି ମ୍ୟାଚ ବେଙ୍ଗାଲୁରୁର ଏମ ଚିନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ। ତେବେ ଆଇପିଏଲର ଉଦ୍‌ଯାପନୀ ଉତ୍ସବ ମେ ୩୧ ତାରିଖରେ ହୋଇପାରିବ। ମେ ୩୧ରେ ଆଇପିଏଲ ଫାଇନାଲ ଖେଳାଯିବ। ଯାହାକି ଶେଷ ମୁହୂର୍ତ୍ତରେ ବିସିସିଆଇ ନିଷ୍ପତ୍ତି ନେବ। ଗତ ସିଜନରେ କୋଲକାତାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ଏଥିରେ ଶାହାରୁଖ ଖାନ୍, ଶେୟା ଘୋଷାଲ, ଦିଶା ପଠାନୀ ଓ କରନଙ୍କ ଭଳି କଳାକାର ପ୍ରଦର୍ଶନ କରିଥିଲେ। ଏହା ପ୍ରଥମଥର ନୁହେଁ ବହୁବାର ଆଇପିଏଲର ଉଦଘାଟନୀ ଉତ୍ସବକୁ ସ୍ଥଗିତ ରଖାଯାଇଛି। ପୂର୍ବରୁ ପୁଲୱାମା ଆକ୍ରମଣରେ ସହିଦ ହୋଇଥିବା ୪୦ ଜଣ ଯବାନଙ୍କ ସ୍ମୃତିରେ ୨୦୧୯ ସଂସ୍କରଣର ଉଦ୍‌ଘାଟନୀ ଉତ୍ସବକୁ ସ୍ଥଗିତ ରଖାଯାଇଥିଲା।

### ଆଇପିଏଲର ଅଂଶଗ୍ରହଣକାରୀ ଦଳ

**ଗ୍ରୁପ୍ ଏ** : ଚେନ୍ନାଇ ସୁପରକିଙ୍ଗ୍ସ, କୋଲକାତା ନାଇଟରାଇଡର୍ସ, ରାଜସ୍ଥାନ ରୟାଲ୍ସ, ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ, ପଞ୍ଜାବକିଙ୍ଗ୍ସ। ଗ୍ରୁପ୍ ବି' ମୁମ୍ବାଇ ଇଣ୍ଡିଆନ୍ସ ସନରାଇଜର୍ସ ହାଇଦ୍ରାବାଦ, ଗୁଜରାଟ ଟାଇଟନ୍ସ, ଦିଲ୍ଲୀ କ୍ୟାପିଟାଲ୍ସ ଓ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ।

ଏଥର ଆଇପିଏଲର ପ୍ରସାରଣ ଅଧିକାର ଜିଓ ଷ୍ଟାରସ୍ପୋର୍ଟ୍ସ ଏବଂ ହର୍ଟଷ୍ଟାର ଲାଭ କରିଛି। ୨୦୨୩ରୁ ୨୦୨୭ ପର୍ଯ୍ୟନ୍ତ ଷ୍ଟାର ନେଟୱାର୍କ ଆଇପିଏଲ୍ ପ୍ରସାରଣ କରିବ।

**ସବୁ ଦଳରେ ଭାରତୀୟ ଅଧିନାୟକ:** ଚଳିତ ଆଇପିଏଲରେ ପ୍ରଥମଥର ପାଇଁ ଏକ ବଡ଼ ସଂଯୋଗ ଦେଖିବାକୁ ମିଳିଛି। ସମସ୍ତ ଅଂଶଗ୍ରହଣକାରୀ ୧୦ଟି ଯାକ ଦଳର ଅଧିନାୟକ ଭାରତୀୟ। ଚେନ୍ନାଇ ସୁପରକିଙ୍ଗ୍ସର ନେତୃତ୍ୱ ଋତୁରାଜ ଗାଏକ୍ୱାର୍ଡ ନେବେ। କୋଲକାତା ନାଇଟରାଇଡର୍ସ ଆଜିଙ୍କ୍ୟ ରାହାଣେଙ୍କୁ ନେତୃତ୍ୱ ଦେଇଥିବା ବେଳେ ଶ୍ରେୟାସ ଆୟର ପଞ୍ଜାବକିଙ୍ଗ୍ସର, ରିଆନ୍ ପରାଗ ରାଜସ୍ଥାନ ରୟାଲ୍ସ, ରଜତ ପଟିଦାର ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ, ଅକ୍ଷର ପଟେଲ ଦିଲ୍ଲୀ କ୍ୟାପିଟାଲ ଅଧିନାୟକ, ଶୁଭମନ ଗିଲ ଗୁଜରାଟ ଟାଇଟନ୍ସ ଅଧିନାୟକ, ରିଷଭ ପନ୍ତ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ ଅଧିନାୟକ, ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ଏବଂ ଇଷାନ କିଷାନ ସନରାଇଜର୍ସ ହାଇଦ୍ରାବାଦ ଅଧିନାୟକ ଦାୟିତ୍ୱ ତୁଲାଇବେ।

**୧୩ ଭେନ୍ୟୁ:** ଏଥର ଆଇପିଏଲର ସମସ୍ତ ମ୍ୟାଚ ୧୩ଟି ଭେନ୍ୟୁରେ ଖେଳାଯିବ। ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ, ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମ, ଚେନ୍ନାଇର ଏମଏ ଚିଦାମ୍ବରମ୍ ଷ୍ଟାଡିୟମ, ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ, ଧର୍ମଶାଳାର ଏଚପିସିଏ କ୍ରିକେଟ୍ ଷ୍ଟାଡିୟମ, ଗୌହାଟୀର ଏସିଏ କ୍ରିକେଟ୍ ଷ୍ଟାଡିୟମ, ଜୟପୁରର ସବାଇ ମାନସିଂ ଷ୍ଟାଡିୟମ, ଲକ୍ଷ୍ନୌର ଏକନା କ୍ରିକେଟ ଷ୍ଟାଡିୟମ, ମୁଲାନପୁରର ମହାରାଜା ଯାଦବିନ୍ଦ୍ର ସିଂ ଷ୍ଟାଡିୟମ, ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ, ନ୍ୟୁରାୟପୁରର କ୍ରିକେଟ୍ ଷ୍ଟାଡିୟମ, କୋଲକାତାର ଇଡେନ ଗାର୍ଡେନ, ହାଇଦ୍ରାବାଦର ରାଜୀବ ଗାନ୍ଧୀ ଷ୍ଟାଡିୟମରେ ମ୍ୟାଚ ଖେଳାଯିବ।

## ଖେଲୋ ଇଣ୍ଡିଆ ଆସ୍ମିତା ମହିଳା ବାସ୍କେଟବଲ୍ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନ



ଭୁବନେଶ୍ୱର,୨୭।୩(ସବ୍ୟୁ): ଭୁବନେଶ୍ୱରର ଇଉନିଟ୍-୧ ବାସ୍କେଟବଲ୍ କମ୍ପ୍ଲେକ୍ସରେ ଆୟୋଜିତ ଖେଲୋ ଇଣ୍ଡିଆ ଆସ୍ମିତା ମହିଳା ବାସ୍କେଟବଲ୍ ଟୁର୍ଣ୍ଣାମେଣ୍ଟ-୨୦୨୬ର ତୃତୀୟ ଦିନରେ ରୋମାଞ୍ଚକ ମ୍ୟାଚ୍ଗୁଡ଼ିକ ଦେଖିବାକୁ ମିଳିଲା। ଖେଳାଳିମାନେ ଉତ୍ସାହ ଓ କୌଶଳର ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ।

ଏଣ୍ଟରଟେନର୍ ଦଳ କିଟ୍-ବି କୁ ୫୪-୨୬ ରେ ପରାଜିତ କରିଛି। ଏସ୍‌ବି ମହିଳା କଲେଜ୍ ଦଳ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ କୁ ୨୫-୫ ରେ ହରାଇଥିଲା। ସିଡିଏଏ ଦଳ କିସ୍-ବି କୁ ୩୬-୨୮ ରେ ପରାଜିତ କଲା। କିଟ୍-ବି ଓ କେଡିବିଏ ମଧ୍ୟରେ ହୋଇଥିବା ମ୍ୟାଚ୍‌ର କେଡିବିଏ ୫୦-୨୬ ରେ ବିଜୟୀ ହେଲା। କିଟ୍-ଏ ଦଳ କିସ୍-ସି କୁ ୨୦-୧୪ ରେ ହରାଇଥିଲା। ଏହା ସହିତ କ୍ୱାର୍ଟର ଫାଇନାଲ୍ ଲାଇନ୍-ଅପ୍ ଘୋଷଣା ହୋଇଛି। କ୍ୱାର୍ଟର ଫାଇନାଲ୍-୧: କିଟ୍-ଏ ବିରୋଧରେ ଏଣ୍ଟରଟେନର୍, କ୍ୱାର୍ଟର ଫାଇନାଲ୍-୨: ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ବିରୋଧରେ ଜିଜିଏଚଆଇଏସ୍ ଖେଳିବ। କ୍ୱାର୍ଟର ଫାଇନାଲ୍-୩: କେଡିବିଏ ବିରୋଧରେ ଏସବି ମହିଳା, କ୍ୱାର୍ଟର ଫାଇନାଲ୍-୪: ବିବିଏ ବିରୋଧରେ ବିଏଏ ଖେଳିବ । ସନ୍ଧ୍ୟାବେଳେ ରାଜ୍ୟ ବାସ୍କେଟବଲ୍ ସଂଘର ପ୍ରତିନିଧିମାନେ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ସୂର୍ଯ୍ୟବଂଶୀଙ୍କୁ ୧୫ ବର୍ଷ: ସିନିୟର ଦଳ ପାଇଁ ସୁଯୋଗ ବଢ଼ିଲା

ନୂଆଦିଲ୍ଲୀ,୨୭।୩(ଏଜେନ୍ସି): ଯୁବ ବାମହାତୀ ବିସ୍ଫୋରକ ବ୍ୟାଟର ସୂର୍ଯ୍ୟବଂଶୀ ସୁରଜଙ୍କୁ ୧୫ ବର୍ଷ ଛୁଇଁଛି। ଆଇପିଏଲର ୧୯ତମ ସଂସ୍କରଣ ଆରମ୍ଭ ହେବାର ଦିନକ ପୂର୍ବରୁ ସୂର୍ଯ୍ୟବଂଶୀ ନିଜର ୧୫ତମ ଜନ୍ମଦିନ ସାଥୀ ଖେଳାଳିଙ୍କ ସହ ପାଳିଛନ୍ତି। ଗତ ଆଇପିଏଲ୍ ସିଜନରେ ଡେବ୍ୟୁ କରିଥିଲେ। ସୂର୍ଯ୍ୟବଂଶୀ ସମସ୍ତଙ୍କୁ ନିଜ ବ୍ୟାଟିଂ ବଳରେ ପ୍ରଭାବିତ କରିଛନ୍ତି। ତାଙ୍କ ବ୍ୟାଟିଂ ଦେଖି ସମସ୍ତେ ସେ କେବେ ଭାରତୀୟ ଦଳକୁ ଆସିବେ, ଅନାଇ ବସିଛନ୍ତି। ଏବେ ସମସ୍ତ ପ୍ରଶ୍ନର ଉତ୍ତର ମିଳିବା ସମ୍ଭବତଃ ଆଉ ବେଶି ଦୂର ନୁହେଁ। କାରଣ ସୂର୍ଯ୍ୟବଂଶୀଙ୍କୁ ୧୫ ବର୍ଷ ହୋଇଥିବାରୁ ସେ ଆଇନଗତ ଭାବେ ଭାରତୀୟ ସିନିୟର ଦଳରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଆଇସିସି ଖେଳାଳି ଯୋଗ୍ୟ ବିବେଚିତ ନିୟମଧାରା-୪ ଅନୁସାରେ ଜଣେ ଖେଳାଳିଙ୍କୁ ୧୫ ବର୍ଷ ନହେଲା ଯାଏ ସେ ସିନିୟର ଦଳରେ ସ୍ଥାନ ପାଇପାରିବେ ନାହିଁ। ଖାସ୍ ଏହି ନିୟମ ଯୋଗୁଁ ଦକ୍ଷତା ଥାଇ ମଧ୍ୟ ସୂର୍ଯ୍ୟବଂଶୀ ସିନିୟର ଦଳରେ ସ୍ଥାନ ପାଇନାହାନ୍ତି। ଶୁକ୍ରବାର ସୂର୍ଯ୍ୟବଂଶୀଙ୍କୁ ୧୫ ବର୍ଷ ହୋଇଛି। ସେହି ନିୟମ ଅନୁସାରେ ସେ ଖେଳିବାକୁ ଯୋଗ୍ୟ ହେବେ। ତଥାପି ତାଙ୍କୁ ଭାରତୀୟ ସିନିୟର ଦଳରେ ସାମିଲ ହେବା ପାଇଁ ଆହୁରି ସମୟ ଲାଗିବ। ତାଙ୍କୁ ନିଜର ପରିପକ୍ୱ ବ୍ୟାଟିଂ ପ୍ରଦର୍ଶନ ଦେଖାଇବାକୁ ହେବ। ୨୦୨୫ ଆଇପିଏଲ ପୂର୍ବରୁ ରାଜସ୍ଥାନ ରୟାଲ୍ସ ତାଙ୍କୁ ୧.୧ କୋଟି ଟଙ୍କାରେ କିଣିଥିଲା। ସେ ଆଇପିଏଲ ଇତିହାସରେ ସର୍ବକନିଷ୍ଠ ଖେଳାଳି ଭାବେ ଡେବ୍ୟୁ କରିବା ସହ ଶତକ ମଧ୍ୟ ହାସଲ କରିଥିଲେ। ଆଇପିଏଲ କ୍ୟାରିୟରର ଦ୍ୱିତୀୟ ମ୍ୟାଚରେ ସେ ମାତ୍ର ୩୫ ବଲରୁ ବିସ୍ଫୋରକ ୧୦୦ ରନ୍ ସଂଗ୍ରହ କରିଥିଲେ। ଏହି ଇନିଂସ ପାଇଁ ସୂର୍ଯ୍ୟବଂଶୀ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୨୫ ଆଇପିଏଲ ପୂର୍ବରୁ ମଧ୍ୟ ସେ ନିଜର ବ୍ୟାଟିଂରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ମାତ୍ର ୧୨ ବର୍ଷ ବୟସରେ ସେ ନିଜଠାରୁ ବଡ଼ ଅନେକ ଦ୍ରୁତ ବୋଲରଙ୍କୁ କଡା ପ୍ରହାର କରି ଦକ୍ଷତା ଦେଖାଇଥିଲେ। ୧୯ ବର୍ଷରୁ କମ୍ ବିଶ୍ୱକପ, ବିଜୟ ହଜାର ଟ୍ରଫି, ରଣଜୀ ଟ୍ରଫିରେ ସୂର୍ଯ୍ୟବଂଶୀ ଦମଦାର ପ୍ରଦର୍ଶନ କରିଥିବାରୁ ଭାରତୀୟ ସିନିୟର ଦଳରେ ପହଞ୍ଚିବାକୁ ତାଙ୍କ ପାଇଁ ବେଶି ଦୂରରେ ନୁହେଁ ବୋଲି କୁହାଯାଇପାରେ।




## ◈ ଇଣ୍ଡୋର ଷ୍ଟାଡିୟମରେ ଅନ୍ତର୍ଜାତୀୟ ଓପନ ଚେସ

## ସାତ୍ତ୍ୱିକଙ୍କ ସହ ୫ ଓଡ଼ିଶା ଖେଳାଳି ଅଗ୍ରଣୀ



କଟକ,୨୭।୩(ସ୍ୱପ୍ର): ଐତିହାସିକ ଜବାହର ଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ପଞ୍ଚମ ଆଇଏସ ଅନ୍ତର୍ଜାତୀୟ ଫିଡେ ରେଟେଡ ଚେସ ଚମ୍ପିୟାନସିପର ଆଜି ୨ୟ ଦିବସର ଖେଳ ଶେଷ ସୁଦ୍ଧା ଆଦିତ୍ୟ ଜେନା, ନବୀନ କେ. ଏସ, ସାତ୍ତ୍ୱିକ ସ୍ୱାଇଁ, ରୋହିତ ମଲ୍ଲିକ୍, ନାରାୟଣ ସ୍ୱାଇଁ, ସ୍ୱର୍ଣ ଖନଡେଲଓ୍ୱାଲ୍, ଲଳିତ ସାହୁ ଆର୍ୟ୍ୟନ ବ୍ରହ୍ମଚାରୀ ଅନନ୍ୟା ଓ ସାମନ୍ତ ଡିପ୍ରୋ ପ୍ରମୁଖ ୩ ରାଉଣ୍ଡରୁ ପୁରା ୩ ପଏଣ୍ଟ ହାସଲ କରି ଅଗ୍ରଣୀ ରହିଛନ୍ତି । ସେହିପରି ଅନ୍ ରେଟେଡ୍ ଖେଳାଳୀ ମାନେ ମଧ୍ୟ ଭଲ ପ୍ରଦର୍ଶନ କରୁଛନ୍ତି । ସେମାନଙ୍କ ମଧ୍ୟରୁ କମଲେଶ କୁମାର ଦେ, ଦୁର୍ଗେଶ୍ୱର୍ ଦାସ, ସ୍ମିତେଶ ଆଚାର୍ଯ୍ୟ, ଆଶୁତୋଷ ପାଢ଼ୀ, ଅବନିତ ସାହୁ ପ୍ରମୁଖ ଅଗ୍ରଣୀ ରହିଛନ୍ତି । ଆଇଏସ ଚେସ ସେଣ୍ଟର୍ ଓଡ଼ିଶା ଖେଳାଳୀ ମାନଙ୍କ ରେଟିଙ୍ଗ ବଢ଼ାଇବା ଲାଗି ନିୟମିତ ରେଟେଡ ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଥିବାରୁ କଟକ ଜିଲ୍ଲା ଚେସ ସଂଘର ସଭାପତି ବିବେକ ତିବର୍ ଓ୍ୱାଲ୍ ସାଧୁବାଦ ଜଣାଇଥିଲେ ।

ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

## ଏଲ୍‌ଏଲ୍‌ସିସି କପ୍: ଫାଇନାଲରେ ଏଲ୍‌ଏଲ୍‌ସିସି ଭୁବନେଶ୍ୱର




ଭୁବନେଶ୍ୱର,୨୭।୩(ସବ୍ୟୁ): କ୍ରମାଗତ ତୃତୀୟଥର ପାଇଁ ଏଲ୍‌ଏଲ୍‌ସିସି କପ୍ ଫାଇନାଲରେ ଏଲ୍‌ଏଲ୍‌ସିସି ଦଳ ପ୍ରବେଶ କରିଛି। ସ୍ଥାନୀୟ ଆଇଆରସି ଗ୍ରାଉଣ୍ଡରେ ଚାଲିଥିବା ୧୪ ବର୍ଷରୁ କମ ପଞ୍ଚମ ଏଲ୍‌ଏଲ୍‌ସିସି ଡ୍ରିକ୍ ବଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଆୟୋଜକ ଦଳ ପ୍ରବେଶ କରି ଟାଇଟଲର ନିକଟତର ହୋଇଛି। ସେମିଫାଇନାଲ ଲଢ଼େଇରେ ଶକ୍ତିଶାଳୀ ସହିଦ ସ୍ପୋର୍ଟିଂକୁ ୯୪ ରନରେ ହରାଇଛି ଏଲ୍‌ଏଲ୍‌ସିସି। ବ୍ୟାଟର ରୋହିତ ବିଭାର କମାଲ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ବୋଲରଙ୍କ ଦମଦାର ପ୍ରଦର୍ଶନ ଯୋଗୁଁ ଏଲ୍‌ଏଲ୍‌ସିସି ବିଜୟୀ ହୋଇଛି। ୨୦୨୪ ଓ ୨୦୨୫ରେ ମଧ୍ୟ ଫାଇନାଲରେ ପ୍ରବେଶ କରି ଚାମ୍ପିଅନ ହୋଇଥିଲା। ଏବେ ଦଳ ତୃତୀୟଥର ପାଇଁ ଟାଇଟଲ ଲଢ଼େଇରେ ସାମିଲ ହୋଇଛି। ଏହି ମ୍ୟାଚରେ ଏଲ୍‌ଏଲ୍‌ସିସି ୩୦ ଓଭରରେ ୭ ୱିକେଟ୍ ହରାଇ ୨୨୦ ରନ୍ କରିଥିଲା। ରୋହିତ ୭୭ ରନ୍, ତେଜସ ପଣ୍ଡା ୨୮, ଆର୍ଯ୍ୟ ପାଟଶାଣୀ ୨୪ ରନ୍ କରିଥିଲେ। ୨୨୧ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ସହିଦ ସ୍ପୋର୍ଟିଂ ୨୧.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୨୬ ରନ୍ କରିଥିଲା। ୭୭ ରନର ଇନିଂସ ଖେଳିଥିବା ରୋହିତ ବିଭାରଙ୍କୁ ଲିଙ୍ଗରାଜ ମିଶ୍ର ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସ୍ପୋର୍ଟିଂ ଓ ରେଡ ଷ୍ଟାର ମଧ୍ୟରେ ଖେଳାଯିବ। ରବିବାର ଟାଇଟଲ ଲଢ଼େଇ ହେବ।

### ସ୍ମାସ ଫେଷ୍ଟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଭାଗ ନେଲେ ୬୦ ପ୍ରତିଯୋଗୀ

ଭୁବନେଶ୍ୱର,୨୭।୩(ସବ୍ୟୁ): ପାହାଡିଆନ୍ ସ୍ପୋର୍ଟ୍ସ ଫାଉଣ୍ଡେସନ ଆନୁକୂଲ୍ୟରେ ୨୪ରୁ ୨୬ ତାରିଖ ୩ ଦିନ ଧରି ସ୍ମାସ ଫେଷ୍ଟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୬୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମିକ୍ସଡ ଡବଲ୍ସରେ ଫୈଶାଲ ଓ ଶିବାଙ୍ଗୀ ଚାମ୍ପିଅନ ହୋଇଥିବା ବେଳେ ଅତିଫ ଓ ସାରା ରନର୍ସ ଅପ୍ ହୋଇଛନ୍ତି। ଜମ୍ବୁଲ୍ସ ବର୍ଗରେ ମୋସିମ ଓ କିରଣ କୁମାର ଚାମ୍ପିଅନ ହୋଇଛନ୍ତି। ସୁମିତ ଓ ସୁଭ୍ର ମଣ୍ୟମ୍ ରନର୍ସ ଅପ୍ ହୋଇଛନ୍ତି। ପୁରୁଷ ଡବଲ୍ସରେ ସୌରଭ ଓ ସୂର୍ଯ୍ୟାନ ଚାମ୍ପିଅନ୍ ହୋଇଛନ୍ତି।




ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି